


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୯ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 JANUARY 2024
Vol.No. 35 ■ No.19 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଇଡିର ଚତୁର୍ଥ ସମନ ପରେ ବି ହାଜର ହେଲେ ନାହିଁ କେଜ୍ରିଓ୍ୱାଲ

### ଲୋକସଭା ନିର୍ବାଚନ ପୂର୍ବରୁ ତାଙ୍କୁ ଗିରଫ କରିବାକୁ ଚାଲିଛି ଷଡଯନ୍ତ୍ର



ନୂଆଦିଲ୍ଲୀ, ୧୮/୧ : ଆଜି ବି ଇଡିରେ ହାଜର ହେଲେନି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ । ଅବକାରୀ ଦୁର୍ନୀତି ମାମଲାରେ ହାଜର ହେବାକୁ କେଜ୍ରିଓ୍ୱାଲଙ୍କୁ ଚତୁର୍ଥ ଥର ପାଇଁ ନୋଟିସ ଜାରି କରାଯାଇଥିଲେ ମଧ୍ୟ ସେ ହାଜର ହୋଇନାହାନ୍ତି । ଲୋକସଭା ନିର୍ବାଚନ ଆସୁଥିବାରୁ ଗିରଫ ଉଦ୍ଦେଶ୍ୟରେ ଏହା ଇଡିର ଷଡଯନ୍ତ୍ର, ବିଜେପି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ନିର୍ବାଚନୀ ଅସ୍ତ୍ର ଭାବେ ବ୍ୟବହାର କରୁଛି । ଇଡି ଅଧିକାରୀ ମାନେ ଆରୋପି ମାନଙ୍କୁ ମାଡ଼ ମାରି ମିଛ ବୟାନ ଆଦାୟ କରୁଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି । ପୂର୍ବରୁ ହାଜର ପାଇଁ ଇଡି ପକ୍ଷରୁ ନୋଟିସ ଜାରି ହୋଇଥିଲେ ମଧ୍ୟ ହାଜର ହୋଇନଥିଲେ କେଜ୍ରିଓ୍ୱାଲ ।

## କନିଷ୍ଠ ଶିକ୍ଷକ ନିଯୁକ୍ତିରେ ଘୋଟାଲା: ତାତିଲେ ଆଶାୟୀ




ଭୁବନେଶ୍ୱର, ୧୮/୧ (ନି.ପ୍ର): ପରୀକ୍ଷାର୍ଥୀଙ୍କ ନାଁ ମାହାଲ ମାଣ୍ଡା । ତାଙ୍କ ବାପାଙ୍କ ନାଁ ମାହାଲ ମାଣ୍ଡା ପ୍ରୋ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଇ-ଆଡମିଟ୍ କାର୍ଡରେ ଏଭଳି ଅଜବ ନାଁକୁ ନେଇ ଖପ୍ପା ଓଡ଼ିଶା ଜୁନିଅର ଟିଚର ଆଶାୟୀ । କେବଳ ଏତିକି ନୁହେଁ, ଗୋଟିଏ ଆଡମିଟ୍ କାର୍ଡରେ ପରୀକ୍ଷାର୍ଥୀଙ୍କ ଫଟୋ ବଦଳରେ ପକ୍ଷୀର ଚିତ୍ର ଲାଗିଥିବା ଦେଖିବାକୁ ମିଳିଛି । ଓଡ଼ିଶା ଜୁନିଅର ଟିଚର(ସିବିଟି) ପରୀକ୍ଷା ମେରିଟ୍ ଲିଷ୍ଟ ପ୍ରକାଶ ପରେ ଦେଖାଦେଇଛି ତୀବ୍ର ଅସନ୍ତୋଷ । କନିଷ୍ଠ ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଅନିୟମିତତା ଅଭିଯୋଗ ଆଣିଛନ୍ତି ଆଶାୟୀ । ବହୁ ସଂଖ୍ୟାରେ ଅଶାୟୀ ଭୁବନେଶ୍ୱର ଓସେପା କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମେରିଟ୍ ଲିଷ୍ଟ ପ୍ରକାଶ ପୂର୍ବରୁ କଟ୍ ଅଫ୍ ତାଲିକା ପ୍ରକାଶ କରାଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି । ତା'ସହ ଚୂଡ଼ାନ୍ତ ଉତ୍ତର ଖାତା ନମିଳିବା, ଅଧିକ ନମ୍ବର ରଖିଥିବା ଅନେକ ପିଲା ମେରିଟ୍ ଲିଷ୍ଟରେ ନଥିବା ଅଭିଯୋଗ କରି ଅସନ୍ତୋଷ ଝାଡ଼ିଛନ୍ତି ଆଶାୟୀ । ଆଜି ବହୁ ସଂଖ୍ୟାରେ ଅଶାୟୀ କଟଅଫ ଜାଣିବାକୁ ▶▶ପୃଷ୍ଠା ୭

## ଧରାପଡ଼ିଲେ ଦୁର୍ଦ୍ଦାନ୍ତ ରାଜଧାନୀ ଆପାର୍ଟମେଣ୍ଟ ଲୁଟେରା



ଭୁବନେଶ୍ୱର, ୧୮/୧ (ନି.ପ୍ର): ଧରା ପଡ଼ିଲେ ଆପାର୍ଟମେଣ୍ଟ ଲୁଟେରା ଗ୍ରୁପ୍ । କମିଶନରେଟ୍ ପୁଲିସ୍ ଆପାର୍ଟମେଣ୍ଟ ଲୁଟେର ଗ୍ୟାଙ୍ଗର ଦୁଇ ଜଣଙ୍କୁ ଧରିଛି । ସେମାନେ ହେଲେ ଗୁଜୁରାଟର ଦିନେଶ କୁମାର ଶାହା ଓ ହରିଆଣାର ପଓ୍ୱନ କୁମାର । ନୟାପଲ୍ଲୀର ନିରୂପମା ଆପାର୍ଟମେଣ୍ଟ ଲୁଟ୍‌ରେ ଏମାନଙ୍କ ହାତ ଥିବା ଜଣାପଡ଼ିଛି । ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ୍‌ର ଉଦ୍ୟମ ଜାରି ରଖିଛି ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି । ରାଜଧାନୀ ଆପାର୍ଟମେଣ୍ଟ ଗ୍ୟାଙ୍ଗରେ ୨୦ରୁ ଅଧିକ ବ୍ୟକ୍ତି ସାମିଲ୍ ଅଛନ୍ତି । ସେମାନଙ୍କ ଭିତରୁ ଗୁଜୁରାଟର ଦିନେଶ କୁମାର ଶାହା ଓ ହରିଆଣାର ପଓ୍ୱନ କୁମାରଙ୍କୁ ଗିରଫ କରିଛନ୍ତି ପୁଲିସ୍ । କମିଶନରେଟ୍ ପୁଲିସ୍‌ର କହିବା ଅନୁସାରେ ଏମାନେ ୩ରୁ ୪ ଗ୍ରୁପ୍‌ରେ ରହିଥାଆନ୍ତି । ଆଉ ସହର ସାରା ଘୂରି ବୁଲି ଥାଆନ୍ତି । ତା'ପରେ ଆପାର୍ଟମେଣ୍ଟ୍‌କୁ ଟାର୍ଗେଟ କରନ୍ତି । ବିଶେଷ କରି ତାଲା ପଡୁନଥିବା ଓ ଦୁର୍ବଳ ସିକ୍ୟୁରିଟି ବ୍ୟବସ୍ଥା ଥିବା ଆପାର୍ଟମେଣ୍ଟକୁ ବେଶୀ ନଜର ରଖୁଥିଲେ । ତା'ପରେ ପୂରା ଗ୍ରୁପ୍ ବସି ଲୁଟ୍ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ । ଲୁଟ୍ ପୂର୍ବରୁ ଲୁଟେରାମାନେ ଗୋଟିଏ ନମ୍ବର ବିହୀନ ନୂଆ ଗାଡ଼ି କିଣୁଥିଲେ । ସେହି ଗାଡ଼ିରେ ସେମାନେ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ଆପାର୍ଟମେଣ୍ଟକୁ ଯାଇଥିଲେ । ଜଣେ ଗାଡ଼ି ଭିତରେ ରହୁଥିବା ବେଳେ ଅନ୍ୟ ଜଣେ ଆପାର୍ଟମେଣ୍ଟ ଗେଟ୍ ପାଖରେ ଛିଡ଼ା ହେଉଥିଲା । ଆଉ ଆଖ ପାଖ ଅଞ୍ଚଳକୁ ଲକ୍ଷ୍ୟ କରୁଥିଲା । ଅନ୍ୟମାନେ ସିକ୍ୟୁରିଟି ଗାର୍ଡ଼ର ଅନ୍ୟ ମନସ୍କତାର ସୁଯୋଗ ନେଇ ଆପାର୍ଟମେଣ୍ଟ ଭିତରେ ପଶୁଥିଲେ । ପ୍ରଥମେ ଯାହା ଘରକୁ ଯାଉଥିଲେ ୧୦ରୁ ୧୫ ମିନିଟ୍ ଭିତରେ ପୂରା ଘରକୁ ସଫା କରୁଥିଲେ । ଗହଣାପତ୍ର ଓ ନଗଦ ଟଙ୍କା ଲୁଟ୍ କରି ଚମ୍ପଟ ମାରୁଥିଲେ । ଲୁଟ୍ କରିବା ପରେ ଗାଡ଼ିରେ ଅନ୍ୟ ରାଜ୍ୟକୁ ଚମ୍ପଟ ମାରୁଥିଲେ । ନୟାପଲ୍ଲୀ ନିରୂପମା ଆପାର୍ଟମେଣ୍ଟ ଲୁଟ୍ ମାମଲାରେ ପୁଲିସ୍ ଦୁଇ ଲୁଟେରାଙ୍କୁ ▶▶ପୃଷ୍ଠା ୭

### ଏପ୍ରିଲ ୩୦ ସୁଦ୍ଧା ସରିବ ନାଟମଣ୍ଡପ ବିମ୍ ମରାମତି

ଭୁବନେଶ୍ୱର, ୧୮/୧ (ନି.ପ୍ର): ଆଗାମୀ ଏପ୍ରିଲ ୩୦ ସୁଦ୍ଧା ସରିବ ଶ୍ରୀମନ୍ଦିର ଜଗମୋହନ ନାଟମଣ୍ଡପ ବିମ୍ ମରାମତି କାର୍ଯ୍ୟ । ହାଇକୋର୍ଟରେ ଶ୍ରୀମନ୍ଦିର ଜଗମୋହନ ନାଟମଣ୍ଡପ ମରାମତି ମାମଲା ଶୁଣାଣି ବେଳେ ଏ ନେଇ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ଆମିକସ୍‌କ୍ୟୁରୀ । ଆମିକସ୍‌କ୍ୟୁରୀ କହିଛନ୍ତି ଗତ ଜାନୁଆରୀ ୧୦ ତାରିଖରେ ଏଏସଆଇ ଓ କୋର୍ କମିଟି ନାଟମଣ୍ଡପ ବିମ୍ ଡିଜାଇନ୍ ଚୂଡ଼ାନ୍ତ କରିଛନ୍ତି ।

## ଜାନୁଆରୀ ୨୨ରେ ହାଫ୍ ଡେ' ଛୁଟି ଘୋଷଣା କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୧୮/୧ : ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ସେହିଦିନ ରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ । ଏହାକୁ ନେଇ ଲୋକେ ଉତ୍ସାହିତ ଥିବା ବେଳେ ସେହିଦିନ କେନ୍ଦ୍ର ସରକାର ହାଫ୍ ଡେ' ଛୁଟି ଘୋଷଣା କରିଛନ୍ତି । ସାରା ଦେଶରେ ଥିବା କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ଶିଳ୍ପାନୁଷ୍ଠାନ ପାଇଁ ଏହି ନିର୍ଦ୍ଦେଶ ଜାରି ହୋଇଛି । ସେହିଦିନ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଏଗୁଡ଼ିକ ଛୁଟି ରହିବ । ପୂର୍ବରୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ତାଙ୍କ ରାଜ୍ୟରେ ସେହିଦିନ ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ସେହିଦିନ ଅଯୋଧ୍ୟାର ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଓଡ଼ିଶାରେ ସମସ୍ତ ସରକାରୀ ଅଫିସ୍ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିଲା । ଜାନୁଆରୀ ୨୨ରେ ମଧ୍ୟରେ ରାଜ୍ୟରେ ଛୁଟି ଘୋଷଣା କରିବାକୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖି ଦାବି ଜଣାଇଥିଲେ । ତେବେ ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ପ୍ରତିକ୍ରିୟା ଦିଆଯାଇନାହିଁ ।

## ଡଙ୍ଗା ଓଲଟି ୧୩ ଛାତ୍ରଛାତ୍ରୀ ଓ ୨ ଶିକ୍ଷକ ମୃତ, ୯ ନିଖୋଜ



ନୂଆଦିଲ୍ଲୀ, ୧୮/୧ : ପିକ୍‌ନିକ୍ କରିବାକୁ ଯାଇଥିଲେ । ହ୍ରଦରେ ଡଙ୍ଗାରେ ବସି ମଜା ନେଉଥିଲେ । ହେଲେ ଘଟିଲା ଅଘଟଣ । ଓଲଟି ପଡ଼ିଲା ଡଙ୍ଗା । ଚାଲିଗଲା ୧୪ ଜୀବନ । ମୃତକଙ୍କ ମଧ୍ୟରେ ୧୩ ଜଣ ଛାତ୍ରଛାତ୍ରୀ ଥିବା ବେଳେ ୨ ଜଣ ଶିକ୍ଷକ ଅଛନ୍ତି । ଆହୁରି ୭ ଜଣ ନିଖୋଜ ଅଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ଶିକ୍ଷକ ଓ ୮ ଛାତ୍ରଛାତ୍ରୀ ଅଛନ୍ତି । ଏହି ଘଟଣା ଘଟିଛି ଗୁଜରାଟର ବଡ଼ୋଦରାର ହରଣି ହ୍ରଦରେ । ମୃତକମାନେ ନ୍ୟୁ ସନ୍‌ରାଇଜ୍ ନାମକ ଏକ ଘରୋଇ ସ୍କୁଲ୍‌ର ଛାତ୍ରଛାତ୍ରୀ ଓ ଶିକ୍ଷକ ଥିଲେ । ଆଜି ଅପରାହ୍ନରେ ଏହି ଘଟଣା ଘଟିଥିଲା । ଦୁର୍ଘଟଣା ବେଳେ ଡଙ୍ଗାରେ ୩୪ ଜଣ ଥିଲେ । ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟମାନେ ନିଖୋଜ ଅଛନ୍ତି । ନିଖୋଜ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ଉଦ୍ଧାର କରିବାକୁ ଏନ୍‌ଡିଆରଏଫ୍ ଓ ଦମକଳ ବାହିନୀ ନିୟୋଜିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ମୃତକଙ୍କ ପରିବାର ଲୋକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ସେ ଘୋଷଣା କରିଛନ୍ତି । ▶▶ପୃଷ୍ଠା ୭

### ଦୂରଦର୍ଶନରେ ଶ୍ରୀ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠାର ହେବ ସିଧା ପ୍ରସାରଣ

ଅଯୋଧ୍ୟା, ୧୮/୧ (ନି.ପ୍ର): ସୂଚନା ପ୍ରସାରଣ ମନ୍ତ୍ରଣାଳୟ, ଭାରତ ସରକାର ତଥା ସୂଚନା ନିର୍ଦ୍ଦେଶକ ଉତରପ୍ରଦେଶ ଶିଶିର ଅଯୋଧ୍ୟାରେ ଶ୍ରୀ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମ୍ପର୍କରେ ଏକ ମିଡିଆ ଆଡଭାଇଜରୀ ଜାରି କରିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ, ଭାରତ ସରକାରଙ୍କ ଡେପୁଟି ଡାଇରେକ୍ଟର ସୂଚନା ଅଯୋଧ୍ୟା ଧାମ ଏବଂ ମିଡିଆ ପ୍ରଭାରୀ ଦାୟିତ୍ୱରେ ଥିବା ଲୋକ ଭବନ ଲକ୍ଷ୍ନଉ ଡା. ମୁରଲୀଧର ସିଂହ କହିଛନ୍ତି ।

## ଶ୍ରମିକଙ୍କ ଉପରେ ମାଡ଼ିଗଲା ବୋରଓ୍ୱେଲ୍ ଗାଡ଼ି: ୪ ମୃତ




ବରଗଡ଼, ୧୮/୧ (ନି.ପ୍ର): ଶ୍ରମିକଙ୍କ ଉପରେ ମାଡ଼ିଗଲା ବୋରଓ୍ୱେଲ୍ ଗାଡ଼ି । ଘଟଣାସ୍ଥଳରେ ୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ବିର୍ଜାମ ଗାଁରେ ଏହି ଦୁର୍ଘଟଣା ଘଟିଛି । ସମସ୍ତ ମୃତାହତ ମଧ୍ୟପ୍ରଦେଶର ହୋଇଥିବା ଜଣାଯାଇଛି । ଗତକାଲି ରାତିରେ ବିର୍ଜାମ ଗାଁରେ ବୋରଓ୍ୱେଲ୍ ଖୋଳାଯାଉଥିଲା । ତେଲ ସରିଯିବାରୁ କିଛି ଶ୍ରମିକ ମାନେ ତେଲ ପାଇଁ ନିକଟ ବଜାରକୁ ଯାଇଥିଲେ । ଅନ୍ୟ ୫ଜଣ ଶ୍ରମିକ ଗାଡ଼ି ପାଖରେ ଶୋଇଥିବା ବେଳେ ଡ୍ରାଇଭର ଗାଡ଼ି ଭିତରେ ଶୋଇଥିଲେ । ତେଲ ନେଇ ଅନ୍ୟ ଶ୍ରମିକମାନେ ଫେରିଲା ବେଳେ ୫ଜଣ ଶ୍ରମିକଙ୍କ ଉପରେ ଗାଡ଼ି ଚଢ଼ିଯାଇଥିବା ଦେଖିଥିଲେ । ଏହାସହ ଡ୍ରାଇଭର ଘଟଣାସ୍ଥଳରେ ନଥିବା ଶ୍ରମିକ ମାନେ ଦେଖିଥିଲେ । ଏନେଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଶ୍ରମିକମାନଙ୍କୁ ଉଦ୍ଧାର କରି ଡାକ୍ତରଖାନରେ ଭର୍ତ୍ତି କରିଥିଲା । ଡାକ୍ତର ୪ଜଣ ଶ୍ରମିକଙ୍କୁ ମୃତ ଘୋଷଣା କରିଥିବା ବେଳେ ଜଣେ ଶ୍ରମିକଙ୍କ ଅବସ୍ଥା ଗୁରୁତର ରହିଛି । ପୁଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି । ଏହାସହ ମୃତହହାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ସୂଚନା ରହିଛି ।

### ଦିଲ୍ଲୀ ହାଇକୋର୍ଟରୁ ମହୁଆଙ୍କୁ ଝଟକା

ନୂଆଦିଲ୍ଲୀ, ୧୮/୧ : ଲାଞ୍ଚ ନେଇ ପ୍ରଶ୍ନ କରିବା ମାମଲାରେ ଲୋକସଭାରୁ ବହିଷ୍କୃତ ହୋଇଥିବା ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ରାଙ୍କୁ ଝଟକା ଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ । ସରକାରୀ ବଙ୍ଗଳା ଖାଲି କରିବା ନେଇ ତାଙ୍କୁ ଯେଉଁ ନୋଟିସ୍ ପଠାଯାଇଛି, ତାକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମହୁଆ । ତେବେ ଉକ୍ତ ନୋଟିସ୍ ? ଉପରେ ରୋକ୍ ଲଗାଇବାକୁ ଆଜି ହାଇକୋର୍ଟ ମନା କରି ଦେଇଛନ୍ତି । ସରକାରୀ ବଙ୍ଗଳାରେ ରହିବା ପାଇଁ ମହୁଆଙ୍କର ଆଉ କୌଣସି ଅଧିକାର ନାହିଁ କହି କୋର୍ଟ ଆଜି ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ । ଗତ ଡିସେମ୍ବର ୮ ତାରିଖରେ ମହୁଆଙ୍କୁ ଲୋକସଭାରୁ ବହିଷ୍କାର କରାଯିବା ପରେ ଜାନୁଆରୀ ୭ ତାରିଖ ସୁଦ୍ଧା ସରକାରୀ ବଙ୍ଗଳା ଖାଲି କରିବାକୁ ତାଙ୍କୁ ଡିଓଇଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଏହି ନୋଟିସ୍ ?କୁ ଚ୍ୟାଲେଞ୍ଜ କରି ମହୁଆ ମୋଇତ୍ରା ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ସରକାରୀ ବଙ୍ଗଳାରେ ରହିବା ପାଇଁ ଅନୁମତି ଦେବାକୁ ଡିଓଇ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବାକୁ କୋର୍ଟ ଜାନୁଆରୀ ୪ ତାରିଖରେ ମହୁଆଙ୍କୁ କହିଥିଲେ । ଜାନୁଆରୀ ୭ ତାରିଖ ସୁଦ୍ଧା ମହୁଆ ସରକାରୀ ବଙ୍ଗଳା ନଛାଡ଼ିବାରୁ ୧୧ ତାରିଖରେ ଦ୍ୱିତୀୟ ନୋଟିସ୍ ପଠାଇଥିଲା ଡିଇଓ । ଅନ୍ୟପକ୍ଷରେ ତାଙ୍କୁ ସରକାରୀ ବଙ୍ଗଳାରେ ରହିବା ପାଇଁ ଅନୁମତି ଦେବାକୁ ଯୁକ୍ତି ଦର୍ଶାଇ ମହୁଆ ଡିଇଓକୁ ଏକ ଚିଠି ଲେଖିଥିଲେ ।

## ଚେତାବନୀର ୨୪ଘଂଟା ପରେ ଇରାନ ଉପରେ ଏୟାରଷ୍ଟ୍ରାଇକ କଲା ପାକିସ୍ତାନ



ନୂଆଦିଲ୍ଲୀ, ୧୮/୧ : ମଙ୍ଗଳବାର ଏୟାରଷ୍ଟ୍ରାଇକ, ବୁଧବାର ପ୍ରତିଶୋଧ । ଇରାନକୁ ପାଲଟା ଜବାବ ଦେଇ ଘନ ଘନ ଆକ୍ରମଣ କରିଛି ପାକିସ୍ତାନ । ଇରାନର ଆତଙ୍କୀ ଠିକଣା ଉପରେ ପାକିସ୍ତାନ ମିସାଇଲ ଓ ଡ୍ରୋନ ଆକ୍ରମଣ କରି ମାଟିରେ ମିଶାଇଛି । ମଙ୍ଗଳବାର ବଲୁଚିସ୍ତାନ ଲିବରେସନ ଫୋର୍ସ, ଲିବରେସନ ଆର୍ମି ପୋଷ୍ଟ ଉପରେ ପାକିସ୍ତାନ ଆକ୍ରମଣ କରିଥିବା ଜଣାପଡିଛି । ଇରାନର ସିସ୍ତାନ ଓ ସରଓ୍ୱାନ ସହରରେ ରହିଛି ଏମାନଙ୍କ ମୁଖ୍ୟ ଠିକଣା । ପାକିସ୍ତାନ ଏହାକୁ ସେନା କାର୍ଯ୍ୟାନୁଷ୍ଠାନର ନାଁ ଦେଇଛି । ପାକ ସେନା ଅପରେସନ ନାଁ ଦେଇଛି 'ମାର୍ଗ ବାର ସରମାଚାର' । ଆକ୍ରମଣ ପରେ ପାକିସ୍ତାନ ସେନା ପକ୍ଷରୁ ବିବୃତି ଜାରି କରାଯାଇଛି । ପାକ ସେନା କହିଛି ୪୮ଘଂଟା ମଧ୍ୟରେ ଶତ୍ରୁଙ୍କୁ ଉଚିତ ଜବାବ ଦିଆଯାଇଛି । ଇରାନ ଦୀର୍ଘବର୍ଷ ଧରି ଆତଙ୍କୀଙ୍କୁ ଆଶ୍ରୟ ଦେଇ ଆସୁଛି । ବାରମ୍ବାର ଚେତାବନୀ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ଇରାନ । ପାକିସ୍ତାନର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ । ଆତଙ୍କୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଇରାନ ମଙ୍ଗଳବାର ପାକିସ୍ତାନର ଜୈଶ ଅଲ ଅଦଲ ଆତଙ୍କୀ ସଂଗଠନର ମୁଖ୍ୟାଳୟରେ ଉପରେ ମିସାଇଲ ମାଡ଼ କରିଥିଲା । ଏହାର ପ୍ରତିଶୋଧ ନେବାକୁ ଯାଇ ପାକିସ୍ତାନ ପକ୍ଷରୁ ଇରାନର ଅନେକ ଆତଙ୍କୀ ଠିକଣା ଉପରେ ରକେଟ ମାଡ କରାଯାଇଛି । ଇରାନର ଆକ୍ରମଣକୁ ବର୍ଦ୍ଦାସ୍ତ କରାଯିବନି ବୋଲି ଚେତାବନୀ ଦେବାର କିଛି ଘଂଟା ମଧ୍ୟରେ ହିଁ ପାକିସ୍ତାନ ପାଲଟା ଆକ୍ରମଣ କରିଛି । ପାକିସ୍ତାନ ଅଭିଯୋଗ କରିଛି ଯେ ମଙ୍ଗଳବାର ବଲୁଚିସ୍ତାନ ଲିବରେସନ ଫୋର୍ସ, ଲିବରେସନ ଆର୍ମି ପୋଷ୍ଟ ପାକିସ୍ତାନ

## ଅଯୋଧ୍ୟା ମନ୍ଦିରରେ ପ୍ରବେଶ କଲେ ରାମଲଲା



ଅଯୋଧ୍ୟା, ୧୮/୧: ଅଯୋଧ୍ୟା ମନ୍ଦିରକୁ ପ୍ରବେଶ କଲେ ଭଗବାନ ରାମଲଲା । ଏକ ବଡ କ୍ରେନ ସହାୟତାରେ ରାମଲାଲାଙ୍କ ବିଗ୍ରହକୁ ଅଯୋଧ୍ୟା ମନ୍ଦିରର ପରିସରକୁ ନିଆଯାଇଛି । ସ୍ୱତନ୍ତ୍ର ପୂଜା ଓ ରୀତିନୀତି ପରେ ରାମଲଲାଙ୍କୁ ଆଜି ଗର୍ଭଗୃହକୁ ନିଆଯିବ । ପ୍ରଥମେ ଏକ ଟ୍ରକ୍ ସହାୟତାରେ ରାମପଥ ଦେଇ ରାମଲାଲାଙ୍କ ବିଗ୍ରହକୁ ମନ୍ଦିର ପରିସରକୁ ନିଆଯାଇଥିଲା । ପୁଣି ମନ୍ଦିର ପରିସରରେ ଏକ କ୍ରେନ୍ ସହାୟତାରେ ଟ୍ରକରୁ ରାମଲାଲାଙ୍କ ବିଗ୍ରହକୁ ନିଆଯାଇ ମନ୍ଦିର ମଧ୍ୟରେ ସ୍ଥାପନ କରାଯାଇଛି । ଅଯୋଧ୍ୟାରେ ୨୨ ଜାନୁଆରୀରେ ହେବାକୁ ଥିବା ପ୍ରାଣ ପ୍ରତିଷ୍ଠା ସମାରୋହ ପୂର୍ବରୁ ୬ ଦିନ ଯାଏ ଚାଲିବାକୁ ଥିବା ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ୧୬ ଜାନୁଆରୀରୁ ଆରମ୍ଭ ହୋଇସାରିଛି । ଆଜି କାର୍ଯ୍ୟକ୍ରମର ତୃତୀୟ ଦିନ । ▶▶ପୃଷ୍ଠା ୭

# ସେଲ ରାଉରକେଲା ଇସ୍ପାତ କାରଖାନାର ଅର୍ଥ ବିଭାଗର କର୍ମଚାରୀଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ 'ସାବାସ ପୁରସ୍କାର' ଲାଭ




ରାଉରକେଲା, ୧୮/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ବିତ୍ତ ଓ ଲେଖା ବିଭାଗରେ ଜାନୁୟାରୀ ୧୩ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ ଅଧକ୍ଷତା କରି ବିତ୍ତ ଓ ଲେଖା ବିଭାଗର ମହା ପ୍ରବନ୍ଧକ ଶ୍ରୀ ଅଜୟ କୁମାର ଅଗ୍ରୱାଲ ଏବଂ ରାଜୀବ ମୁନସି, ସିନିୟର ମ୍ୟାନେଜର ଶ୍ରୀ ସୁଧୀର ଦାସ, ସିନିୟର ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ ଶ୍ରୀ ଜୋସ୍ ପ୍ରକାଶ ତଥା ଅଫିସ ଆଟେଣ୍ଡାଣ୍ଟ ଶ୍ରୀ ଦେବପ୍ରସାଦ ଜେନାଙ୍କୁ ସେମାନଙ୍କର କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସାବାସ ପୁରସ୍କାର ଯୋଜନା ଅଧୀନରେ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ବେହୁରିଆ କର୍ମଚାରୀଙ୍କ ଦ୍ୱାରା ସମ୍ପାଦିତ ଉତ୍ତମ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଏହିପରି କାର୍ଯ୍ୟ ସାମୂହିକ କର୍ମଚାରୀଙ୍କ ମଧ୍ୟରେ ଉତ୍କର୍ଷତାର ସଂସ୍କୃତି ବିସ୍ତାର କରିବ ବୋଲି ଆଶା ପ୍ରକଟ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଅଗ୍ନି ବୀମା ଦାବିକୁ ଅନୁସରଣ କରିବାରେ ସକ୍ରିୟ ଯୋଗଦାନ ତଥା ସ୍କ୍ରାପ୍ ମୂଲ୍ୟ ହ୍ରାସ କରି କାରଖାନାର ୨୭.୪୯ ଲକ୍ଷ ରାଜସ୍ୱ ଅର୍ଥ ରାଶି ବୃଦ୍ଧି ପାଇଁ ଶ୍ରୀ ଅଜୟ କୁମାର ଅଗ୍ରୱାଲଙ୍କୁ ସାବାସ ପୁରସ୍କାର ଯୋଜନାରେ ପୁରସ୍କୃତ କରାଯାଇଥିଲା। ଶ୍ରୀ ରାଜୀବ ମୁନ୍ସି ତାଙ୍କର ନିରନ୍ତର ପ୍ରୟାସ, ଉତ୍ସର୍ଗୀକୃତ ଏବଂ ସଂପୃକ୍ତ ବିଭାଗଗୁଡିକ ସହିତ ଘନିଷ୍ଠ ସମନ୍ୱୟ ଏବଂ ଏସଏପି ରେ ୮୪୬୦୦୦ ଟିଇ ର ଘୋସ୍ଟ ଷ୍ଟକକୁ ସଫଳତାର ସହିତ ହଟାଇବା ଏବଂ ବାକି ଥିବା ଏସଏଏଫ ପ୍ରତ୍ୟାହାରରେ ସହାୟତା ପାଇଁ ପୁରସ୍କୃତ ହୋଇଥିଲେ। ସେହିଭଳି ସିନିୟର ମ୍ୟାନେଜର ଶ୍ରୀ ସୁଧୀର ଦାସ ତାଙ୍କ କାର୍ଯ୍ୟକ୍ଷେତ୍ରରେ ତାଙ୍କର ପ୍ରତିବଦ୍ଧତା, ଉତ୍ସର୍ଗୀକୃତତା ଏବଂ ନୈତିକ ମୂଲ୍ୟବୋଧ ପାଇଁ ପୁରସ୍କୃତ ହୋଇଥିବାବେଳେ ଆର୍ଥିକ କ୍ଷେତ୍ରରେ ଅନ୍ତର୍ନିହିତତା ଏବଂ ପ୍ରତିବଦ୍ଧତା ପାଇଁ ଶ୍ରୀ ଜୋସ୍ ପ୍ରକାଶ ପୁରସ୍କୃତ ହୋଇଥିଲେ । ଇପିଏଫଓ ସହିତ ସମସ୍ୟାର ସମାଧାନ ପାଇଁ ଶ୍ରୀ ଦେବପ୍ରସାଦ ଜେନାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏଫ ଏଣ୍ଡ ଏ ବିଭାଗର ଜି ଏମ ଶ୍ରୀ ପି ବିଜୟନ ସଂଯୋଜନା କରିଥିଲେ ।

## ଶିଶୁପ୍ରେମୀ ପ୍ରବୀଣ ମିଶ୍ରଙ୍କ ଶ୍ରାଦ୍ଧ ସମାରୋହ

ବଲାଙ୍ଗୀର, ୧୮/୧ (ନି.ପ୍ର): ଟିକ୍ରାପଡା ଦଧିବାମନ ମନ୍ଦିରରେ ଶିଶୁ ବିକାଶ କେନ୍ଦ୍ର ତରଫରୁ ମହାନ ଶିଶୁପ୍ରେମୀ ତଥା ଶିଶୁ ବିକାଶ କେନ୍ଦ୍ରର ପ୍ରାଣ ପ୍ରତିଷ୍ଠାତା ପ୍ରବୀଣ ମିଶ୍ରଙ୍କ ୩୭ ତମ ଶ୍ରାଦ୍ଧ ସମାରୋହ ପାଳିତ ହୋଇଯାଇଛି । ଉପଦେଷ୍ଟା ଜୟରାମ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରେମଚାନ୍ଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରବୀଣ ମିଶ୍ରଙ୍କ ସରଳ ଓ ଆଦର୍ଶ ଜୀବନ ଉପରେ ଆଲୋକପାତ କରି କହିଥିଲେ ଯେ, ପ୍ରବୀଣ ମିଶ୍ର ଚାଲିଯିବାର ଦିର୍ଘ ବର୍ଷ ପରେ ମଧ ତାଙ୍କ ସ୍ମରଣ କରାଯାଉଛି । ଏଥିରୁ ଅନୁମେୟ ଯେ ପ୍ରବୀଣ ମିଶ୍ର କିପରି ନିଃସ୍ୱାର୍ଥପର ସେବକ ଥିଲେ । ଏହି ସଭାରେ ଅନୁଷ୍ଠାନର ବର୍ଷିୟାନ ସଭ୍ୟ ଯୁଧିଷ୍ଠିର ବାରିକଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହିତ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# ୧୧ ଶହ ଆଦିବାସୀଙ୍କ ନାଁରେ ୱାରେଣ୍ଟ



କୋରାପୁଟ, ୧୮/୧ (ନି.ପ୍ର): ୧୧ ଶହ ଆଦିବାସୀଙ୍କ ନାଁରେ ୱାରେଣ୍ଟ। ଗିରଫ ଆଶଙ୍କାରେ ଗାଁ ଗାଁରେ କୋକୁଆ ଭୟ। ଏଭଳି ଘଟଣା ଘଟିଛି କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକରେ। ଚାଷୀମୂଲିଆ ଆଦିବାସୀ ସଙ୍ଘର ଆଦିବାସୀ କର୍ମକର୍ତ୍ତାଙ୍କ ନାଁରେ ୱାରେଣ୍ଟ ଜାରି ହୋଇଛି।

ଗତ ସପ୍ତାହରେ ସଂଘର କିଛି କର୍ମକର୍ତ୍ତାଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ କର୍ମକର୍ତ୍ତା ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। କେତେବେଳେ ପୁଲିସ ରାତିରେ ଘରେ ପଶି ଉଠାଇନେବ, କେହି ଜାଣିପାରୁ ନାହାନ୍ତି। ତେଣୁ କିଏ ସମ୍ପର୍କୀୟ ଘରେ ଆଶ୍ରୟ ନେଉଛି ତ ଆଉ କିଏ ଗାଁ ବାହାରେ ଲୁଚୁଛି। ଘରେ ନରହି ଜଙ୍ଗଲରେ ରାତି କାଟୁଛନ୍ତି ଗରିବ ଆଦିବାସୀ। ଜଣେ ପୀଡ଼ିତ ଆଦିବାସୀ କହିଛନ୍ତି, ଆତ୍ମସମର୍ପଣ କଲେ ମାମଲା ହେବନି ପୁଲିସ କହୁଛି। କିନ୍ତୁ ଆତ୍ମସମର୍ପଣ ପରେ ପୁଲିସ କୋର୍ଟ ଚାଲାଣ କରିଦେଉଛି। ଏପରି ସ୍ଥିତିରେ ଆମେ ପୁଲିସ ଉପରେ କେମିତି ବିଶ୍ୱାସ କରିବୁ ବୋଲି ପୀଡ଼ିତ ଜଣକ କହିଛନ୍ତି। ଏନେଇ କେହି ଭୟଭୀତ ନହେବାକୁ ଥାନା ଅଧିକାରୀ ଶୁଷମା କହଂର ଓ ଲକ୍ଷ୍ମୀପୁର ଝଉଚଙ୍ଗ ବିରଞ୍ଚି ନାରାୟଣ ଜଗତ କହିଛନ୍ତି। ବର୍ତ୍ତମାନ ଏହି ଅଭିଯାନ ୧୭ ଜାନୁଆରୀ ଯାଏଁ ଚାଲିବ। କୋର୍ଟର ନିର୍ଦ୍ଦେଶ ମାନିବାକୁ ପଡୁଛି ବୋଲି କହିଛନ୍ତି। ସୂଚନା ଅନୁସାରେ ଦୀର୍ଘ ଦୁଇ ଦଶନ୍ଧି ଧରି ନାରାୟଣପାଟଣା ବ୍ଲକ ଅଞ୍ଚଳରେ ରେ ମଦ ଓ ଗୋଟି ପ୍ରଥାକୁ ବିରୋଧ କରିବା ପାଇଁ ଗଢିଉଠିଥିଲା ଚାଷୀ ମୁଲିଆ ଆଦିବାସୀ ସଙ୍ଗଠନ। ଏହି ସଙ୍ଗଠନ ଆଦିବାସୀଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଲଢେଇ କରୁଥିଲା। ଏହାର ନେତୃତ୍ୱ ନେଉଥିଲେ ନାଚିକା ଲିଙ୍ଗା। ପରବର୍ତ୍ତି ସମୟରେ ସଙ୍ଗଠନ ଦୃର୍ବଳ ହୋଇଥିଲା। ଆଉ ଗିରଫ ହୋଇଥିଲେ ସଙ୍ଗଠନର ସଭାପତି ନାଚିକା ଲିଙ୍ଗା। ତାପରେ ସଙ୍ଗଠନ ସମ୍ପୁର୍ଣ୍ଣ ଦୁର୍ବଳ ହୋଇଯାଇଥିଲା। କିନ୍ତୁ ସଙ୍ଗଠନ କର୍ମକର୍ତ୍ତାଙ୍କ ନାଁରେ ଥିବା ମାମଲା ଗୁଡ଼ିକ ପ୍ରତ୍ୟାହାର ହୋନଥିଲା। ସଙ୍ଗିଗଠନର କର୍ମକର୍ତ୍ତାଙ୍କୁ ଗିରଫ କରିବା ପାଇଁ ପୁଲିସ ୱାରେଣ୍ଟ ଜାରି କରିଥିଲା। ଆଉ ରାତି ଅଧିଆ ଚଢୋଉ କରି ବହୁ କର୍ମ କର୍ତ୍ତାଙ୍କୁ ଗିରଫ କରିଥିଲା। ଯେଉଥି ପାଇଁ ଭୟରେ ଆଦିବାସୀ ମାନେ ଗାଁ ଛାଡ଼ିବାକୁ ବାଧ ହୋଇଥିଲେ।

## ଜ୍ଞାନଦୀପ ପାଠାଗାର ପକ୍ଷରୁ ମେଧାବୃତି ଅନ୍ୱେଷଣ

କେନ୍ଦ୍ରାପଡ଼ା, ୧୮/୧ (ନି.ପ୍ର): କେନ୍ଦ୍ରାପଡା ତିନିମୁହାଣୀସ୍ଥିତ ଜ୍ଞାନଦିପ ପାଠାଗାର ପକ୍ଷରୁ ଜିଲ୍ଲାସ୍ତରୀୟ ମେଧାବୃତି ଅନ୍ୱେଷଣ-୨୦୨୩ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପାଠାଗାରଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ପ୍ରତ୍ୟେକ ବ୍ଲକ ସ୍ତରରେ ଅନ୍ୱେଷଣ ପାଇଁ ମେଧାବତି ପରୀକ୍ଷା କରାଯିବ । ଏହି ପରୀକ୍ଷାରେ ଜିଲ୍ଲାରୁ କୃତକାର୍ଯ୍ୟ ହୋଇଥିବା ନବମ ଓ ଦଶମ ପ୍ରତ୍ୟେକ ଶ୍ରେଣୀର୧୦ଜଣ ଲେଖାଁଏ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମାସକୁ ୨୦୦ଟଙ୍କା ଲେଖାଏଁ ବର୍ଷକୁ ୨୪୦୦ଟଙ୍କା ପ୍ରଦାନ କରାଯିବ । ଏହିପରି ୨ ବର୍ଷ ପର୍ଯ୍ୟନ୍ତ ବୃତି ପ୍ରଦାନ କରାଯିବ ବୋଲି ପାଠାଗାର ପକ୍ଷରୁ ସୂଚନା ଦିଆଯାଇଛି । ମେଧାବୃତି ଏହି ବର୍ଷ ମାର୍ଚ୍ଚ ମାସ ୨୦ତାରିଖ ମଧ୍ୟରେ ଆବେଦନ କରାଯାଇପାରିବ ଓ ଇଚ୍ଛୁକ ପରୀକ୍ଷାର୍ଥୀ ଆବେଦନ କରିବାର ଏକ ମାସ ମଧ୍ୟରେ ପରୀକ୍ଷା କରାଯିବ ଓ ସମ୍ପୂର୍ଣ୍ଣ ସୁଚନା ପାଇଁ ୭୬୫୩୮୬୨୯୪୪ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ସମ୍ପାଦକ ବିଶ୍ୱନାଥ ସାହୁ ସୂଚନା ଦେଇଛନ୍ତି ।

# ବିଲରେ ପାଣି ନ ମାଡିବାରୁ ହେକ୍ଟର ହେକ୍ଟର ଚିନାବାଦାମ କ୍ଷେତ ନଷ୍ଟ ହବାକୁ ବସିଲାଣି

ମାଲକାନଗିରି, ୧୮/୧ (ନି.ପ୍ର): ରବି ଋତୁ ଆରମ୍ଭ ରୁ ହଟହଟା ଚାଷୀ କୁଳ । ବିଲରେ ପାଣି ନ ମାଡିବାରୁ ହେକ୍ଟର ହେକ୍ଟର ଚିନା ବାଦାମ କ୍ଷେତ ଏବେ ନଷ୍ଟ ହବାକୁ ବସିଲାଣି । ସେପଟେ କେନାଲ ମରାମତି କଥା କହି ଦୋଶ ଲଦା ଲଦି ହୋଉଛନ୍ତି ଜଳସେଚନ ଓ ପୌର ପରିଷଦ । ଆଉ ବାର ଦୁଆର ବୁଲି ବୁଲି କୌଣସି ସୁଫଳ ନ ପାଇ ଏବେ ନିଜ ଭାଗ୍ୟ କୁ ଆଦରି ପଡିଛନ୍ତି ମାଲକାନଗିରି ତମସା ପଂଚାୟତ ଓ ପୌରାଂଚଳ ଚାଷୀ ।ରବି ଫସଲ ଆରମ୍ଭରୁ ସମସ୍ୟା । ବିଲକୁ ମାଡି ପାରୁନି କେନାଲ ପାଣି । ମାଲକାନଗିରି ଜିଲ୍ଲା ସଦର ମହକୁମାର ଆଖପାଖ ଗାଁ ତଥା ତମସା ଗାଁରେ ଏହି ସମସ୍ୟା ଦେଖିବାକୁ ମିଳିଛି । ଧାନ ଚାଷ ସାରି ପ୍ରତିବର୍ଷ ପରି ଏଥର ମଧ ନିଜ ବିଲରେ ଚିନା ବାଦାମ ଚାଷ କରି ଥିଲେ ମାଲକାନଗିରିର ବିଭିନ୍ନ ଅଂଚଳର ଚାଷୀ ମାନେ । ବର୍ଷା ପରେ ଓଦା ଜମିରେ ଚିନାବାଦମ ଚାଷ ସିନା କରି ଦେଲେ । ହେଲେ ଚିନା ବାଦାମ ଚାରା ବଡ ହେଲା ବେଳକୁ ବିଲରେ ଆଉ ପାଣି ଯୋଗାଇ ପାରୁନାହାନ୍ତି ଚାଷୀ କୁଳ । କାରଣ କେନାଲରେ ଆଉ ପାଣି ଯୋଗାଉ ନାହାନ୍ତି ଜଳ ସେଚନ ବିଭାଗ । ମାଲାକନଗିରି ଏମଭି ୪୩ ଗାଁ ର ଚାଷୀ ଖଗେନ ମଣ୍ଡଳ ଏକର ପିଛା ୨୫ ହଜାର ଦରରେ ଓ ଖଗେନ ମଣ୍ଡଳ ୪ ଏକର ଜମିରେ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ପାଣି ନମାଡିବାରୁ ଚାଷ ନଷ୍ଟ ହୋଇଯିବ । ଆଉ କ୍ଷତିରେ ପଡିବେ ଚାଷୀକୁ । ଏନେଇ ଚିନ୍ତାରେ ପଡିଛନ୍ତି ଚାଷୀ ।ସୁଖିଲା ପଡିଛି କେନଲା । ବନ୍ଧ ଭାର୍ଗି ସୌନ୍ଦର୍ଯ୍ୟକରଣ କରୁଛି ପୌରପରିଷଦ । ସତିଗୁଡା ଜଳ ଭଣ୍ଡାରରୁ ବାହାରି ଥିବା କେନାଲ ମାଲକାନଗିରି ପୌରାଂଚଳ ର ବଡ ପୋଖରି ଦେଇ ତାମସା ଦିଗକୁ ଯାଇ ଥାଏ ପାଣି । ରବି ଫସଲ ସମୟରେ ପ୍ରାୟ ୧୦୦୦ ହେକ୍ଟର ଚାଷ ଜମିକୁ ଜଳ ସେଚନ ହୋଇଥାଏ । ତେବେ ଚାଷ ସମୟରେ ପୌର ପରିଷଦ ମୁକ୍ତା ଯୋଜନାରେ ବୃହତପୋଖରିର ପୁନରୁଦ୍ଧାର କାମ କରୁଥିବାରୁ ଏପରି ପରିସ୍ଥିତି ଉପୁଜୁଛି । ଏ ନେଇ ବାରମ୍ବାର ଚାଷୀ ମାନେ ବାରମ୍ବାର ଅଭିଯୋଗ କରିବା ସହ ସମାଧାନ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରେ ଚାଷୀଙ୍କୁ ଉଚିତ ସମୟରେ କେନାଲ ପାଣି ଯୋଗାଯାଇପାରିଲେ ସେମାନେ ଉପକୃତ ହାଇପାରିବେ ।

# ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଂଟ ପାଇଁ ଆଜାଦ କ୍ଲବର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୮/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଅନ୍ୟତମ ପୁରାତନ ଆଜାଦ କ୍ଲବ ଆନୁକୂଲ୍ୟରେ ସର୍ବ ଭାରତୀୟ ୪ ଦିନ ବ୍ୟାପି ଏକ ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଂଟ ପାଇଁ ପ୍ରସ୍ତୁତି ବୈଠକ ପୂର୍ବତନ କାଉନସିଲର ତଥା ବରିଷ୍ଠ କଂଗ୍ରେସ ନେତା ହିବଜୁବୁର ରହେମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଫୁଟବଲ୍ ଖେଳାଳୀ ସେକ ଲିୟାକତ ଅଲ୍ଲୀ ଫୁଟବଲ୍ ଟୁର୍ଣ୍ଣାମେଂଟ ସଂପର୍କରେ ବିଶଦ ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତା କେନ୍ଦ୍ରାପଡା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ବିଜେଡି ରାଜ୍ୟ ଯୁଗ୍ମ ସଂପାଦକ, ପୂର୍ବତନ କାଉନସିଲର ରଞ୍ଜିତ୍ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫୁଟବଲ୍ ଟୁର୍ଣ୍ଣାମେଂଟରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସୟଦ ଅହେସାନ ଅଲ୍ଲୀ, ସୟଦ ଅକମଲ ଅଲ୍ଲୀ, ମହମ୍ମଦ ବକାଉଲ୍ଲା, ସେକ ସଫାତୁଲ୍ଲା, ସେକ ସିରହାନ ଅଲ୍ଲୀ, ଅକିଲ ଅହମ୍ମଦ, ଜାହିଦ ଖାନ, ମିର୍ ଖୁବେର, ନୁରଉଲ ହକ, ସେକ ଆଇଉଦ୍ଦିନ, ଜୁମା ଖାନ, ମିର ମହମ୍ମଦ ଅମୀର, ଛାତ୍ରନେତା ପରୱେଜ ଅଖତର ପ୍ରମୁଖ ଉପସ୍ଥିତ ରହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ କୁ ସଫଳ କରିବା ପାଇଁ ଆଲୋଚନା କରିଥିଲେ ।


# ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଂଟ ପାଇଁ ଆଜାଦ କ୍ଲବର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୮/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଅନ୍ୟତମ ପୁରାତନ ଆଜାଦ କ୍ଲବ ଆନୁକୂଲ୍ୟରେ ସର୍ବ ଭାରତୀୟ ୪ ଦିନ ବ୍ୟାପି ଏକ ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଂଟ ପାଇଁ ପ୍ରସ୍ତୁତି ବୈଠକ ପୂର୍ବତନ କାଉନସିଲର ତଥା ବରିଷ୍ଠ କଂଗ୍ରେସ ନେତା ହିବଜୁବୁର ରହେମାନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଫୁଟବଲ୍ ଖେଳାଳୀ ସେକ ଲିୟାକତ ଅଲ୍ଲୀ ଫୁଟବଲ୍ ଟୁର୍ଣ୍ଣାମେଂଟ ସଂପର୍କରେ ବିଶଦ ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତା କେନ୍ଦ୍ରାପଡା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ବିଜେଡି ରାଜ୍ୟ ଯୁଗ୍ମ ସଂପାଦକ, ପୂର୍ବତନ କାଉନସିଲର ରଞ୍ଜିତ୍ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫୁଟବଲ୍ ଟୁର୍ଣ୍ଣାମେଂଟରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସୟଦ ଅହେସାନ ଅଲ୍ଲୀ, ସୟଦ ଅକମଲ ଅଲ୍ଲୀ, ମହମ୍ମଦ ବକାଉଲ୍ଲା, ସେକ ସଫାତୁଲ୍ଲା, ସେକ ସିରହାନ ଅଲ୍ଲୀ, ଅକିଲ ଅହମ୍ମଦ, ଜାହିଦ ଖାନ, ମିର୍ ଖୁବେର, ନୁରଉଲ ହକ, ସେକ ଆଇଉଦ୍ଦିନ, ଜୁମା ଖାନ, ମିର ମହମ୍ମଦ ଅମୀର, ଛାତ୍ରନେତା ପରୱେଜ ଅଖତର ପ୍ରମୁଖ ଉପସ୍ଥିତ ରହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ କୁ ସଫଳ କରିବା ପାଇଁ ଆଲୋଚନା କରିଥିଲେ ।


# ଜିଲ୍ଲାସ୍ତରୀୟ ଜନରାଜ୍ୟ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

ଛତ୍ରପୁର, ୧୮/୧ (ନି.ପ୍ର): ଚଳିତ ବର୍ଷର ଜିଲ୍ଲା ସ୍ତରୀୟ ଜନରାଜ୍ୟ ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡିଆ ବକ୍ତୃତା ପ୍ରତିଯୋଗିତା ଗଂଜାମ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଅହିଂସା ଓ ଭାରତୀୟ ଆଦର୍ଶ, ମଧ ଇରାଜୀ ବିଦ୍ୟାଳୟ ସ୍ତରରେ ବୈଶ୍ୱିକ ପ୍ରେକ୍ଷାପଟ୍ଟରେ ଭାରତୀୟ ଗଣତନ୍ତ୍ର, ଉଚ୍ଚ ବିଦ୍ୟାଳୟ ସ୍ତରରେ ବିଶ୍ୱାୟନରେ ଭାରତୀୟ ଗଣତନ୍ତ୍ରର ବିଶେଷତ୍ୱ ଏବଂ ମହା ବିଦ୍ୟାଳୟ ସ୍ତରରେ ଭାରତୀୟ ଗଣତନ୍ତ୍ର ବିଶ୍ୱର ଆଦର୍ଶ ଉପରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାର ବିଚାରକ ଭାବେ ଅଶୋକ କୁମାର ଚୌଧୁରୀ, ପୂର୍ବତନ ବିଧାୟକ, ସନ୍ତୋଷ କୁମାର ପାଢୀ, ସାମ୍ବାଦିକ ଓ ପ୍ରଶାନ୍ତ କୁମାର ଶତପଥୀ, ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ । ଓଡିଆ ବକ୍ତୃତା ପ୍ରତିଯୋଗିତା ପ୍ରାଥମିକ ସ୍ତରରେ ଦିବ୍ୟାଂଶୁ ହାତୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଛତ୍ରପୁର ପ୍ରଥମ ସ୍ଥାନ, ଶେଖ୍ ତାଫିକ୍ ଇଲାହି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁତି ଗୋପାଳପୁର ଦ୍ୱିତୀୟ ସ୍ଥାନ ଓ ସାଇ ବିନାୟକ ପଣ୍ଡା, କେନ୍ଦ୍ରୀୟ ବିଦ୍ୟାଳୟ, ଛତ୍ରପୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମଧ ଇଂରାଜୀ ବିଦ୍ୟାଳୟ ସ୍ତରରେ ଗାୟତ୍ରୀ ମହାରଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁତି ଗୋପାଳପୁର ପ୍ରଥମ ସ୍ଥାନ, ଆକାଂକ୍ଷା ପ୍ରିୟଦର୍ଶନୀ, ଓଡିଶା ଆଦର୍ଶ ବିଦ୍ୟାଳୟ ଚମାଖଣ୍ଡି ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ସ୍ୱୟଂଶ୍ରୀ ତ୍ରିପାଠୀ, କେନ୍ଦ୍ରୀୟ ବିଦ୍ୟାଳୟ, ଛତ୍ରପୁର ଓ ଶାଲିନୀ ପ୍ରିୟଦର୍ଶନୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର ତୃତୀୟ ସ୍ଥାନ ହାସଲ କରିଛନ୍ତି । ଉଚ୍ଚ ବିଦ୍ୟାଳୟ ସ୍ତରରେ କ୍ଷୀରାବ୍ଧୀ ମିଶ୍ର, ଜ୍ଞାନ ବିକାଶ ଆବାସିକ ବିଦ୍ୟାଳୟ, ଗୋବିନ୍ଦପୁର ପ୍ରଥମ ସ୍ଥାନ, ଅର୍ପିତା ମହାପାତ୍ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଛତ୍ରପୁର ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ଅଞ୍ଜଳୀ କୁମାରୀ ସାହୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଛତ୍ରପୁର ତୃତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି ମହା ବିଦ୍ୟାଳୟ ସ୍ତରରେ ବଦ୍ରୀନାଥ ମିଶ୍ର, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ପ୍ରଥମ ସ୍ଥାନ, ଆର.ଧବଳେଶ୍ୱର ରେଡ୍ଡୀ, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ କେ. ପ୍ରତ୍ୟୁଷା ଦୋରା, ଜ୍ଞାନ ବିକାଶ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ଗୋବିନ୍ଦପୁର ଓ ସ୍ନେହା ପଲେଇ, ଜ୍ଞାନ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପୁର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

## ଧର୍ମଶାଳା ଅଂଚଳରେ ଜଙ୍ଗଲି ହାତୀ : ସ୍ଥାନୀୟ ଲୋକେ ଭୟଭୀତ

ଧର୍ମଶାଳା, ୧୮/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରେ ଜଙ୍ଗଲୀ ହାତୀ ପଶି ଆସିଥିବା ଜଣାପଡିଛି । ଏହାକୁ ଦେଖି ସ୍ଥାନୀୟ ଲୋକେ ଭୟଭିତ ହୋଇପଡିଥିବା ଜଣାପଡିଛି । ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ବନବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସୂଚନା ମୁତାବକ,ଆଜି ଭୋର ସମୟରେ ସ୍ଥାନୀୟ ନାକପୋଲ,କୁମାରୀ ଓ ଦେଉଳି ଅଂଚଳକୁ ଏକ ହାତୀ ପଶି ଆସିଥିବା ନେଇ ଦେଉଳି ଅଂଚଳର ଲୋକେ ଦେଖିଥିଲେ । ଯାହାକୁ ନେଇ ବନବିଭାଗକୁ ଖବର ଦିଆଯାଇଥିଲା । ଘଟଣାସ୍ଥଳରେ ବନକର୍ମଚାରୀ ସଦଳବଳେ ଘଟଣାସ୍ଥଳରେ ପଂହଚି ଜାରକା ଅଂଚଳ ପାହାଡ ପାଦେଦେଶରେ ଥିବା କାଜୁ ଜଙ୍ଗଲରେ ହାତୀଟି ରହିଥିବା ବେଳେ,ହାତୀର ଗତିବିଧି ଉପରେ ନଜର ରଖିଥିବା ନେଇ ନେଇ ଏସସିଏଫ୍ ଅନୀଲ କୁମାର ରାୟ ସୂଚନା ଦେଇଛନ୍ତି । ଏହି ହାତୀଟି ସ୍ଥାନୀୟ ଚଣ୍ଡିଖୋଲସ୍ଥିତ ମହାବିନାୟକ ବାସସ୍ଥାନରୁ ଖାଦ୍ୟ ଅନ୍ୱେଷଣରେ ଅଂଚଳକୁ ଚାଲି ଆସିଥିବା ବେଳେ ବିଳମ୍ବିତ ରାତିରେ ହାତୀକୁ ଘଉଡାଇବାକୁ ଉଦ୍ୟମ କରାଯିବ । ଏହା ସହିତ ସ୍ଥାନୀୟ ଅଂଚଳରେ ବିଦ୍ୟୁତ ସରବରାହକୁ ବନ୍ଦ କରି ଦିଆଯାଇଥିବା ଜଣାପଡିଛି ।

# ଅକପଟ ଅମିତା ଦାସଙ୍କ ଏକାଦଶାହ ଶୋକାଞ୍ଜଳି

ବାଲେଶ୍ୱର, ୧୮/୧ (ନି.ପ୍ର): ସ୍ଥାନୀୟ ରସାଳପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ଜ୍ୟେଷ୍ଠପୁତ୍ର ଶିବାଜୀଙ୍କ ସହଧର୍ମିଣୀ ଅବସରପ୍ରାପ୍ତା ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା (ଏଲ୍.ଏଚ୍.ଭି) ଅମିତା ଦାସ (ଜୀ)ଙ୍କ ୬୩ ବର୍ଷ ବୟସରେ ଅକାଳ ବିୟୋଗ ପାଇଁ 'ତମେ ନାହଁ ବୋଲି' ଏକ ଭାବବିହ୍ୱଳ ପରିବେଶ ସୃଷ୍ଟିକାରୀ ଏକାଦଶାହ ଶୋକାଞ୍ଜଳି ସନ୍ଧ୍ୟା ପାଳନ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟମ ପୁତ୍ର କବି ଶ୍ରୀଦେବ ଓ ସାନପୁଅ ଅବସରପ୍ରାପ୍ତ ମେଜର ଜେନେରାଲ୍ ସୁଧାକର ଜୀଙ୍କ ସଂଚାଳନରେ ଅନୁଷ୍ଠିତ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ପରିବାରର ଘନିଷ୍ଠ ଶୁଭେଚ୍ଛୁ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ରବୀନ୍ଦ୍ର ମୋହନ ଦାସଙ୍କ ଜ୍ୟେଷ୍ଠାକନ୍ୟା କବୟିତ୍ରୀ ଯଶୋଧାରା ଦାସଙ୍କ 'ଅମିତା ଅ ବୁଢ଼ୀ ' ପାଇଁ ଶ୍ରଦ୍ଧାସ୍ପଦ କବିତାଞ୍ଜଳି ପୃଷ୍ଠାକୁ ନୀଳଗିରିର ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ରେମୁଣାର ପ୍ରାକ୍ତନ ବିଧାୟକ ଗୋବିନ୍ଦ ଦାସ ଏବଂ ଦିବଂଗତା ଅମିତାଙ୍କ ଜ୍ୟେଷ୍ଠଭ୍ରାତା ଭୋଗରାଇର ଅମିତାଭ ଦାସ ଓ ସ୍ୱାମୀ ଶିବାଜୀଙ୍କ କରକମଳରେ ଲୋକାର୍ପଣ କରାଯାଇଥିଲା। 'ତମେ ନାହଁ ବୋଲି' ଶୀର୍ଷକରେ ୪ ଅମିତାଙ୍କ ପୁତ୍ରବଧୂ (ସିଦ୍ଧାର୍ଥଙ୍କ ସ୍ତ୍ରୀ) ଲିପ୍‌ସା ଦାସଙ୍କ ଦ୍ୱାରା କବିତାର ଭାବୋଚ୍ଛ୍ୱାସ ଉପସ୍ଥାପନ କରାଯାଇଥିଲା। ସ୍ୱର୍ଗୀୟା ଦାସଙ୍କ ସେବା ମନୋଭାବ ତଥା କ ର୍ତ୍ତବ୍ୟପରାୟଣତା ସମ୍ବନ୍ଧରେ ଭୋଗରାଇ ନାରାୟଣପୁରର ଅମଳାଭ ଦାସ, ଅଭିଜିତ୍ ଦାସ, ଅରୂପ ରତନ ଦାସ, ସଂଯୁକ୍ତା ଦାସ, ଜାମକୁଣ୍ଡାର ମାମୁ ଅମର ସିଂଙ୍କ ଦ୍ୱାରା ଅଂଗେନିଭା ସ୍ମୃତିଚାରଣ କରାଯିବା ସହ ମନାଙ୍କ ପାତ୍ର, ରଂଜନ ଜେନା, ବିପିନ୍, ସୁନୀଲ୍, ରାୟଗଡ଼ାରୁ ଚନ୍ଦନ ସିଂ ପ୍ରମୁଖଙ୍କ ଦ୍ୱାରା ସର୍ବପ୍ରଥମେ ଶ୍ରୀ ଅରବିନ୍ଦ ପାଠଚକ୍ର ପ୍ରାର୍ଥନାନ୍ତେ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଏହି ଉପଲକ୍ଷେ ରାଉରକେଲାରୁ ବିଜୟ ପାତ୍ର (ବାବୁ), ଦିଲ୍ଲୀରୁ ସୁଜିତ୍ ଦାସ (ବାପି), ସରକାରୀ ସ୍ୱାସ୍ଥ୍ୟ ବିଭାଗ ସହକର୍ମୀ ହିମାଂଶୁ ଦାସ, ଶାନ୍ତନୁ, ଭରତ, ବାଣୀ ଓ ସମୁଦୁଣୀ ସୁଷମା ଦାସ, ଭୁବନେଶ୍ୱରରୁ ବିଳାସିନୀ ସିଂ, ସାନ ଜା' ଶ୍ରୀମତୀ ବିପାଶା, ସାନଭଉଣୀ



ନମିତା ଦାସ, ନିରଞ୍ଜନ ରାଉତ, ଲବଣସତ୍ୟାଗ୍ରହ ପୀଠ ଇ ଚ୍ଛିରୁ ସର୍ବେଶ୍ୱର ଦାସ, ବରିଷ୍ଠ ଓକିଲ କବି ଉତ୍ପଳ ମହାନ୍ତି, ଈଶାଣୀ ବୈଶାଖୀ ମହୋତ୍ସବ କମିଟି ତରଫରୁ ସାଧାରଣ ସଂପାଦକ ଭାଗବତ ସାହୁ, ସାରଗାଁର ପୂର୍ବତନ ସରପ ନରେନ୍ଦ୍ର ଦାସ, ରସାଳପୁରର ବରିଷ୍ଠ ପଶୁ ଚିକିତ୍ସକ ଡା. ସତ୍ୟନାରାୟଣ ମହାପାତ୍ର, ପୂର୍ବତନ ସରପ ତଥା ବରିଷ୍ଠ ସାମ୍ବାଦିକ (ଆଜିକାଲି) ରାମନାରାୟଣ ଶତପଥୀ, ହିମାଂଶୁ ଦାସ (ଟୁଲୁ), ଅଧାପକ ପ୍ରଭାତ ପରିଡ଼ା, ଅଧାପକ ସୌମ୍ୟରଞ୍ଜନ ପ୍ରଧାନ, ଡ. ଶଶିକାନ୍ତ ମହାନ୍ତି, ରାଜଦର୍ଶୀ ଦାଶ, ସୁନିଲ୍ ପଣ୍ଡା, ବରିଷ୍ଠ ପ୍ରଶାସନିକ ଅଧିକାରୀ ଗଂଗାଧର ଦାସ, ସମାଜସେବୀ ବଂଶୀଧର ଦଳାଇ ପ୍ରମୁଖ ବହୁ ଶୋକସନ୍ତପ୍ତ ଆତ୍ମୀୟମାନେ ସ୍ମୃତିଚାରଣ କରିଥିଲେ। ସର୍ବଶେଷରେ କବୟିତ୍ରୀ ସୁଭାଷିନୀ ଜୀ କବିତାରେ ଅତ୍ୟନ୍ତ ଭାବୋଦ୍ଦୀପକମୂଳକ ଧନ୍ୟବାଦ ପ୍ରଦାନ କରିଥିଲେ। ସମଗ୍ର ଏକାଦଶାହ କାର୍ଯ୍ୟକ୍ରମକୁ ସର୍ବଶ୍ରୀ ଅଶୋକ ଜୀ, ଆଲୋକ ଜୀ, ପ୍ରଭାତ ମହଲ, ବିନୋଦ ଜୀ, ବବିତା ମହଲ, ଝାନ୍‌ସୀ, ଶ୍ରୀରାମ, ସତ୍ୟଜିତ୍ ମହଲ ଏବଂ ରଞ୍ଜନ ପ୍ରମୁଖ ସହଯୋଗ ରଖିଥିଲେ।

## ବେଆଇନ ଚାଲାଣ ବେଳେ ଶତାଧିକ ଷଣ୍ଢ ଉଦ୍ଧାର କଲା ପାଣିକୋଇଲି ପୁଲିସ

କୋରାଇ, ୧୮/୧ (ନି.ପ୍ର): ପାଣିକୋଇଲି ଥାନା ତଥା ଗୋଳେଇପୁର ପଂଚାୟତ ଅନ୍ତର୍ଗତ ରାମପୁର ଶଗଡ଼ି ଗ୍ରାମରେ ସ୍ଥାନୀୟ କିଛି ଗୋ- ମାଫିଆଙ୍କ ସହାୟତାରେ ନିୟମିତ ଷଣ୍ଢ ଚାଲାଣ ଚାଲୁଥିବା ବେଳେ ଗତ ମଙ୍ଗଳବାର ଦିନ ବିଳମ୍ବିତ ରାତିରେ ପାଣିକୋଇଲି ପୁଲିସ ଦ୍ୱାରା ଚଢାଉ କରାଯିବା ସହିତ ଚାଲାଣ ଅପେକ୍ଷାରେ ଥିବା ଶତାଧିକ ଷଣ୍ଢଙ୍କୁ ଉଦ୍ଧାର କରାଯାଇଛି। ପ୍ରକାଶଯେ ମଙ୍ଗଳବାର ବିଳମ୍ବିତ ରାତିରେ ଉକ୍ତ ସ୍ଥାନରେ ଏକ ଆଇଚର ଟ୍ରକରେ ବାହାର ରାଜ୍ୟକୁ ଚାଲାଣ ହେବା ଲାଗି ଷଣ୍ଢ ଟ୍ରକରେ ଲୋଡ଼୍ ହେଉଥିବା ଖବର ଏକ ନିର୍ଭରଯୋଗ୍ୟ ସୁତ୍ରରୁ ପାଇବା ପରେ ଯାଜପୁର ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ ତୁରନ୍ତ ଚଢାଉ କରିବା ଲାଗି ଯାଜପୁର ରୋଡ଼୍ ଏଡ଼ିପିଓ ଓ ପାଣିକୋଇଲି ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ଏସଡ଼ିପିଓ ସଂଜୟ କୁମାର ପଟ୍ଟନାୟକ ଓ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନେତୃତ୍ୱରେ ପୁଲିସ ଟିମ ଶଗଡ଼ି ଗ୍ରାମରେ ଚଢାଉ କରିବା ପରେ ଏକ ଟ୍ରକ (ଓଡ଼ି୦୫ ବିଏ' ୩୫୬୫)ରେ ୨୦ରୁ ଉର୍ଦ୍ଧ୍ୱ ଷଣ୍ଢ ଦୟନୀୟ ଅବସ୍ଥାରେ ବନ୍ଧା ହୋଇଥିବା ବେଳେ ୮୦ରୁ ଉର୍ଦ୍ଧ୍ୱ ଷଣ୍ଢ ଚାଲାଣ ଅପେକ୍ଷାରେ ଥିବା ଦେଖି ଉଭୟ ପୁଲିସ ଅଧିକାରୀଙ୍କ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ପରେ ଏଓଡ଼ିପିଓଙ୍କ ନିର୍ଦ୍ଦେଶରେ ସମସ୍ତ ଷଣ୍ଢ ଗୁଡ଼ିକୁ ମୁକ୍ତ କରାଯିବା ସହିତ ଟ୍ରକଟିକୁ ଜବତ କରି ଥାନାକୁ ଅଣାଯାଇଥିଲା। ତେବେ ଚାଲାଣକାରୀଙ୍କ ସମେତ ଟ୍ରକ ଚାଳକ ଓ ଗୋ-ମାଫିଆମାନେ ପୁଲିସର ଅଚାନକ ଚଢାଉରେ ଫେରାର ହୋଇଯାଇଥିବା ବେଳେ ପୁଲିସର ଚଢାଉ ଜାରି ରହିଛି।

# ଦାମ୍ପତ୍ୟ ଓ ପ୍ରେମର ପ୍ରତୀକ ବିବାହ ରେଖା

**ପ୍ରେମ ଓ ବିବାହ ସହ ଯୋଡ଼ି ହୋଇଥିବା କଥା ଜାଣିବା ଲାଗି ହାତର ବିବାହ ରେଖା ଦେଖାଯାଏ । ତେଣୁ ବିବାହ ରେଖାରୁ ଜଣାପଡୁଥିବା କିଛି ଖାସ୍ କଥା ସମ୍ବନ୍ଧରେ ଜାଣନ୍ତୁ...**




### କେଉଁଠି ଥାଏ:

ଆମ ହାତରେ କିଛି ସମୟ ବ୍ୟବଧାନରେ କେତେକ ରେଖା ବଦଳିଯାଏ। କିନ୍ତୁ ହାତରେ ଏପରି କିଛି ଖାସ୍ ରେଖା ଅଛି ଯାହା କେବେବି



ବଦଳେନାହିଁ। ଏହି ମହତ୍ତ୍ୱପୂର୍ଣ୍ଣ ରେଖା ମଧ୍ୟରେ ରହିଛି ଜୀବନରେଖା, ଭାଗ୍ୟରେଖା, ହୃଦୟରେଖା, ମଣିବନ୍ଧ, ସୂର୍ଯ୍ୟରେଖା ଓ ବିବାହ ରେଖା। ଜ୍ୟୋତିଷଙ୍କ ମତ ଅନୁସାରେ, ବିବାହ ରେଖାରୁ ବ୍ୟକ୍ତିର ବିବାହ ଓ ପ୍ରେମ ସମ୍ପର୍କ ବିଚାର କରାଯାଏ। ବିବାହ ରେଖା ହାତରୁ ସବୁଠୁ ଛୋଟ ଆଙ୍ଗୁଳି ତଳେ ଭାଗଭାଗ ହୋଇ ଧାଡ଼ି ସ୍ଥିତିରେ ରହିଥାନ୍ତି। ଛୋଟ ଅଙ୍ଗୁଳିର ନିମ୍ନ ଭାଗକୁ ବୁଧ ପର୍ବତ କୁହାଯାଏ। ବିବାହ ରେଖା ଏକ କିମ୍ବା ଏକାଧିକ ହୋଇଥାଏ।

### ବିବାହ ରେଖା ସହ ଯୋଡ଼ି ହୋଇ ରହିଛି:

- ବ୍ୟକ୍ତିର ହାତରେ ବିବାହ ରେଖା ଓ ହୃଦୟ ରେଖା ମଧ୍ୟରେ ଦୂରତା କମ୍ ରହିଲେ ବିବାହ କମ୍ ଦିନରେ ହୋଇଯାଏ। ଦୂରତାଠୁ ନିରୁପଣ କରାଯାଏ କେତେ ବୟସରେ ବିବାହ ହେବ। ଦୁଇ ରେଖା ମଧ୍ୟରେ ଦୂରତା ଯେତେ ବେଶୀ ରହେ ବିବାହ ସେତେ ବିଳମ୍ବରେ ହୋଇଥାଏ।

- ଯଦି କୌଣସି ବ୍ୟକ୍ତିର ଦୁଇ ହାତରେ ବିବାହ ରେଖା ଆରମ୍ଭରୁ ଦୁଇଭାଗ ହୋଇଥାଏ ତେବେ ସେହି ବ୍ୟକ୍ତିର ବାହାଘର ଭାଙ୍ଗିଯିବାର ଭୟଥାଏ।

- ମହିଳାଙ୍କ ବିବାହ ରେଖା ଆରମ୍ଭରୁ ଦୀପ ଭଳି ଚିହ୍ନ ଥିଲେ ଏହି ମହିଳାଙ୍କ ବିବାହ ଲୁଚାଛପାରେ ହୋଇଯାଏ। ଏହା ବି ଅସୁସ୍ଥତାର ଲକ୍ଷ୍ୟ।

- ଯଦି କୌଣସି ବ୍ୟକ୍ତିର ହାତରେ ବିବାହ ରେଖା ବହୁତ ତଳେ ରହିଥାଏ ଓ ଜୀବନ ରେଖାକୁ ଅତିକ୍ରମ କରି ତଳକୁ ଯାଇଥାଏ ତାହା ଶୁଭ ଲକ୍ଷଣ ନୁହେଁ। ଏହି ରେଖାଥିବା ବ୍ୟକ୍ତିର ଜୀବନସାଥୀଙ୍କ ମୃତ୍ୟୁ ହେବାର ଆଶଙ୍କା ରହିଥାଏ।

- କୌଣସି ବ୍ୟକ୍ତିର ହାତରେ ଯଦି ବିବାହ ରେଖା ଲମ୍ବାଥାଏ ଓ ସୂର୍ଯ୍ୟ ପର୍ବତଯାଏ ଲମ୍ବିଥାଏ ତେବେ ବ୍ୟକ୍ତି ସମ୍ପନ୍ନ ଓ ସମୃଦ୍ଧ ଜୀବନସାଥୀ ପାଇଥାନ୍ତି।

- ଯଦି ବୁଦ୍ଧ ପର୍ବତରୁ ଆସିଥିବା କୌଣସି ରେଖା ବିବାହ ରେଖାକୁ ଛେଦନ କରିଥାଏ



ତେବେ ବ୍ୟକ୍ତିର ବିବାହିତ ଜୀବନ ସମସ୍ୟାମୟ ହୋଇଥାଏ।

- ବିବାହରେଖା ମଝିରେ ହୋଇଥିଲେ ତାହା ବିବାହ ଭାଙ୍ଗିଯିବାର ସୂଚନା ଦିଏ।

- ଯଦି ବିବାହରେଖା ଶେଷରେ ସାପ ଜିଭ ସମାନ ଦୁଇ ଶାଖା ଥାଏ ତେବେ ପତି-ପତ୍ନୀଙ୍କ ମଧ୍ୟରେ ବିଚାରଗତ ମତଭେଦ ସୃଷ୍ଟି କରିଥାଏ।

- ପୁରୁଷର ବାମ ହାତରେ ଯଦି ଦୁଇଟି ବିବାହ ରେଖା ଓ ଡହାଣ ହାତରେ ଗୋଟିଏ ବିବାହ ରେଖା ଥାଏ, ତେବେ ଏହି ପୁରୁଷର ପତ୍ନୀ ଶ୍ରେଷ୍ଠ ହୋଇଥାନ୍ତି। ଏହି ପତ୍ନୀ ପତିଙ୍କର ଯତ୍ନ ନେଇଥାନ୍ତି ଓ ଅଧିକ ପ୍ରେମ ବି କରନ୍ତି।

- ଯଦି ଡାହାଣ ହାତରେ ଦୁଇ ବିବାହ ରେଖା ଓ ବାମ ହାତରେ ଗୋଟିଏ ବିବାହରେଖା ରହିଥାଏ ତେବେ ଏହି ବ୍ୟକ୍ତିଙ୍କ ପତ୍ନୀ ତାଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତି ନାହିଁ।

- ଦୁଇ ହାତରେ ବିବାହରେଖା ଲମ୍ବ ସମାନ ଥିଲେ ଏହା ଶୁଭ ଲକ୍ଷଣ। ଏମାନଙ୍କ ବୈବାହିକ ଜୀବନ ସୁଖମୟ ହୁଏ ଓ ଜୀବନରେ ଉତ୍ତମ ବୁଝାମଣା ରହେ।

- ଯଦି କୌଣସି ବ୍ୟକ୍ତିର ହାତରେ ବିବାହରଖା ଉପର ଆଡ଼କୁ ମୋଡ଼ି ହୋଇ କନିଷ୍ଠା ଆଙ୍ଗୁଳି ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ଏହି ବ୍ୟକ୍ତିଙ୍କ ବିବାହରେ ବହୁତ ସମସ୍ୟା ରହିଥାଏ। ବିବାହ ହେବା ବି କାଠିକର ପାଠ ହୋଇଯାଏ। ଏମାନେ ଅବିବାହିତ ରହିବାର ସମ୍ଭାବନା ଢେର ଅଧିକ।

- ବିବାହ ରେଖା ଶେଷରେ ତ୍ରିଶୁଳ ଚିହ୍ନ ଥିଲେ ସେହି ବ୍ୟକ୍ତି ଜୀବନସାଥୀଙ୍କୁ ବହୁତ ପ୍ରେମ କରନ୍ତି।

- ଯଦି ବିବାହରେଖାକୁ ସିଧା ରେଖା ଛେଦନ କରେ ତେବେ ଏହା ବିବାହରେ ବିଳମ୍ବ ସଙ୍କେତ ଦିଏ।

- ହାତରେ ଉପର ଆଡ଼କୁ ବିବାହରେଖା ମୋଡ଼ି ହୋଇଥିଲେ ତାହା ଶୁଭନୁହେଁ। ଯଦି ଏହା ବେଶୀ ଦୂର ପର୍ଯ୍ୟନ୍ତ ମୋଡ଼ି ହୋଇ ଲମ୍ବିଥାଏ ତେବେ ସମସ୍ୟା ଭିତରେ ବାହାଘର ହୁଏ ଏବଂ ବୈବାହିକ ଜୀବନ ସୁଖମୟ ହୁଏ ନାହିଁ।

- ଏକରୁ ଅଧିକ ବିବାହରେଖା ଥିଲେ ତାହା ପ୍ରେମ ବ୍ୟାପାରକୁ ସୂଚାଏ। ହାତରେ ତଳଆଡ଼କୁ ଅଧିକ ବକ୍ର ହୋଇଥିଲେ ବୌହିକ ଜୀବନରେ ସମସ୍ୟା ସାମନା କରିବାକୁ ହୁଏ।

- ଯଦି କୌଣସି ବ୍ୟକ୍ତିଙ୍କ ବିବାହରେଖା ଉପରେ ଛକି ଚିହ୍ନଥାଏ ତେବେ ବ୍ୟକ୍ତିଙ୍କ ଜୀବନସାଥୀ ଶୀଘ୍ର ମୃତ୍ୟୁବରଣ କରିଥାନ୍ତି।

- ବିବାହରେଖା ଉପରେ ଯଦି କୌଣସି ବର୍ଗାକାର ଥାଏ ତେବେ ତାହା ଜୀବନସାଥୀଙ୍କ ଅସୁସ୍ଥତାର ସଙ୍କେତ ହୋଇଥାଏ।

-ବିବାହରେଖା ଆରମ୍ଭରୁ ଦୀପ ଭଳି ଚିହ୍ନଥିଲେ ଜୀବନସାଥୀ ଅନୈତିକ ସମ୍ପର୍କରେ ଲିପ୍ତ ରୁହନ୍ତି। ଦୀପ ଚିହ୍ନ ରେଖା ଶେଷରେ ଥିଲେ ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ପାଇଁ ଅଶୁଭ।

- ଯଦି କୌଣସି ବ୍ୟକ୍ତିଙ୍କ ବିବାହରେଖା ଆରମ୍ଭରୁ ତିଳ ଚିହ୍ନ ରହିଥାଏ ତେବେ ଜୀବନସାଥୀ ଅସୁସ୍ଥ ରହିଥାନ୍ତି। ଯଦି ତିଳ ଅଧିକ ଗାଢ଼ ହୋଇଥାଏ ତେବେ ଜୀବନସାଥୀଙ୍କ ଜୀବନପ୍ରତି ଅଧିକ ବିପଦ ଆସେ।

# ମନେରଖନ୍ତୁ ଗରୁଡ଼ ପୁରାଣର ୪ଟି କଥା




ଘର ପରିବାର ହେଉ ଅବା ସମାଜ, ପ୍ରତ୍ୟେକ ଜାଗାରେ ସ୍ତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏରୁ ଗରୁଡ଼ ପୁରାଣରେ ଏମାନଙ୍କ ପାଇଁ ୪ଟି କଥା କୁହାଯାଇଛି ଯାହା ପାଳନ ପାଇଁ ଜରୁରୀ।

**ବିରହରୁ ମୁକ୍ତ ରହନ୍ତୁ:** ଶାସ୍ତ୍ର ଅନୁସାରେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ଠାରୁ ଅଧିକ ସମୟଧରି ଦୂରେଇ ରହିବା ଅନୁଚିତ। ଜୀବନସାଥୀଙ୍କ ବିରହ ସ୍ତ୍ରୀକୁ ମାନସିକସ୍ତରରେ ଦୁର୍ବଳ କରିଦିଏ। ସ୍ୱାମୀଠୁ ଦୂରରେ ରହୁଥିବା ସ୍ତ୍ରୀ ସମାଜରେ କିଛି ସମସ୍ୟାର ସାମନା କରିବାକୁ ହୁଏ। ଏଣୁ ସ୍ତ୍ରୀକୁ ସ୍ୱାମୀ ସହ ରହିବା ଉଚିତ। ସ୍ୱାମୀ ସହ ସ୍ତ୍ରୀ ନିଜକୁ ସୁରକ୍ଷିତ ଓ ସଶକ୍ତ ମଣିଥାନ୍ତି।

**ଦୁଷ୍ଟ ଚରିତ୍ରରୁ ଦୂରେଇ ରୁହନ୍ତୁ:** ଦୁଷ୍ଟ ଚରିତ୍ର ଲୋକଙ୍କ ଠାରୁ ଦୂରେଇ ରହିବା ନିହାତି ଦରକାର। ଏଭଳି ସାଙ୍ଗ ବେଳେବେଳେ ସଙ୍କଟ ଆଣେ ଯେଉଁଥିରେ ସ୍ତ୍ରୀଲୋକ ସମସ୍ୟାର ପଡ଼ିଯାନ୍ତି। ଅସୁରକ୍ଷିତ, ଅପଯଶ ଏବଂ ଅପମାନ ସମାଜରେ ମିଳିଥାଏ। ଏଣୁ ଦୁଷ୍ଟ ଲୋକମାନଙ୍କୁ ସର୍ବଦା ସାବଧାନ ରୁହନ୍ତୁ।

**ନିଜ ଲୋକଙ୍କୁ ଉପେକ୍ଷା କରନ୍ତୁନି:**

ଘର ପରିବାର ସଦସ୍ୟମାନଙ୍କୁ କେବେ ବି ଉପେକ୍ଷା କରନ୍ତୁନି। କୌଣସି ପରିସ୍ଥିତିରେ ଘରର ଲୋକମାନଙ୍କୁ ଅପମାନ ଦିଅନ୍ତୁନି। ଅନ୍ୟଥା ବହୁ ସମସ୍ୟାର ସାମନା କରିବାକୁ ପଡ଼ିବ। ନିଜ ଲୋକଙ୍କୁ ଅଡୁଆରେ ପକାଇ ପରଲୋକଙ୍କୁ ପ୍ରେମ ପ୍ରକଟ କରନ୍ତୁନି। ଏହା କଲେ ସମାଜରେ ମାନ ସମ୍ମାନ ହାନିହେବ।

**ଅନ୍ୟ ଘରେ ରୁହନ୍ତୁନି:** ନିଜ ଘର ବିନା ପର ଘରେ କେବେବି ରୁହନ୍ତୁନି। ଏଭଳି ପରିସ୍ଥିତିକୁ ଅଣଦେଖା କଲେ ଭୟଙ୍କର ସମସ୍ୟା ଉପୁଜେ। ପରଘରେ ସ୍ତ୍ରୀ ରହିଲେ ପରିବାର ତଥା ସମାଜ ତାଙ୍କୁ ଭିନ୍ନ ନଜରରେ ଦେଖେ। ତାଙ୍କର ଭାବମୂର୍ତ୍ତି ପୂରା ନଷ୍ଟ ହୋଇଯାଏ। ସ୍ୱାମୀ, ଘର-ପରିବାର ବ୍ୟତୀତ ପରବ୍ୟକ୍ତିଙ୍କୁ ଭରସା କଲେ ବ୍ୟକ୍ତିଗତ କ୍ଷତି ହୋଇଥାଏ।

# କେଶରର କରିସ୍ମା



ସୌନ୍ଦର୍ଯ୍ୟ ଚର୍ଚ୍ଚା ପାଇଁ ପ୍ରମୁଖ ସାମଗ୍ରୀ ଭାବେ କେଶରରୁ ବିବେଚିକା କରାଯାଏ। ଏହା ବାଦ ଶରୀର ଉପଚାର ପାଇଁ ମଧ୍ୟ ଅନେକ ସ୍ଥାନରେ କେଶର ବ୍ୟବହୃତ ହୁଏ।

ଥଣ୍ଡା ହୋଇ କଫ ହୋଇଥିଲେ ଅଳ୍ପ ମାତ୍ରାରେ କେଶାରକୁ ଉଷୁମ କ୍ଷୀରରେ ମିଶାଇ ପିଇଲେ ଆରାମ ଲାଗେ।

ମହିଳାଙ୍କର ମାସିକ ରତୁସ୍ରାବରେ ଅନିୟମିତା ହେଲେ ଉଷୁମ କ୍ଷୀର ସହ ଏହାକୁ ସାମାନ୍ୟ ମିଶାଇ ପିଅନ୍ତୁ। ଶରୀରର କୌଣସି ସ୍ଥାନ ଜଳିଗଲେ କେଶର ପ୍ୟାକ ଲଗାନ୍ତୁ ଦାଗ ରହିବ ନାହିଁ। ଚନ୍ଦନ ସହ ଏହାକୁ ବାଟି ମଥାରେ ଲଗାଇଲେ ଦୃଷ୍ଟିଶକ୍ତି ଉତ୍ତମ ହେବା ସହ ମସ୍ତିଷ୍କ ଥଣ୍ଡା ରହେ। ମୁଣ୍ଡ ବିନ୍ଧିଲେ କେଶର କଞ୍ଚା କ୍ଷୀର ମିଶାଇ ଲଗାନ୍ତୁ।

ଛୋଟ ପିଲାଙ୍କୁ ଥଣ୍ଡା ହେଲେ କେଶରମିଶା କ୍ଷୀର ସକାଳ ସମୟରେ ପିଇବାକୁ ଦେଲେ ଭଲ।

କେଶର ପାଚନ କ୍ରିୟା ଉତ୍ତମ ରଖିବା ସହ ଅମ୍ଳ କରାଇଦିଏ ନାହିଁ। ନିୟମିତ ଭାବରେ ଅଳ୍ପମାତ୍ରାରେ କେଶର ସେବନ ଶରୀର ପାଇଁ ଉତ୍ତମ।

# ପକ୍ଷୀ ବି ଦିଅନ୍ତି ଛାଡପତ୍ର

କେବଳ ମଣିଷ ଯେ, ରାଗିଗଲେ ନିଜ ସାଥୀକୁ ଛାଡ଼ପତ୍ର ଦେଇଥାଏ ଏହା ଭାବିବା ଭୁଲ। ପକ୍ଷୀମାନେ ମଧ୍ୟ ଛାଡ଼ପତ୍ର ଦେଇଥାନ୍ତି ଠିକ୍ ମଣିଷଙ୍କ ପରି। ପରସ୍ପର ମଧ୍ୟରେ ଝଗଡ଼ା କାରଣରୁ ହେଉ କିମ୍ବା କାହାକୁ ସୁନ୍ଦର ସାଥୀଟିଏ ମିଳିଗଲେ ଯେପରି ମଣିଷମାନେ ଛାଡପତ୍ର ଦେଇଥାନ୍ତି ଠିକ୍ ସେହିପରି ପକ୍ଷୀମାନେ ଛାଡପତ୍ର ଦେଇଥାନ୍ତି ବା ସାଥୀକୁ ଛାଡ଼ି ଦେଇଥାନ୍ତି। ଆଲିଗଡ଼ ବିଶ୍ୱବିଦ୍ୟାଳୟର ବନ୍ୟଜନ୍ତୁ ବିଭାଗର ପ୍ରଫେସର ଏଚଏସଏ ୟାହୟା ଏହା ଉପରେ ଅନୁସନ୍ଧାନ କରି ଏହା କହିଛନ୍ତି। କେତେକ ପ୍ରଜାତିର ପକ୍ଷୀ ଏକାଧିକ ସମ୍ପର୍କ ସ୍ଥାପନ କରିଥାନ୍ତି। ଏହା ସହିତ ପରସ୍ପର ମଧ୍ୟରେ ମତାନ୍ତର ହେବା ଓ ସୁନ୍ଦର ସାଥୀ ମିଳିଗଲେ ବି ସେମାନେ ପୁରୁଣା ସାଥୀକୁ ଛାଡ଼ି ପଳାଇଥାନ୍ତି।



# ହଳଦୀର ପାର୍ଶ୍ୱ ପ୍ରତିକ୍ରିୟା



**ହଳଦୀ ମିଶ୍ରିତ ଦୁଗ୍ଧ ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି କୁହାଯାଇଛି। କିନ୍ତୁ ଅଧିକ ମାତ୍ରାରେ ହଳଦୀ ସେବନ ଶରୀର ପାଇଁ ହାନିକାରକ ମଧ ହୋଇଥାଏ।**

କ୍ୟାନସର ସେଲ ସହ ଲଢ଼େଇ କରିବାରେ ସକ୍ଷମ ଥିଲେ ମଧ ଏହା ବ୍ରେଷ୍ଟ କ୍ୟାନସରକୁ ବୃଦ୍ଧି କରିଥାଏ ବୋଲି ରିସର୍ଚ୍ଚରୁ ଜଣାପଡ଼ିଛି। ସେହିପରି ଡାଇବେଟିସ ରୋଗୀଙ୍କ ପାଇଁ ହଳଦୀ ସେବନ ଭଲ ବୋଲି କୁହାଯାଇଥିଲେ ମଧ ଅଧିକ ମାତ୍ରାରେ ସେବନ କଲେ ବ୍ଲଡ଼ ସୁଗର ସ୍ତରକୁ ଅଧିକ କମାଇଦେଇଥାଏ। ଯଦି ରକ୍ତହୀନତା ଭୋଗୁଛନ୍ତି ତେବେ ହଳଦୀ ଖାଇବା କମ କରନ୍ତୁ।



ସାଧାରଣତଃ ଜ୍ୱର ହେଲେ ବା ଆଘାତପ୍ରାପ୍ତ ହେଲେ ହଳଦୀ ମିଶ୍ରିତ ଦୁଗ୍ଧ ପିଇବାକୁ ଦିଆଯାଇଥାଏ। ଏକ ଗବେଷଣାରୁ ଜଣାପଡ଼ିଛି ଯେ ଅଧିକ ହଳଦୀ ସେବନ କଲେ ତ୍ୱଚା କୁଣ୍ଡେଇ ହୋଇଥାଏ। ଜଣେ ବ୍ୟକ୍ତି ଦିନ ଭିତରେ ଦୁଇରୁ ତିନିଥର ନିଜ ଆବଶ୍ୟକତା ଅନୁସାରେ ହଳଦୀ ଗ୍ରହଣ କରିପାରିବେ। ଅଧିକ ହଳଦୀ ଖାଉଥିଲେ ଡାକ୍ତରଙ୍କ ସହ ପରାମର୍ଶ କରିନିଅନ୍ତୁ।

**ଆଲର୍ଜି:**

ଯଦି ମସଲାଜାତୀୟ ଖାଦ୍ୟରେ ଆଲର୍ଜି ହେଉଛି ତେବେ ହଳଦୀ ସେବନ ବନ୍ଦ କରିଦିଅନ୍ତୁ। କାରଣ ଏହା ଆଣଙ୍କ ଆଲର୍ଜି ସମସ୍ୟାକୁ ବୃଦ୍ଧି କରିବାର ଆଶଙ୍କା ଥାଏ। ହଳଦୀ ବ୍ଲାଡ଼ରରେ ଷ୍ଟୋନ ହେବାରେ ସାହାଯ୍ୟ କରିଥାଏ। ଏଥିସହିତ ହଳଦୀ ଗ୍ୟାସ ମଧ କରାଏ। ଏହାବ୍ୟତୀତ ଲିଭର ଗର୍ଭାଶୟକୁ ସଙ୍କୁଚିତ କରିବାସହ ଗର୍ଭାଶୟରେ ରକ୍ତସ୍ରାବ ଓ ସମସ୍ୟା ସୃଷ୍ଟି କରିଥାଏ। କେତେକ କ୍ଷେତ୍ରରେ ହଳଦୀ

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦରିଦ୍ରଙ୍କ ସଂଖ୍ୟା...

ଗତ ସୋମବାର ଦିନ ନୀତି ଆୟୋଗ ପ୍ରକାଶ କରିଛି ଏକ ଆଲୋଚନା ନିବନ୍ଧ । ଏଥିରେ ଦର୍ଶାଯାଇଛି ଯେ ଭାରତ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ୨୪୮ ମିଲିଅନ୍ ଲୋକଙ୍କୁ ବହୁମୁଖୀ ଦାରିଦ୍ର୍ୟରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି, ଅର୍ଥାତ୍ ଏହି ଦାରିଦ୍ର୍ୟର ହାର ୧୧.୩ ପ୍ରତିଶତ ହ୍ରାସ ପାଇଛି । ଏକ ଦଶନ୍ଧି ପୂର୍ବେ ମୋଟାମୋଟି ସଂଖ୍ୟା ଦୃଷ୍ଟିରୁ ଏହାର ହାର ୨୯ ପ୍ରତିଶତରୁ ଅଧିକ ଥିଲା । ଉପରୋକ୍ତ ଦଶନ୍ଧିର ତୁଳନା ଯେ ଅଧିକତଃ ନରେନ୍ଦ୍ର ମୋଦୀଙ୍କ ସରକାର ଅମଳକୁ ବୁଝାଉଛି, ଏଥିରେ କ୍ୱଚିତ୍ କେହି କିଛି ବୁଝିବାରେ ଅସୁବିଧା ଅଛି ଏବଂ ଏକଥା ମଧ ଜଣାଶୁଣା କଥା ଯେ ଭାରତୀୟ ଜନତା ପାର୍ଟି (ବିଜେପି) ୨୦୨୪ ଲୋକସଭା ନିର୍ବାଚନ ପ୍ରଚାରରେ ଲୋକମାନଙ୍କ ଆଗରେ ଏହାକୁ ଉପସ୍ଥାପନ କରି ଅବଶ୍ୟ ଭୋଟ୍ ହାତେଇବାର ଉଦ୍ୟମ କରିବ। ତେବେ ନିର୍ବାଚନ ପ୍ରସଙ୍ଗକୁ ଅଲଗା ରଖି ବିବେଚନା କଲେ ପ୍ରଶ୍ନ ଉଠିବା ସ୍ୱାଭାବିକ, ବହୁମୁଖୀ ଦାରିଦ୍ର୍ୟ ସଂଖ୍ୟାର ପ୍ରକୃତ ବାର୍ତ୍ତାଟି କ'ଣ ? କାରଣ ବହୁମୁଖୀ ଦାରିଦ୍ର୍ୟ ସଂଖ୍ୟାଗୁଡ଼ିକ ଉପଭୋଗ ବା କଞ୍ଜମ୍ପସନ୍ ବ୍ୟୟକୁ ମାପ କରିବା ଉପରେ ଆଧାରିତ ନୁହେଁ ଆଉ ସେଥିପାଇଁ ଏକ ସ୍ଥିରୀକୃତ ଦାରିଦ୍ର୍ୟ ରେଖା ଉପରେ ଜଣେ ବ୍ୟକ୍ତି ଅଛନ୍ତି କି ନାହିଁ, ସେଗୁଡ଼ିକ ଭାରତରେ ମାନକ ଦାରିଦ୍ର୍ୟ ଆକଳନ ସହିତ ତୁଳନୀୟ ନୁହେଁ, ଯେଉଁଗୁଡ଼ିକ କେବଳ ୨୦୧୧-୧୨ ପର୍ଯ୍ୟନ୍ତ ଉପଲବ୍ଧ। ୨୦୧୧-୧୨ ପରେ ଭାରତରେ ଦାରିଦ୍ର୍ୟ ସଂଖ୍ୟାର ଆକଳନ ସମ୍ପର୍କିତ କୌଣସି ତଥ୍ୟ ଉପଲବ୍ଧ ନହେବାର କାରଣ ସରକାର ୨୦୧୭-୧୮ର ଉପଭୋଗ ବ୍ୟୟ ସର୍ଭେ (ସିଇଏସ୍)ର ରିପୋର୍ଟକୁ ପ୍ରତ୍ୟାଖ୍ୟାନ କଲେ ଏବଂ ଏବେ ସୁଦ୍ଧା ଆଉ କୌଣସି ନୂଆ ରିପୋର୍ଟ ପ୍ରକାଶିତ ହୋଇନାହିଁ । ଭାରତରେ ଏକ ସରକାରୀ ଭାବରେ ଉପଭୋଗ ସର୍ଭେର ଅଭାବ ଉପଭୋଗ- ଆଧାରିତ ଦାରିଦ୍ର୍ୟକୁ ନେଇ ଅନେକଗୁଡ଼ିଏ ବାଦ ପ୍ରତିବାଦ ଭିତରେ ଗୋଳେଇ ଘାଣ୍ଟି ହୋଇ ରହି ଯାଇଛି । ଅଧିକ ନିଶ୍ଚିତ ଭାବରେ କହିଲେ, ଏମିତିକି ସିଇଏସ୍-ଆଧାରିତ ଦାରିଦ୍ର୍ୟ ଆକଳନ ମଧ୍ୟ ଦାରିଦ୍ର୍ୟ ରେଖା ବା ଏହାର ପୁନରୁଦ୍ଧାର ସମୟଗୁଡ଼ିକରେ ପରିବର୍ତ୍ତନର ତୁଳନାକୁ ନେଇ କେତେକାଂଶରେ ବିବାଦର ପରିସରରୁ ମୁକ୍ତ ନୁହେଁ । ପ୍ରସଙ୍ଗକ୍ରମେ ସୂଚାଇ ଦିଆଯାଇପାରେ କି ବିଶ୍ୱ ବ୍ୟାଙ୍କ 'ଉତ୍କଟ ଦାରିଦ୍ର୍ୟ'ର ସଂଜ୍ଞା ନିରୂପଣ କରିବାକୁ ଯାଇ ଜଣେ ବ୍ୟକ୍ତିଙ୍କ ଦୈନିକ ଆୟ ୨.୧୫ ଆମେରିକୀୟ ଡଲାରରୁ କମ୍ ହେବାରେ ଧାର୍ଯ୍ୟ କରିଥିବା ବେଳେ ୨୦୧୯ରେ ୧୦.୯ ପ୍ରତିଶତ ଭାରତୀୟ 'ଦାରିଦ୍ର୍ୟ ରେଖା' ତଳେ ବାସ କରୁଥିବାର ଆକଳନ ପ୍ରଦାନ କରିଥିଲା । ଅପର ପକ୍ଷରେ, 'ବହୁମୁଖୀ ଦାରିଦ୍ର୍ୟ'କୁ ନେଇ ନୀତି ଆୟୋଗର ସଂଜ୍ଞା ପୋଷଣ, ଶିଶୁ ମୃତ୍ୟୁହାର, ସ୍କୁଲରେ ପାଠ ପଢ଼ିବାର ବର୍ଷ, ଏବଂ ପାନୀୟ ଜଳ ଓ ବାସଗୃହ ସମେତ ୧୨ ଗୋଟି ସୂଚକକୁ ବ୍ୟବହାର କରିଥାଏ । ତେବେ ଏସବୁ ଭିତରେ ସାମ୍ପ୍ରତିକ ଉପଭୋଗ ତଥ୍ୟର ଅଭାବ ବହୁମୁଖୀ ଦାରିଦ୍ର୍ୟର ଆକଳନକୁ ନିରର୍ଥକ କରେନାହିଁ । ସରକାର ଯଦି ଏହି ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ନିମନ୍ତେ ଅର୍ଥ ବ୍ୟୟ କରି ନଥାନ୍ତେ, ତା'ହେଲେ ଏହିସବୁ ଉନ୍ନତି ମଧ୍ୟରୁ ଅନେକ ହୁଏତ ସମ୍ଭବପର ହୋଇପାରି ନଥାନ୍ତା। ନୀତି ଆୟୋଗ ଦ୍ୱାରା ପ୍ରକାଶିତ ସଂଖ୍ୟାଗୁଡ଼ିକରେ ଦାରିଦ୍ର୍ୟ ହ୍ରାସର ଯେଉଁ ପରିମାଣ ଉଲ୍ଲେଖ କରାଯାଇଛି, ତାହା ଦର୍ଶାଇଛି ଯେ ଗତ ଦଶନ୍ଧି ମଧ୍ୟରେ ଭାରତରେ ଜନକଲ୍ୟାଣକାରୀ ଜାଲର ଏକ ଉଲ୍ଲେଖନୀୟ ବିସ୍ତାର ହୋଇ ପାରିଛି । ଏସବୁ ଭିତରେ ଯାହା ଉତ୍ସାହଜନକ, ତାହା ହେଉଛି- ଦାରିଦ୍ର୍ୟ ମାପ କରିବାର ପ୍ରଣାଳୀ ନିର୍ବିଶେଷରେ ଦାରିଦ୍ର୍ୟ ରେଖା ତଳେ ଯେଉଁମାନେ ରହିଛନ୍ତି, ସେମାନଙ୍କ ସଂଖ୍ୟା ହେଉଛି ୧୦ରୁ ୧୨ ପ୍ରତିଶତ– ଯାହା ୨୦ ବର୍ଷ ପୂର୍ବେ ୫୦ ପ୍ରତିଶତରୁ ଅଧିକ ଥିଲା । ତେବେ ଏହି ପ୍ରସଙ୍ଗକୁ ଯଦି ଜଣେ ସାମଗ୍ରିକ ଭାବରେ ଦେଖନ୍ତି, ତା'ହେଲେ ଯୁକ୍ତି ଦର୍ଶାଇ ପାରିବେ ଯେ ବହୁମୁଖୀ ଦାରିଦ୍ର୍ୟର ମାପଗୁଡ଼ିକରେ ପତନ ଏବଂ ଭାରତର ଉତ୍ତର-ମହାମାରୀ ଉପଭୋଗ ଅଭିବୃଦ୍ଧି ବିଷୟରେ ବଜାୟ ରହିଥିବା ଚିନ୍ତାଗୁଡ଼ିକ ଏବେ ସୁଦ୍ଧା ସଂକୀର୍ଣ୍ଣ ଆଧାରରେ ଜାରି ରହିବା ସରକାରଙ୍କ ଅର୍ଥନୀତିକ ପରିସରରେ ରହିଥିବା ସାମର୍ଥ୍ୟ ଏବଂ ଦୁର୍ବଳତାଗୁଡ଼ିକୁ ଚିହ୍ନିତ କରୁଛି। ନିଃସନ୍ଦେହରେ ସରକାର ଲକ୍ଷ ଲକ୍ଷ ଗରିବ ଲୋକଙ୍କୁ ମୌଳିକ ସାମଗ୍ରୀଗୁଡ଼ିକ ପ୍ରଦାନ କରିବା ନିମନ୍ତେ ସମ୍ବଳଗୁଡ଼ିକର ଉପଯୋଗ କରି ଏକ ଉତ୍ତମ କାର୍ଯ୍ୟ କରିଛନ୍ତି। ପରନ୍ତୁ, ସେହି ସମସ୍ତ ଲୋକଙ୍କ ପାଇଁ ସ୍ଥାୟୀ ଆୟର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଏକ ଅଧିକ କଷ୍ଟକର ଆହ୍ୱାନ ହୋଇ ରହିଛି । ପରିଣତିରେ ଅଧିକ ଲୋକ ଯେତେବେଳେ 'ଉତ୍କଟ ଦାରିଦ୍ର୍ୟ'ରୁ ମୁକ୍ତି ପାଇଛନ୍ତି, ସେତିକି ବେଳେ ସମତାଳରେ ଆୟର ଅସମାନତାରେ ବୃଦ୍ଧି ଘଟିଛି। ୨୦୨୪ର ଏସିଆ-ପ୍ରଶାନ୍ତ ମହାସାଗରୀୟ ବିକାଶ ରିପୋର୍ଟ ଦର୍ଶାଇଛି ଯେ ୨୦୦୦ରୁ ୨୦୨୨ ମଧ୍ୟରେ ଭାରତର ମୁଣ୍ଡପିଛା ଆୟ ୪୪୦ ଆମେରିକୀୟ ଡଲାରରୁ ୨,୪୦୦ ଡଲାରକୁ ବୃଦ୍ଧି ପାଇଥିବା ବେଳେ ସମ୍ପଦର ଆବଣ୍ଟନ କ୍ଷେତ୍ରରେ ପାର୍ଥକ୍ୟ ମଧ୍ୟ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି। ୨୦୨୧ରେ ଏକ ଆକଳନ ଅନୁସାରେ, ଦେଶର ଦଶ ଜଣ ଧନୀ ଲୋକ ଜାତୀୟ ଆୟର ୫୭ ପ୍ରତିଶତର ମାଲିକ ହୋଇଛନ୍ତି ଏବଂ ନିମ୍ନରେ ଥିବା ଅଧା ଲୋକ ମାତ୍ର ୧୩ ପ୍ରତିଶତର। ଫଳ ସ୍ୱରୂପ, ଏହା ଦେଶକୁ ସର୍ବାଧିକ ଅସମାନ ଆୟ ଆବଣ୍ଟନକାରୀ ସ୍ଥିତିକୁ ନେଇ ଯାଇଛି । ତେଣୁ ସମ୍ପ୍ରତି ସମୟ ଉପଗତ ହୋଇଛି, କେବଳ ମୌଳିକ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ଉପରେ ଧ୍ୟାନ ଦିଆଯିବା ଉଚିତ ନୁହେଁ, ବରଂ ଏକ ସାମଗ୍ରିକ ମାନବ ବିକାଶ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରାଯିବା ଉଚିତ।

## ଶ୍ରୀରାମଙ୍କ ଆଦର୍ଶ ଆଜି ବି ପ୍ରାସଙ୍ଗିକ !

### ଅକ୍ଷୟ କୁମାର ରାଉତ

ଶ୍ରୀରାମ କେବଳ ଏକ ନାମ ନୁହେଁ ଶ୍ରୀରାମ ଭାରତୀୟ ସଂସ୍କୃତି, ଐତିହ ପରମ୍ପରାର ଅଭିନ୍ନ ଅଙ୍ଗ, ଶ୍ରୀରାମଙ୍କୁ ବାଦ ଦେଇ ଭାରତୀୟ ସଂସ୍କୃତି କୁ ପରିକଳ୍ପନା କରାଯାଇ ନପାରେ । ରାମ କେବଳ ଦୁଇଟି ଅକ୍ଷର ନୁହେଁ ରାମ ପ୍ରତ୍ୟେକ ଜୀବ ଦେହରେ ଅବସ୍ଥିତ ଜୀବାତ୍ମା । ରାମ ଚେତନା ଓ ସଜୀବତାର ପ୍ରମାଣ । ଭାରତୀୟ ସମାଜରେ ମର୍ଯ୍ୟାଦା, ଆଦର୍ଶ, ବିନୟ, ବିବେକ, ଲୋକତାନ୍ତ୍ରିକ ଗୁଣ ଏବଂ ସଂଯମତାର ନାମ ହିଁ ରାମ । ରାମଙ୍କ ଆଦର୍ଶ ସେଇ ଲକ୍ଷ୍ମଣ ରେଖାର ମର୍ଯ୍ୟାଦା ସମାନ ଯାହାକୁ ଲଙ୍ଘିଲେ ଅନର୍ଥ ଆଉ ମର୍ଯ୍ୟାଦା ଭିତରେ ରହିଲେ ଜୀବନ ସୁରକ୍ଷିତ ଏବଂ ଆନନ୍ଦିତ । ପରନ୍ତୁ ଆଜି ନେତା ଏବଂ କିଛି ଅଜ୍ଞାନୀ ମାନବ ନିଜର ରାଜନୈତିକ ହିତ ସାଧନ ନିମନ୍ତେ ଶ୍ରୀରାମଙ୍କ ନାମକୁ ବ୍ୟବହାର କରିବା ସହିତ ଶ୍ରୀରାମଙ୍କ ଉପରେ କେବଳ ସେମାନଙ୍କ ସତ୍ୱାସତ୍ୱ ରହିଛି ବୋଲି ଢୋଲ ପିଟନ୍ତି ତାହା କେତେ ପ୍ରାସଙ୍ଗିକ !

ଆଜି ସଭ୍ୟତାର ବିକାଶ ହୋଇଥିଲେ ମଧ ଯେମିତି ଜାତି, ଧର୍ମ, ଛୁଆଁ ଅଛୁଆଁ ଭାବର ପ୍ରଚଳନ ଚାଲିଛି ତାହା ଅତ୍ୟନ୍ତ ଚିନ୍ତାଜନକ । ନିଜକୁ ରାମ ଭକ୍ତ ଏବଂ ଉଚ୍ଚ ଜାତିର ବୋଲି କହୁଥିବା କିଛି ବଡ ପଣ୍ଡା ମାନେ ଅନୁସୂଚିତ ଜାତି, ଜନଜାତିର ଲୋକଙ୍କୁ ମନ୍ଦିରରେ ପ୍ରବେଶ କରାଇ ଦେଉ ନାହାନ୍ତି ଏମିତିକି ଏହି ଅନୁସୂଚିତ ଜାତିର ଲୋକେ ବିବାହ ସମୟରେ ଗାଁ ଦାଣ୍ଡରେ ତଥା ଉଚ୍ଚ ଜାତିର ଲୋକଙ୍କ ଘର ଆଗରେ ବିବାହ ପ୍ରସେଶନ କରାଇ ନଦେବା ଭଳି, ଘୃଣ୍ୟ, ଅମାନବୀୟ ଘଟଣା ଲୋକଲୋଚନକୁ ଆସୁଛି । ଯେଉଁମାନେ ନିଜକୁ ରାମ ଭକ୍ତ କହୁଛନ୍ତି ସେମାନେ ଶ୍ରୀରାମଙ୍କ ଚରିତ୍ର, ବିଚାରଧାରା ରୁ କି ଶିକ୍ଷା ଲାଭ କଲେ । ରାମ ଜାତି ବର୍ଗଠୁ ଉପରେ, ନର ବାନର, ଦାନବଠୁ ବ୍ରାହ୍ମଣ, ଶୂଦ୍ର ସଭିଙ୍କର ନିକଟତର ଥିଲେ ସେ । ନିଶାଦ ରାଜା ଆଦିବାସୀ ଥିଲେ ମଧ ସେ ଶିକ୍ଷା ଲାଭ ସମୟରେ ତାଙ୍କ ସହିତ ମିତ୍ରତା ରଖିଥିଲେ। ସୁଗ୍ରୀବଠୁ ଜଟାୟୁ ବନଜୀବୀ ହୋଇଥିଲେ ମଧ ସେ ତାଙ୍କ ସହିତ ମିତ୍ରତା ରଖିଥିଲେ।

ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତା ଗଙ୍ଗା ନଦୀ କୂଳରେ ପହଞ୍ଚି ନଦୀ ପାର ହେବାପାଇଁ ଶ୍ରୀରାମ ଯେତେବେଳେ କେଉଟକୁ ନାବ କୂଳକୁ ଆଣିବାକୁ କହିଛନ୍ତି ସେତେବେଳେ କେଉଟ କହିଛି ଯେ, 'ଆପଣଙ୍କ ଚରଣ ସ୍ପର୍ଶରେ ପଥର ନାରୀ ହେବାର ଶୁଣିଛି ଯଦି ଆପଣଙ୍କ ଚରଣ ରେଣୁ ମୋ ନାବରେ ପଡେ ତେବେ ମୋ ନାବ ନାରୀ ପାଲଟି ଯିବ ତେଣୁ ମୁଁ ପ୍ରଥମେ ଗଙ୍ଗା ଜଳରେ ଆପଣଙ୍କ ଚରଣ ଧୋଇ ପୁଣି ନାବରେ ବସିବାକୁ ଦେବି । କେଉଟର ସର୍ତ୍ତକୁ ଶ୍ରୀରାମ ମାନିଛନ୍ତି । ପ୍ରଥମେ କେଉଟ ଶ୍ରୀରାମଙ୍କ ପାଦ ଧୋଇଦେଇ ପୁଣି ନାବରେ ବସିବାକୁ ଦେଇଛି । କେଉଟ ରାମ ରାଜ୍ୟର ପ୍ରଥମ ନାଗରିକ ଯିଏ ଶ୍ରୀରାମଙ୍କ ପାଦ ଧୋଇ ଛୁଆଁ ଅଛୁଆଁ ଉଚ୍ଚ ନୀଚ ଭିତରେ ଥିବା ପ୍ରଭେଦକୁ ଦୂରେଇ ଦେଇଥିଲେ । ଯେଉଁ ଶ୍ରୀରାମଙ୍କ ଦର୍ଶନ ପ୍ରାପ୍ତି ପାଇଁ ମୁନି ଋଷି କାଳ କାଳରୁ ତପସ୍ୟା ରତ ସେ ସ୍ଥଳେ ଜଣେ ଅନୁସୂଚିତ ଜାତିର ବ୍ୟକ୍ତି ଶ୍ରୀରାମଙ୍କ ଚରଣ ଧୋଇବାର ସୌଭାଗ୍ୟ ପ୍ରାପ୍ତି କରିବା କିଛି ଛୋଟ କଥା ନୁହେଁ ।

ପତି ଦ୍ୱାରା ପରିତ୍ୟକ୍ତା ଶବରୀକୁ ଯେଉଁଠି ମୁନି ଋଷି ମାନେ ଅଛୁଆଁ କହି ଦୂରେଇ ଦେଇଥିଲେ ସେଇ ଶବରୀର ଅଇଁଠା ଫଳ ଖାଇବା ଦର୍ଶାଏ ଯେ, ତାଙ୍କ ହୃଦୟ, ତାଙ୍କ ବିଚାର ତାଙ୍କ ସଂସ୍କାର କେଡ଼େ ମହାନ । ଆଜିର ସମୟରେ କିଏ ଏମିତି ଅଛନ୍ତି ଯିଏ ଅନ୍ୟର ଅଇଁଠା ଜିନିଷକୁ ଖାଇବାକୁ ଆଗ୍ରହ ପ୍ରକାଶ କରିବ ! କେବଳ ଶିଶୁ ହିଁ ମା, ବାପାଙ୍କ ଅଇଁଠା ଜିନିଷ ଖାଇପାରେ ବଡ ହେବାପରେ ସେମାନେ ମଧ କୁଣ୍ଠା ବୋଧ କରିବେ। ପରନ୍ତୁ ଶ୍ରୀରାମ ରାଜକୁମାର ହୋଇଥିଲେ ମଧ ଅତି ଆନନ୍ଦରେ ଶବରୀଠୁ ଅଇଁଠା ଫଳ ଖାଇଛନ୍ତି । ଯେତେବେଳେ ଲକ୍ଷ୍ମଣ ଶବରୀ ହାତରୁ ଅଇଁଠା ଫଳ ଖାଇବାକୁ କୁଣ୍ଠା ପ୍ରକାଶ କରିଛନ୍ତି ସେତେବେଳେ ଶ୍ରୀରାମ କହିଛନ୍ତି 'ମାତା ବାଛିଥିବା ଫଳ ଅତୀବ ସ୍ୱାଦିଷ୍ଟ ଆଉ ମାତାଙ୍କ ହାତରୁ ଖାଇବାରେ ସଙ୍କୋଚ କଣ' । ଯେଉଁ ଶ୍ରୀରାମଙ୍କ ଦର୍ଶନ ପାଇଁ ମୁନି ଋଷି ବର୍ଷେ ବର୍ଷେ ତପସ୍ୟା କରି ମଧ ତାଙ୍କ ସାନିଧ ପ୍ରାପ୍ତି କରି ପାରୁ ନଥିଲେ ସେ ସ୍ଥଳେ ଜଣେ ପତିତା ନାରୀଙ୍କୁ ସେ ଦର୍ଶନ ଦେଇଛନ୍ତି। ଏହା ସମାଜ ପାଇଁ ଏକ ବାର୍ତ୍ତା ଯେ, କେବଳ ତପସ୍ୟା ବା ସାଧନା ଦ୍ୱାରା ଇଶ୍ୱର ପ୍ରାପ୍ତି ହୁଏନା କିମ୍ବା କେବଳ ଉଚ ଜାତିରେ ଜନ୍ମିତ, ମୁନି ଋଷି ଇଶ୍ୱର ଦର୍ଶନ କରିବେ ବୋଲି ସେମିତି କିଛି ମାନେ ନାହିଁ ଭକ୍ତି ଓ ଶ୍ରଦ୍ଧା ସର୍ବୋପରି । ଶବରୀକୁ ଦର୍ଶନ ଦେବା ଶ୍ରୀରାମଙ୍କ ଆଦର୍ଶ, ନାରୀ ପ୍ରତି ସମ୍ମାନ ତଥା ଜାତି ପ୍ରତି ସମ ଭାବର ଏକ ବଳିଷ୍ଠ ଉଦାହରଣ ।

ବର୍ତ୍ତମାନ ସମୟରେ ସମ୍ପତ୍ତି ପାଇଁ ଯେମିତି ଭାଇ ଭାଇ ଭିତରେ କଳହ ସୃଷ୍ଟି ହେଉଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶ୍ରୀରାମଙ୍କ ଭାତୃ ପ୍ରେମ ଏମିତି ଥିଲା ଯେ ଲକ୍ଷ୍ମଣ ରାମଙ୍କ ସହିତ ସର୍ବଦା ରହିଥିଲେ ଠିକ ସେମିତି ଭରତ ଅଯୋଧ୍ୟର ରାଜା ହୋଇଥିଲେ ମଧ ଭାତୃ ଭକ୍ତି ପାଇଁ ସେ ସିଂହାସନ କୁ ତ୍ୟାଗ କରି ଶ୍ରୀରାମଙ୍କ କଠଉ କୁ ସିଂହାସନ ଉପରେ ରଖି ପୂଜା କରିଛନ୍ତି ଏହା ଦର୍ଶାଏ ତାଙ୍କ ଭାତୃ ପ୍ରେମ କେତେ ନିବିଡ଼ ଥିଲା । ସେ କେବଳ ଯେ ଉତ୍ତମ ଭାଇ ଥିଲେ ତାହା ନୁହେଁ ଯେ ଜଣେ ଆଦର୍ଶ ପତି ମଧ ଥିଲେ ସେ ସମୟରେ ରାଜା ଏବଂ ସମ୍ରାଟ ବହୁ ପତ୍ନୀ ରଖିବାର ପ୍ରଥା ଥିଲା ସ୍ୱୟଂ ପିତା ଦଶରଥଙ୍କ ତିନୋଟି ରାଣୀ ଥିଲେ ମଧ ଶ୍ରୀରାମ ସୀତାଙ୍କ ସହିତ ଖୁସିଥିଲେ । ଏମିତିକି ସୀତାଙ୍କୁ ରାବଣ ହରିନେବା ପରେ ଏବଂ ସୀତାଙ୍କ ବନବାସ ପରେ ମଧ ସେ ଦ୍ୱିତୀୟ ପତ୍ନୀ କଥା କେବେ ଭାବି ନାହାନ୍ତି, ଏହା ତାଙ୍କ ପତ୍ନୀ ପ୍ରତି ପ୍ରେମ ଏବଂ ନାରୀ ପ୍ରତି ସମ୍ମାନର ଏକ ଜ୍ୱଳନ୍ତ ଉଦାହରଣ ।

ଏକଥା ସତ୍ୟ ଯେ କ୍ଷମତା ଅହଂକାରକୁ ଜନ୍ମ ଦେଇଥାଏ । ଆଜିର ସମୟରେ ଯେମିତି କ୍ଷମତା ବା ଶକ୍ତିର ଦୁରୁପଯୋଗ ପ୍ରତ୍ୟେକ ସ୍ତରରେ କରାଯାଉଛି ତାହା ରାଜନୈତିକ ହେଉ, ସାମାଜିକ କିମ୍ବା ଅର୍ଥନୈତିକ ପରନ୍ତୁ ଶ୍ରୀରାମଙ୍କ ପାଖରେ ଅପାର ଶକ୍ତି ଥିଲେ ମଧ ସେ ସଞ୍ଜମିତ ଥିଲେ । ସାମାଜିକ, ଲୋକତାନ୍ତ୍ରିକ ଏବଂ ମାନବୀୟ କରୁଣାର ଉତ୍ସ ଥିଲେ ଶ୍ରୀରାମ। ଶ୍ରୀରାମ ସାକ୍ଷାତ ପରମାତ୍ମା ହୋଇଥିଲେ ମଧ ସମାଜକୁ ସେ ମାନବତାର ବାର୍ତ୍ତା ଦେଇଛନ୍ତି । ଶ୍ରୀରାମ ଚାହିଁଥିଲେ ରାବଣକୁ ଲଙ୍କା ନଯାଇ ମଧ ବଦ୍ଧ କରି ପାରିଥାନ୍ତେ ପରନ୍ତୁ ସେ କୌଣସି ଚମତ୍କାର କିମ୍ବା ଅଲୌକିକ ଶକ୍ତିର ସାହାଯ୍ୟ ନ ନେଇ ଜଣେ ସାଧାରଣ ମାନବ ଜୀବନରେ ଯେଉଁ ସଂଘର୍ଷ ଆସେ ଆଉ ସେଇ ସଂଘର୍ଷକୁ ସାମନା କରିବା ପାଇଁ ଯେଉଁ ଯେଉଁ ଯୋଜନା ପ୍ରସ୍ତୁତ କରିବାକୁ ହୁଏ ତାହା ତାଙ୍କ ଚରିତ୍ରରୁ ଶିକ୍ଷା ମିଳେ । ଯେହେତୁ ଶ୍ରୀରାମଙ୍କ ଜନ୍ମ ମାନବ ଶରୀରରେ ହୋଇଥିଲା ତେଣୁ ଜଣେ ସାଧାରଣ ମଣିଷକୁ ଯେଉଁ ସବୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ତାହା ସେ ଅଙ୍ଗେ ନିଭାଇଛନ୍ତି । ଶ୍ରୀରାମ ଚାହିଁ ଥିଲେ ନିଜର ଅଲୌକିକ ଶକ୍ତି ବଳରେ ସମୁଦ୍ର ଉପରେ ସେତୁ ବନ୍ଧ ନିର୍ମାଣ କରି ପାରିଥାନ୍ତେ ପରନ୍ତୁ ସେ ତାହା ନକରି ଜଣେ ସାଧାରଣ ମାନବ ଭାବେ ପ୍ରଥମେ ସମୁଦ୍ର ଦେବଙ୍କୁ ପ୍ରାର୍ଥନା କରି ତାର ନିରାକରଣ ବିଷୟରେ ପଚାରିଛନ୍ତି ଏବଂ ସମାଜର ସବୁ ବର୍ଗଙ୍କୁ ସାଥିରେ ନେଇ ସେତୁ ବନ୍ଧୁ ନିର୍ମାଣ କରିଛନ୍ତି । ଏଇ ସେତୁ ନିର୍ମାଣରେ ସେ ସଭିଙ୍କ ସାହାଯ୍ୟ ନେଇଛନ୍ତି ଏବଂ ସଭିଙ୍କୁ ସମାନ ଅଧିକାର ଦେଇଛନ୍ତି ସେ ବାନର ହେଉ କି, ପଶୁ, ଗୁଣ୍ଡୁଚି ଅବା ମାନବ । ଶ୍ରୀରାମଙ୍କ ପାଇଁ ସଂସାରର ସମସ୍ତ ପ୍ରାଣୀ ସମାନ।

ଆମେ କେବଳ ଶ୍ରୀରାମଙ୍କୁ ଭଗବାନ ବୋଲି ପୂଜା କରି ତାଙ୍କ ଆଦର୍ଶ, ତାଙ୍କ ଚରିତ୍ରକୁ ଅନୁସରଣ ନକରିବା କେତେଦୂର ଯଥାର୍ଥ ! ଗୋଟାଏ ପଟେ ଆମେ ଶ୍ରୀରାମଙ୍କୁ ପୂଜା କରୁଛନ୍ତି ପରନ୍ତୁ ନିଜର ବୃଦ୍ଧ ମାତା ପିତାଙ୍କୁ ଅନାଦର କରି ସେମାନଙ୍କୁ ଅସହାୟ ଅବସ୍ଥାରେ ଛାଡି ଦେଇଛନ୍ତି କିମ୍ବା ବୃଦ୍ଧାଶ୍ରମରେ ଛାଡୁଛନ୍ତି । ଏହା କରୁଥିବା ବ୍ୟକ୍ତି କେବେ ନିଜକୁ ଶ୍ରୀରାମଙ୍କ ଭକ୍ତ ବୋଲି କହିବାର ଅଧିକାର ରଖେ ନାହିଁ । ପିତାଙ୍କ ସତ୍ୟ ରକ୍ଷା କରି ମାତାଙ୍କ ଆଦେଶରେ ରାଜପ୍ରସାଦର ଭୋଗବିଳାସ ତ୍ୟାଗକରି ସନ୍ୟାସୀ ରୂପେ ଚଉଦ ବର୍ଷ ବନକୁ ଯିବା ଆଜିର ସମୟରେ କେଉଁ ପୁତ୍ର କରିପାରିବ ? ଯେଉଁଠି ସନ୍ତାନ ନିଜର ମାତା ପିତାଙ୍କ ଆଦେଶକୁ ମାନିବା ତ ଦୂରର କଥା ବରଂ ମାତା ପିତାଙ୍କୁ ଧମକ ଦେଉଛନ୍ତି ସେଠାରେ ସନ୍ତାନମାନଙ୍କଠାରୁ ବଳିଦାନ ଆଶା କରିବା ହାସ୍ୟାସ୍ପଦ । ଶ୍ରୀରାମ ନିଜର ଆଦର୍ଶ, ସଂସ୍କାର, ପିତୃଭକ୍ତି ଓ ତ୍ୟାଗ ବଳିଦାନର ମୂର୍ତ୍ତିମନ୍ତ କିମ୍ବଦନ୍ତୀ ଭାବେ ଅଜି ମଧ ବିଦ୍ୟମାନ ।

ଶ୍ରୀରାମ କେବଳ ନ୍ୟାୟବନ୍ତ ନଥିଲେ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସେ ସର୍ବଦା ଠିଆ ହୋଇଥିବାର ନଜିର ରହିଛି। ଗୁରୁକୁଳରୁ ଶିକ୍ଷା ପ୍ରାପ୍ତି କରି ଫେରିବା ତତ୍ପଶ୍ଚାତ ମହର୍ଷି ବିଶ୍ୱାମିତ୍ର ଅଯୋଧ୍ୟା ପହଞ୍ଚି ଆଶ୍ରମ ଉପରେ ଅସୁର ମାନଙ୍କ ଆକ୍ରମଣ ଘଟଣ। ଦଶରଥଙ୍କୁ କହିଥିଲେ । ମହର୍ଷିଙ୍କ ସହିତ ବନକୁ ଶ୍ରୀରାମଙ୍କୁ ପଠାଇବାକୁ ଦଶରଥ କୁଣ୍ଠାପ୍ରକାଶ କରିଥିବା ବେଳେ ଶ୍ରୀରାମ ଏବଂ ଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ସହିତ ବନକୁ ଯାଇ ବନରେ ଉତ୍ପାତ କରୁଥିବା ତାଡକା, ସୁବାହୁ ଓ ମାରିଚ ଆଦି ରାକ୍ଷସ ମାନଙ୍କୁ ଦଣ୍ଡ ଦେଇ ଆଶ୍ରମ ପରିସରରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ସେମିତି ବାଳି ଦ୍ୱାରା ନିଜର ସାନ ଭାଇ ସୁଗ୍ରୀବକୁ ରାଜ୍ୟରୁ ନିଷ୍କାସିତ କରି ସୁଗ୍ରୀବର ରାଜ୍ୟକୁ ଅକ୍ତିଆର କରିବା ଏବଂ ସାନ ଭାଇର ପତ୍ନୀକୁ ତା ଇଚ୍ଛା ବିରୁଦ୍ଧରେ ନିଜ ପାଖରେ ରଖିବା ଭଳି ଅନ୍ୟାୟ, ଅତ୍ୟାଚାର ଓ ପାପକୁ ଶ୍ରୀରାମ ସହ୍ୟ କରିନଥିଲେ ଫଳ ସ୍ୱରୂପ ବାଳିକୁ ବଦ୍ଧ କରି ସୁଗ୍ରୀବକୁ ତାର ରାଜ୍ୟ ଏବଂ ପତ୍ନୀ ଫେରାଇ ଦେଇଥିଲେ। କେବଳ ଏତିକି ନୁହେଁ ଗୌତମ ଋଷିଙ୍କ ଦ୍ୱାରା ଅଭିଶପ୍ତ ପାଷାଣି ଆହଲ୍ୟାକୁ ମଧ ସେ ଜୀବନ ଦାନ ଦେଇଥିଲେ । ପରନ୍ତୁ ଆଜିର ସମୟରେ ଯଦି ଜଣେ ନିରୀହ ବ୍ୟକ୍ତି ଉପରେ କେହି ଅତ୍ୟାଚାର କରୁଛି ତାହାକୁ ଅନ୍ୟମାନେ ପ୍ରତିରୋଧ କରିବା ପରିବର୍ତ୍ତେ ତାର ଭିଡିଓ କରି ଇଣ୍ଟରନେଟ୍ ରେ ଛାଡିବାକୁ ଅଧିକ ପସନ୍ଦ କରୁଛନ୍ତି ।

ଆଜିର ସମୟରେ ଯେମିତି ଶ୍ରୀରାମଙ୍କ ନାମ ଧରି ହିଂସା, ଦ୍ୱେଷ, ଘୃଣା ସୃଷ୍ଟି କରା ଯାଉଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ । ଶ୍ରୀରାମ ଶାନ୍ତି, ମୈତ୍ରୀର ପ୍ରତୀକ ଥିଲେ, ସର୍ବଦା ସେ ଶାନ୍ତ, ବିନମ୍ର ରହିଥିବା ତାଙ୍କ ଚରିତ୍ରରୁ ପ୍ରମାଣିତ । ଶିବ ଧନୁ ଭଗ୍ନ ସମୟରେ ଯେଉଁ ଶବ୍ଦ ସୃଷ୍ଟି ହୋଇଥିଲା ତାହା ଦ୍ୱାରା ପର୍ଶୁରାମଙ୍କ ତପସ୍ୟା ଭଗ୍ନ ହୋଇ ଥିଲା ଫଳରେ ପର୍ଶୁରାମ କ୍ରୋଧିତ ହୋଇ ଶ୍ରୀରାମଙ୍କୁ ଅପମାନିତ କରିବା ସହିତ ତାଙ୍କ ସହିତ ଯୁଦ୍ଧ କରିବାକୁ ଆହ୍ୱାନ କରିଥିଲେ ଏହା ଶୁଣି ଲକ୍ଷ୍ମଣ କ୍ରୋଧିତ ହୋଇ ପର୍ଶୁରାମଙ୍କ ସହିତ ତର୍କ କରିଥିଲେ ପରନ୍ତୁ ଶ୍ରୀରାମ ଅତି ବିନମ୍ର ଭାବେ ପର୍ଶୁରାମଙ୍କୁ ବୁଝାଇ ତାଙ୍କ ତପସ୍ୟା ଭଗ୍ନ ପାଇଁ କ୍ଷମା ମାଗିଥିଲେ ଏହା ହିଁ ଥିଲା ତାଙ୍କ ମହାନତାର ପରାକାଷ୍ଠା ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଶେଖ ହାସିନା ଓ ଭାରତ

### ସୌଭାଗ୍ୟ ରଂଜନ ମହାନ୍ତି



ଗତ ସପ୍ତାହରେ ବଙ୍ଗଳା ଦେଶରେ ଅନୁଷ୍ଠିତ ସାଧାରଣ ନିର୍ବାଚନର ଫଳାଫଳ ନେଇ ବିସ୍ମିତ ହେବାର କିଛି କାରଣ ନାହିଁ। ବଙ୍ଗଳା ଦେଶର ମୁଖ୍ୟ ବିରୋଧିଦଳ ବର୍ଜନ କରିଥିବା ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ନେତୃତ୍ୱରେ ପରିଚାଳିତ । ଆୱାମୀ ଲିଗ୍ୟୁ ୩୦୦ ସଦସ୍ୟ ବିଶିଷ୍ଟ ପାର୍ଲିଆମେଂଟରେ ୨୨୨ଟି ଆସନରେ ବିଜୟୀ ହୋଇ କ୍ରମାଗତ ଚତୁର୍ଥ ଥର ପାଇଁ ଦେଶରେ ଶାସନ ଡୋରି ଧରିଛନ୍ତି। ନିର୍ବାଚନକୁ ବର୍ଜନ କରିଥିବା ମୁଖ୍ୟ ବିରୋଧି ଦଳ ବଙ୍ଗଳା ଦେଶ ଜାତୀୟ ବାଦୀ ପାର୍ଟି (ବିଏନପି) ବ୍ୟାପକ ଜାଲିଆତି ହୋଇଥିବା ଅଭିଯୋଗ କରି ପ୍ରଧାନମନ୍ତ୍ରୀ ପଦରୁ ଶେଖ୍ ହାସିନାଙ୍କ ଇସ୍ତଫା ଦାବି କରି ସାଧାରଣ ଧର୍ମଘଟ ପାଇଁ ଆହ୍ୱାନ ଦେଇଛି। ୧୯୯୧ ରେ ସ୍ୱାଧୀନ ବଙ୍ଗଳାଦେଶ ଜନ୍ମନେବା ପର ଠାରୁ ନିର୍ବାଚନ ବର୍ଜନ। ସରକାରର ଇସ୍ତଫା ଦାବି, ସାଧାରଣ ଷ୍ଟ୍ରାଇକ କିଛି ନୂଆ କଥା ନୁହେଁ। ପ୍ରତି ଥରର ସାଧାରଣ ନିର୍ବାଚନ ପରେ ବିରୋଧି ଦଳଗୁଡିକ ପକ୍ଷରୁ ଯାହା ଘଟିଥାଏ, ଏବେ ହି ତା'ର କେବଳ ପୁନରାବୃତି ଘଟିଛି। ମୁଖ୍ୟ ବିରୋଧି ଦଳ ବିଏନପିର ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଚ୍ୟାଲେଞ୍ଜ ଦିଆ ଏବେ ଜେଲରେ ନଜରବନ୍ଦୀ ଥିବାବେଳେ ଦଳର କାର୍ଯ୍ୟକାରୀ ତଥା ପୁଅ ତାରିକ୍ ରହମନ ଏବେ ଲଣ୍ଡନରେ ନିର୍ବାସନରେ ଅଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଚଳିତ ନିର୍ବାଚନରେ ବଙ୍ଗଳାଦେଶରେ ଯେତିକି ଭୋଟଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି, ତାହା ୧୯୯୧ରେ ଗଣତାନ୍ତ୍ରୀକ ଶାସନ ବ୍ୟବସ୍ଥା ପୁନଃବାହଲ୍ ହେବା ପରେ ଦ୍ୱିତୀୟ ସବୁଠାରୁ କମ୍ ମତଦାନ ହାର ଥିଲା। ଉଲ୍ଲେଖ କରାଯାଇପାରେ ଯେ, ମୁଖ୍ୟ ବିରୋଧି ଦଳ ବିଏନପିର ନିର୍ବାଚନ ବର୍ଜନ ଓ ସାଧାରଣ ଷ୍ଟ୍ରାଇକ୍ ଆହ୍ୱାନ ପରିପ୍ରେକ୍ଷୀରେ ମତଦାନ ହାର ସର୍ବନିମ୍ନ ରହିଥିଲା। ଗତ ୨୦୧୯ ପାର୍ଲିଆମେଂଟ ନିର୍ବାଚନରେ ଦେଶରେ ମତଦାନ ହାର ୮୦ ପ୍ରତିଶତ ଥିବାବେଳେ ଏଥର ତାହା ୪୦ ପ୍ରତିଶତକୁ ହ୍ରାସ ପାଇଥିଲା। ତେବେ ସେ ଯାହା ହେଉନା କାହିଁକି, ଭାରତ ହେଉଛି ବଙ୍ଗଳା ଦେଶର ବିଶ୍ୱାସୀ ବନ୍ଧୁ ବୋଲି ନିର୍ବାଚନ ଦିନ ଟେଲିଭିଜନ ଚ୍ୟାନେଲଗୁଡିକ ସମ୍ମୁଖରେ ପ୍ରକାଶ କରିବା ଭାରତ ପ୍ରତି ତାଙ୍କର ଆସ୍ଥା ଓ ବିଶ୍ୱାସକୁ ପ୍ରତିପାଦିତ କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଭାରତର ପଡୋଶୀ ତଥା ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସୁସମ୍ପର୍କ ଏବଂ ସହଯୋଗିତା ବୃଦ୍ଧି ନେଇ ଅଶୀ ଦଶକରେ ଜନ୍ମ ନେଇ ଦକ୍ଷିଣ ଏସିଆ ଆଂଚଳିକ ସହଯୋଗ ସମିତି (ସାର୍କ)ର ସାତ ସଦସ୍ୟଙ୍କ ମଧ୍ୟରୁ ଏବେ ପାକିସ୍ଥାନ, ନେପାଳ, ଶ୍ରୀଲଙ୍କା, ମାଳଦୀପ, ଆଫଗାନିସ୍ଥାନ ସହ ଭାରତର ସମ୍ପଦ ଏବେ ଭଲ ନାହିଁ। ଦେଶ ସ୍ୱାଧୀନ ହେବା ପରଠାରୁ ପାକିସ୍ଥାନ ଭାରତ ସହ ଶତ୍ରୁତା ଆଚରଣ କରି ଆସିଛି। ଏପରିକି ଦୁଇ ଦେଶ ମଧ୍ୟରେ ଚାରି ଚାରି ଥର ପ୍ରତ୍ୟକ୍ଷ ଯୁଦ୍ଧ ଲାଗିଛି। ଏବେ ବି ସୀମା ପାର ଆତଙ୍କବାଦ ଦ୍ୱାରା ଭାରତ ବରୁଦ୍ଧରେ ପାକିସ୍ଥାନ ଛାୟା ଯୁଦ୍ଧ ଜାରି ରଖିଛି। ସେହିପରି ଭାରତର ଶତ୍ରୁ ରାଷ୍ଟ୍ରଭାବେ ପରିଚିତ ଚୀନ'ର ନିକଟତର ହୋଇ ଏବେ ନେପାଳ, ଶ୍ରୀଲଙ୍କା, ମାଳଦୀପ ଖୋଲାଖୋଲି ଆହ୍ୱାନ ସୃଷ୍ଟି କରିଛନ୍ତି। ଯଥାର୍ଥରେ କହିବାକୁ ଗଲେ ପଡୋଶୀ ରାଷ୍ଟ୍ରମାନଙ୍କ ସହ ଭାରତର ସମ୍ପର୍କ ଏବେ ଭଲ ନାହିଁ। ଏପରି ଏକ ସମୟରେ ନିର୍ବାଚନ ପରିପ୍ରେକ୍ଷୀରେ ବୈଦ୍ୟୁତିକ ଗଣମାଧ୍ୟମଗୁଡିକ ସମ୍ମୁଖରେ ଭାରତ ଆମର ବିଶ୍ୱାସୀ ବନ୍ଧୁ ରାଷ୍ଟ୍ର ବୋଲି କହି ପ୍ରଶଂସା କରିବା ଆଶ୍ୱସ୍ତିର କାରଣ ହୋଇଛି ସତ। କିନ୍ତୁ ବଙ୍ଗଳାଦେଶ ଏବେ ଯେପରି ଚୀନର ନିକଟତର ହେବାରେ ଲାଗିଛି, ତାହା ଚିନ୍ତାର କାରଣ ହେବା ସ୍ୱାଭାବିକ। ଚୀନର ବେଲଟ ଆଣ୍ଡ ରୋଡ ଇନିସିଏଟିଭ(ବିଆର୍ଆଇ) ପ୍ରକଳ୍ପକୁ ଭାରତ ଦୃଢ ବିରୋଧି କରିବା ସହ ପ୍ରତ୍ୟାଖ୍ୟାନ କରିଥିବାବେଳେ ପ୍ରଧାନମନ୍ତ୍ରୀ ହାସିନା ପ୍ରଶଂସା କରିବା ସହ ଏହା ତାଙ୍କ ଦେଶ ପାଇଁ ବିକାଶର ନୂଆ ଦରଜା ଖୋଲି ଦେଇଛି ବୋଲି କହିଛନ୍ତି। କେବଳ ଏତିକି ନୁହେଁ, ଗଲା ବର୍ଷ ଚୀନ ଓ ବଙ୍ଗଳା ଦେଶ ମଧ୍ୟରେ ଅଧିକାରୀ ସ୍ତରୀୟ ଏବଂ ସାଂସ୍କୃତିକ ବିନିମୟ ଅଧିକ ତ୍ୱରାନ୍ୱିତ ହୋଇଛି। ଯାହାକି ଭାରତ ପାଇଁ ଚିନ୍ତାର କାରଣ ଭାବେ ଉଭା ହୋଇଛି। ସେହିପରି ବଙ୍ଗଳା ଦେଶରେ ଚୀନ ବ୍ୟାପକ ପୁଞ୍ଜି ନିବେଶ କରିଥିବା ବେଳେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହା ନିଶ୍ଚିତ ଯେ, ବିସ୍ତାରବାଦୀ ନୀତି ଯୋଗୁଁ ଉତ୍ତରପୂର୍ବାଂଚଳ ଠାରୁ ଆରମ୍ଭ କରି ଜାମ୍ମୁ କାଶ୍ମୀର ଏବଂ ଲଦାଖ, ସିକିମ୍ ସୀମାନ୍ତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଚୀନ ବାରମ୍ବାର ପ୍ରୟାସ କରିଆସିଛି। ଅନ୍ୟପକ୍ଷରେ ଚୀନ ସହ ଭାରତର ସମ୍ପର୍କ ଦିନକୁ ଦିନ ବିଗିଡିବାରେ ଲାଗିଛି। ସେହିପରି ପଡୋଶୀ ରାଷ୍ଟମାନଙ୍କ ସହ ଭାରତର ସୁସମ୍ପର୍କରେ ଅବନତି ଘଟୁଥିବାବେଳେ ସେହି ଦେଶଗୁଡିକ ଏବେ ଡ୍ରାଗନର କବଜାରେ। ଯଦି ବଙ୍ଗଳାଦେଶ ଡ୍ରାଗନରେ ପଡେ, ତେବେ ଭାରତ ପାଇଁ ଏହା ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଅନ୍ୟପକ୍ଷରେ ବଙ୍ଗଳା ଦେଶ ଚୀନର ନିକଟତର ହେଉଥିବରବେଳେ ଭାରତକୁ ସର୍ବସମ୍ମୁଖରେ ବିଶ୍ୱାସୀ ବନ୍ଧୁ ରାଷ୍ଟ୍ର କହି ପ୍ରଶଂସା କରିବା ଘଟଣାରେ ଭାରତ ଉଲ୍ଲସିତ ନହୋଇ ସତର୍କ ରହିବା ବିଜ୍ଞତାର ପରିଚାୟକ ହେବ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯





### ରୋମିଓ ବୟ

**ସତ୍ୟଜିତ୍ ମହାପାତ୍ର**



ବୁଝେ ନାହିଁ ମୁଁ ପ୍ରେମର ଅର୍ଥ
ବୁଝେ ନାହିଁ ପ୍ରେମ ଜ୍ୱାଳା
ଭଲପାଇବାର ମନ୍ଦିର ଗର୍ଭରେ
ପ୍ରେମ ଅଟେ ମୁଖଶାଳା

ଜାଣେନାହିଁ ତ ପ୍ରେମର ପାଉଣା
ଜାଣେନାହିଁ ପ୍ରେମ ଚିହ୍ନ
ସାତ ଦରିଆକୁ ପାରି କରୁଥିବା
ଅମାନିଆ ଏକ ମନ

ଶୁଣିନାହିଁ ମୁଁ ପ୍ରେମର ସଙ୍ଗୀତ
ଶୁଣିନାହିଁ ପ୍ରେମ ସ୍ୱର
ପ୍ରିୟାର କଥାଟି କାନେ ଗଲେ ବାଜି
ସତେ ଲାଗେ ପଞ୍ଚାକ୍ଷର

ଦେଖିନାହିଁ ତ ପ୍ରେମ ପ୍ରତିରୂପ
ଦେଖିନାହିଁ ପ୍ରେମ ଛବି
ମନ ଗହ୍ୱରର ହୃଦ ଅନ୍ତରାଳେ
ନିତି ଭାବୁଥିବା କବି

କହେ ଆଜି ମୁହିଁ ବହେ ପ୍ରେମ ଋତୁ
ଆସିବ ଫଗୁଣ ମାସ
ନାୟକ ନାୟିକା ମଧୁର ମିଳନେ
ପ୍ରେମ ହୁଏନାହିଁ ଶେଷ ।


ମାଣିକଡିହା,ଖୋସାଲପୁର,
ଦଶରଥପୁର, ଯାଜପୁର
ମୋ: ୯୮୬୧୪୦୦୦୨୯


### ସନାତନ

**ଡ. ଦୀପକ କୁମାର ମିଶ୍ର**



ଯେବେଯେବେ କିଛି ବର୍ଷ
ଅନ୍ତରାଳରେ
ଭିଟାମାଟିକୁ ଫେରେ
ଦେଖେ, ଗଛ, ରାସ୍ତାଘାଟ, ସହର,
ମଣିଷ,
ଏହିପରି ଅନେକ କିଛି
ବଦଳିଯାଇଥାଏ ସମୟ ଅନୁପାତରେ
ଯାହା କିଛି ଅଳ୍ପ ସେମିତି ହିଁ ଥାଏ
ଯେମିତି ଆମ ସନାତନର ବୟସ,
କୌତୁହଳ ବା କୌତୁକରେ
ପଚାରିଲେ
ସେହି ସମାନ କଥାର ପୁନରାବୃତ୍ତି,
ବାବୁ ମତେ କେତେ ଆଉ ହେବ
ଏଇ ଦୁଇକୋଡ଼ି ପାଞ୍ଚ ।

କଳା ମଚମଚ ମୁଗୁନି ପଥର ପରି
ଦେହ
ବେସାଇଜିଆ ନିଶତଳେ
ବେଢ଼ା କିଆରୀର ଫସଲ ପରି
ସ୍ଥିର ହସ ହସ ମୁହଁ
ଆଜୀବନ ମୁଢ଼ିକୁ ଭଲପାଉ ନଥିବା
ମଣିଷଟେ ସନାତନ
ରଙ୍କୁଣା କିନ୍ତୁ ସଜ
ପଖଳା ପଖାଳ ଭାତର ।

ଏଇ ଯେଉଁ ଗୋନାଶିକା ପାହାଡ଼
ତା ଉପର କେଉଁ ବଣସନ୍ଧିରେ ତା'ର
ଗାଁ
ସେ କହେ, କେନ୍ଦୁଝରର ସୂର୍ଯ୍ୟ
କାଳେ ତା ଗାଁରୁ ଉଏଁ.
ତା ଗାଁର କେନ୍ଦୁ, ପାଳୁଅ, ଚାରକୋଳି,
ଝୁଣା
ମହୁ, ମହୁଲ, ପାଣି ଝରଣା
ଏକଦମ ଶହେଶହେ ଖାଣ୍ଟି ବୋଲି
ହାଙ୍କେ ।

ଏଥର ମକର ଛୁଟିରେ ଦେଖାହେଲା
ସନାତନ
ବଖାଣିଲା, ବାବୁ, ଦଇବ ଦାଉ
ସାଧିଲା
ଗଲାବରଷ ପ୍ରଥମ ପୁନେଇଁବାସି
ମାଇପ ଅଜଣା ଜରରେ ଆରପାରିକୁ
ଗଲା
ଗୋଟିକିଆ ପୁଅ
ଟ୍ରକ ହେଲ୍ପରରୁ ଡ୍ରାଇଭର ହେଲା ଯେ
ସିଆଡ଼େ କୁଆଡ଼େ ଯୋଡ଼ାହାଟିଂରେ
ଅଜାତି ମାଇକିନାଟେ ଧରି ଅଛି,
ଏବେ ପୁରା ହୀନସ୍ତିଆ ଜୀବନ ବାବୁ।

ଏମିତି କେତେ କଥା ଗପିଲା
ଏବେ ଆଗପରି ତା ମୁହଁରେ
ସେ ପାହାଡ଼ିଆ ସ୍ଥାୟୀ ହସଟି ନଥିଲା
ତ୍ରିପଣ୍ଡ କଳା ଆଜନ୍ମ ଅକୁଣ୍ଠା
ଝାମ୍ପୁରା ମୁଣ୍ଡର ଆଗ କିଛି ବାଳ
କଳାମାଟି ପିଣ୍ଡାରେ
ପିଠଉ ଝୋଟି ପରି ଧଳା
ଦେଖାଯାଉଥିଲା
ବୟସ ପଚାରିବାରୁ ଆଖି ତା'ର
ଜକେଇ ଆସିଲା
ଲାଗୁଥିଲା ଏଥର ସେ ସତରେ
ବୁଢ଼ା ହେଇଯାଇଥିଲା ।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


### ଗୁଡ଼ି

**ନୀଳମଣି ଚାନ୍ଦ**



ଆଚମ୍ବିତ ହୁଏ ଉଡ୍ଡୀୟମାନ ବିହଙ୍ଗ ଅବଲୋକନେ
ହୁଏ ପୁଲକିତ, ମନ ଆନ୍ଦୋଳିତ ଆଉ କା'ର ଦରଶନେ।
ମାଟିର ମମତା ଭୁଲି ଯେ ଯାଇଛି ଛୁଇଁବାକୁ ନୀଳ ନଭ
ତା ଆଗେ ବିହଙ୍ଗ, ବ୍ୟୋମଯାନ ସବୁ ଦିଶଇ ତ ହୀନପ୍ରଭ।
ସୁତା ସାଥେ ଯୋଡ଼ା ଭାଗ୍ୟଟି ଯାହାର ଲୋଡଇ ମରୁତ ଶକ୍ତି
ଚପଳ- ବାଳକ ପାଇଁ ଅଲକ୍ଷ୍ୟରେ ଭରଇ ପୁଲକ,ପ୍ରୀତି ।
ମକର ଶିଖାଏ ଆଜି ଶୁଭଲଗ୍ନ ଉଡେଇବାକୁରେ ହେବ
କେଉଁ ପ୍ରାନ୍ତରର ପଟ୍ଟଭୂମିରେ ସେ ଅଭିନୟ କରିଦେବ ?।
ସଞ୍ଜ ଆସିଲେ ଓହ୍ଲେଇ ଦିଅ ସେ ହେଉ ଗୃହାଭିମୁଖୀ
ପଚାରିଛ କେବେକେତେ ଖୁସି ଅବାସିଏ ହେଲାକେତେ ଦୁଃଖୀ।
ତା ସାଥିରେ ମାଞ୍ଜାସୂତାକୁ ଲଗେଇ ବିପଦକୁ କିଆଁ ଟାଣ
ନିବୃତ ରୁହ ସଦା ସେଇଥିରୁ ଦୁର୍ଘଟଣାର ରାଣ।
ମନ ପରି ଉଡ଼େ ପବନରେ ବୁଡେ ଆକର୍ଷିତ କରୁଥାଏ
ତା'ର ଦର୍ଶନରେ ଅକ୍ଷୟଙ୍କ ଗୀତ ଆସି ମନେ ପଡିଯାଏ।
ବାଉନ ବଜାର ତେପନ ଗଳିର ସରୁଗଳି ଛକ ଦେଇ
ଯାଉଥିଲେ କେବେ ଇନ୍ଦ୍ରଧନୁ ସମ କିଏ କହେ ଦେଖ ହେଇ।
ତା ସାଥେ ମନକୁ ଉଡେଇଦେବାକୁ ଅନେକ ସରାଗ ମୋ'ର
ହେଲେ ଏ ସଂସାର ଜଞ୍ଜାଳେ ମୁଁ ଛନ୍ଦି ବହେ ଲୋତକର ଝର।
କେଉଁଦିନୁଁ ସିଏ ଖେଳେ ଓ ଖେଳାଏ ଅଳ୍ପ ଆୟୁଷ ପାଇ
ଲାଗେମୋର ମନଦୁଃଖ ଖରାବେଳେ ସିଏଗୋଟେ ମିଠା ଛାଇ।


ଭୁବନେଶ୍ୱର
ମୋ:୯୫୮୩୨୦୨୩୫୬୭

# 'ବିଲ୍‌କିସ ବାନୋ' ମାମଲା ଉପରେ ଫିଲ୍ମ କରିବାକୁ ଚାହୁଁଛନ୍ତି କଙ୍ଗନା ରାଣାୱତ୍

କଙ୍ଗନା ରାଣାୱତ୍ ନିଜ ଅଭିନୟ ସହିତ ନିଜର ସ୍ପଷ୍ଟବାଦୀ କଥାବାର୍ତ୍ତା ପାଇଁ ଖୁବ୍ ଜଣାଶୁଣା। ନିକଟରେ ସୁପ୍ରିମକୋର୍ଟ 'ବିଲକିସ୍ ବାନୋ' ମାମଲାରେ ରାୟ ଶୁଣାଇଛନ୍ତି। ଏବେ କଙ୍ଗନା ରାଣାୱତ୍ ସେହି ରାୟ ପରେ ନିଜର ଇଚ୍ଛା ପ୍ରକଟ କରିଛନ୍ତି। ଅଭିନେତ୍ରୀ କହିଛନ୍ତି ଯେ ଏହି ପୂରା ପ୍ରସଂଗ ଉପରେ ସେ ସିନେମା କରିବାକୁ ଚାହାନ୍ତି। ଟ୍ୟୁଟର( ଏବେ ଏକ୍ସ )ରେ ଜଣେ ବ୍ୟବହାରକାରୀ କଙ୍ଗନା ରାଣାୱତ୍‌ଙ୍କୁ କହିଥିଲେ ଯେ ''ନାରୀ ସଶକ୍ତିକରଣକୁ ନେଇ ଆପଣଙ୍କ ଉତ୍ସାହ ପ୍ରୋତ୍ସାହନ ଯୋଗ୍ୟ । କ'ଣ ଆପଣ ଏକ ଶକ୍ତିଶାଳୀ ଫିଲ୍ମ ଜରିଆରେ 'ବିଲକିସ୍ ବାନୋ'ଙ୍କ କାହାଣୀ ଲୋକଙ୍କୁ ଜଣାଇବାକୁ ଆଗ୍ରହୀ ଅଟନ୍ତି ? କ'ଣ ଆପଣ ବିଲକିସ୍ ବାନୋ , ନାରୀବାଦ କିମ୍ବା ମାନବିକତାକୁ ଆଖି ଆଗରେ ରଖି ଏପରି କରିପାରିବେ ?'' ବ୍ୟବହାରକାରୀଙ୍କ ଏପରି ପ୍ରଶ୍ନର ଉତ୍ତରରେ କଙ୍ଗନା କହିଛନ୍ତି ଯେ ବିଲକିସ୍ ବାନୋଙ୍କ ଉପରେ ସେ ଫିଲ୍ମ କରିବାକୁ ଚାହୁଁଛନ୍ତି। ତାଙ୍କ କହିବା ଅନୁସାରେ ଦୀର୍ଘ ଦିନରୁ ସେ ଏଭଳି ଫିଲ୍ମ ତିଆରି କରିବାକୁ ଚାହୁଁଛନ୍ତି। ଗତ ତିନି ବର୍ଷରୁ ସେ ଏହି ବିଷୟରେ ତଦନ୍ତ କରିବା ସହ ଓ ଏହା ଉପରେ କାମ ମଧ୍ୟ କରୁଛନ୍ତି। କଙ୍ଗନାଙ୍କ କହିବା କଥା ହେଲା କୌଣସି ଟପ୍ ଷ୍ଟୁଡିଓ ଓ ଭଲ ଓଟିଟି ପ୍ଲାଟଫର୍ମର ସପୋର୍ଟ ନମିଳିବାରୁ ସେ ଏହି ଫିଲ୍ମ ତିଆରି କରିପାରୁ ନାହାନ୍ତି। କଙ୍ଗନା ଟ୍ୟୁଟ୍ କରି କହିଛନ୍ତି 'ମୁଁ ସେ କାହାଣୀ ବନେଇବାକୁ ଚାହୁଁଛି । ମୋ ପାଖରେ ସ୍କ୍ରିପ୍ଟ ମଧ୍ୟ ପ୍ରସ୍ତୁତ ଅଛି । ମୁଁ ଏହା ଉପରେ ତିନି ବର୍ଷ ହେଲା ତଦନ୍ତ କରିବା ସହ କାମ ମଧ୍ୟ କରିଛି। କିନ୍ତୁ ନେଟଫ୍ଲିକ୍ସ , ଆମାଜନ୍ ପ୍ରାଇମ ଭିଡିଓ ଓ ଅନ୍ୟ ଷ୍ଟୁଡିଓଙ୍କ ଗାଇଡ୍ଲାଇଲାଇନ୍ସ ହିସାବରେ ସେମାନେ ଏଭଳି ରାଜନୀତି ସହ ଜଡିତ ଫିଲ୍ମ କରନ୍ତି ନାହିଁ ।' ସେ ଜିଓ ସିନେମାକୁ ନେଇ କହିଛନ୍ତି ଯେ କଙ୍ଗନା ବିଜେପି ସରକାରଙ୍କୁ ସମର୍ଥନ କରୁଥିବାରୁ ଜିଓ ସିନେମା ତାଙ୍କ ସହ କାମ କରିବାକୁ ଚାହୁଁନାହିଁ।



# ପରଦାକୁ ଫେରୁଛି 'ଭୁଲ ଭୁଲୈୟା-୩'

୨୦୦୭ରେ ମୁକ୍ତିଲାଭ କରିଥିବା 'ଭୁଲ ଭୁଲେୟା' ଫିଲ୍ମଟି ବକ୍ସ ଅଫିସରେ ହିଟ ସାବ୍ୟସ୍ତ ହୋଇଥିଲା । ଏହାପରେ ବଲିଉଡ ଅଭିନେତା କାର୍ତ୍ତିକ ଆର୍ୟନଙ୍କ ଅଭିନୀତ 'ଭୁଲ ଭୁଲୈୟା-୨' ୨୦୨୨ ମାର୍ଚ୍ଚ ୨୫ରେ ରିଲିଜ୍ ହୋଇ ଧମାଲ କରିଥିଲା। ଏହି ସିନେମାରରେ କାର୍ତ୍ତିକ ଆର୍ୟନଙ୍କ ସହିତ କିଆରା ଆଡଭାନୀ ଓ ତବୁ ନଜର ଆସିଥିଲେ । ଏହାର ନିର୍ଦ୍ଦେଶନା ଅନିସ୍ ନଜମି ଦେଇଥିବା ବେଳେ ପ୍ରଯୋଜନା ଦାୟିତ୍ୱରେ ଟି- ସିରିଜ, ଭୁଷଣ କୁମାର ଓ ମୁରାଦ ଖେତାନି ଦେଇଥିଲେ ।

ସମ୍ପ୍ରତି ଖବର ଆସିଛି କି ଖୁବଶୀଘ୍ର ପରଦାକୁ 'ଭୁଲ ଭୁଲୈୟା-୩' ଫେରିବ। ମାର୍ଚ୍ଚମାସରୁ ସିନେମା ସୁଟିଂ ଆରମ୍ଭ ହୋଇଯିବ। ଅର୍ଥାତ ଚଳିତ ବର୍ଷ ଦର୍ଶକ ଏହି ସିନେମାକୁ ଦେଖିବାକୁ ପାଇବେ। 'ଭୁଲ ଭୁଲୈୟା-୩'କୁ ପ୍ରଥମ ଓ ଦ୍ୱିତୀୟ ସିନେମା ଠାରୁ ଆହୁରି ମଜାଳିଆ କରାଯାଉଛି। ଯାହାକି ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିବ।

ଏଥିରେ ନୂତନ ନୂତନ ଟୁଇଷ୍ଟ ଭର୍ତ୍ତି କରାଯାଇଛି। ତେବେ ସିନେମାରେ କେଉଁ ଅଭିନେତ୍ରୀ ମୁଖ୍ୟ ଭୂମିକାରେ ଅଭିନୟ କରିବେ ସେନେଇ ନିର୍ମାତାମାନେ କୌଣସି ପ୍ରକାର ସୂଚନା ଦେଇ ନାହାନ୍ତି। କାରଣ ସିନେମାକୁ ନେଇ ଏବେ ଅନେକ କଳାକାରଙ୍କ ସହିତ ଆଲୋଚନା ଚାଲିଥିବା ବେଳେ କେହି ନିଶ୍ଚିତ ହୋଇ ନଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

'ଭୁଲ ଭୁଲୈୟା-୨' କାର୍ତ୍ତିକ ଆର୍ଯ୍ୟନଙ୍କ କ୍ୟାରିୟରର ସବୁଠାରୁ ବଡ଼ ହିଟ୍ ଫିଲ୍ମ ବୋଲି କୁହାଯାଉଛି। ଏହା ପୂର୍ବରୁ କାର୍ତ୍ତିକଙ୍କ କୌଣସି ଫିଲ୍ମ ପ୍ରଥମ ସପ୍ତାହ ଶେଷ ସୁଦ୍ଧା ଏଭଳି ପ୍ରଦର୍ଶନ କରି ନଥିଲା।'



# ବାହା ହେବେ ବିଜୟ ଓ ରଶ୍ମିକା: ଫେବୃଆରୀରେ ନିର୍ବନ୍ଧ

ବିଜୟ ଦେବରକୋଣ୍ଡା ଓ ରଶ୍ମିକା ମନ୍ଦନା ଖୁବଶୀଘ୍ର ନିର୍ବନ୍ଧ କରିବାକୁ ଯାଉଛନ୍ତି। ଦୀର୍ଘ ବର୍ଷ ହେଲା ଉଭୟ ପରସ୍ପରକୁ ଡେଟିଂ କରୁଥିବା ଚର୍ଚ୍ଚା ହେଉଥିଲା। କିନ୍ତୁ ବିଜୟ କିମ୍ବା ରଶ୍ମିକା ଏଯାଏ ଏହାକୁ ସ୍ୱୀକାର କରି ନାହାନ୍ତି। ଏହାରି ଭିତରେ ନ୍ୟୁଜ ୧୮ ତେଲୁଗୁରେ ଗୋଟିଏ ବଡ଼ ଖବର ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ବିଜୟ ଓ ରଶ୍ମିକା ଖୁବଶୀଘ୍ର ସେମାନଙ୍କ ପ୍ରେମ ସମ୍ପର୍କକୁ ସାର୍ବଜନୀନ କରିବେ। ଉଭୟ ହାତକୁ ଦି' ହାତ ହେବେ। ଏହାପୂର୍ବରୁ ଫେବୃଆରୀ ଦ୍ୱିତୀୟ ସପ୍ତାହରେ ସେମାନଙ୍କର ନିର୍ବନ୍ଧ ହେବ। ହେଲେ ଏସମ୍ପର୍କରେ ବିଜୟ କିମ୍ବା ରଶ୍ମିକା ଆଦୌ ମୁହଁ ଖୋଲି ନାହାନ୍ତି। ବିଜୟ ଦେବରକୋଣ୍ଡା ଓ ରଶ୍ମିକା ଦୁଇଟି ଫିଲ୍ମ ଗୀତା ଗୋବିନ୍ଦମ ଓ ଡିୟର କୋମରେଡରେ ଏକାଠି ଅଭିନୟ କରିଛନ୍ତି। ସେବେଠାରୁ ହିଁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବା କୁହାଯାଉଛି। ବାରମ୍ବାର ଏ ସମ୍ପର୍କରେ ଉଭୟଙ୍କୁ ଗଣମାଧ୍ୟମ ପ୍ରଶ୍ନ କରିଥିଲେ ହେଁ ସେମାନେ କେବେ ହେଲେ ପରସ୍ପରକୁ ଭଲ ପାଉଥିବା ମୁହଁ ଖୋଲି କହି ନାହାନ୍ତି। ତେବେ ଉଭୟ ଏକାଠି ଅନେକ କାର୍ଯ୍ୟକ୍ରମ ଓ ବିଭିନ୍ନ ସ୍ଥାନରେ ନଜର ଆସିଛନ୍ତି। ନିକଟରେ ବିଜୟଙ୍କ ହାଇଦ୍ରାବାଦସ୍ଥିତ ଘରେ ରଶ୍ମିକା ଦୀପାବଳି ପାଳିଥିଲେ। ଦୁଇ ଜଣ ଏକାଠି ଛୁଟି କାଟିବାକୁ ବିଦେଶ ଯିବାର ମଧ୍ୟ ନଜିର ରହିଛି। ତେଣୁ ଲୁଚାଛପାରେ ଚାଲିଥିବା ପ୍ରେମ ମାସକ ପରେ ନିର୍ବନ୍ଧର ରୂପ ନେବ ବୋଲି ଚର୍ଚ୍ଚା ହେଉଛି।

# 'ଗଦର-୨'ର ସଫଳତା ପରେ ପୁଣି ଥରେ ଦର୍ଶକଙ୍କ ପାଇଁ ପ୍ରସ୍ତୁତ ହେଉଛନ୍ତି ସନ୍ନି; ଏଥର ସାଥୀରେ ରହିବେ ସଲ୍‌ମାନ

ଗତବର୍ଷ ବଲିଉଡ୍ ଅଭିନେତା ସନ୍ନି ଦେଓଲ ଯେପରି ଭାବେ ସିନେ ଜଗତକୁ ଫେରିଛନ୍ତି, ତାହା ସବୁବେଳେ ସିନେ ପ୍ରେମୀଙ୍କ ମନେ ରହିବ। 'ଗଦର-୨'ର ଜବରଦସ୍ତ ସଫଳତା ପରେ ଅଭିନେତା ଏବେ ତାଙ୍କର ପ୍ରଶଂସକମାନଙ୍କର ଅନ୍ୟ ଏକ ସିନେମା ଜରିଆରେ ମନୋରଞ୍ଜନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଜାଣିବାକୁ ମିଳିଛି ଯେ ଆଜିକାଲି ସନ୍ନି ତାଙ୍କର ଆଗାମୀ ଚଳଚ୍ଚିତ୍ର 'ସଫର'ର ସୁଟିଂ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ସିନେମାର ଅଧିକାଂଶ ଭାଗ ସୁଟ୍ ହୋଇସାରିଛି। ଏବେ ଫିଲ୍ମର ବାକି ଭାବ ମୁମ୍ବାଇରେ ହିଁ ସୁଟିଂ ହେଉଛି।

ଏବେ ଏହି ସିନେମା ସହ ଜଡ଼ିତ ଏକ ଜବରଦସ୍ତ ଖବର ହସ୍ତଗତ ହୋଇଛି। ଜାଣିବାକୁ ମିଳିଛି ଯେ ଏହି ସିନେମାରେ ସନ୍ନିଙ୍କ ସହ ଦବଙ୍ଗ ବୟ ସଲ୍‌ମାନ ଖାନ୍ ବି କାମ କରିବେ। ତେବେ ରିପୋର୍ଟରୁ ପ୍ରକାଶ ଯେ ସଲ୍‌ମାନ ଏଯାଏ କିନ୍ତୁ ସୁଟିଂ କାର୍ଯ୍ୟ ଆରମ୍ଭ କରିନାହାନ୍ତି। ସେ ଖୁବ୍ ଶୀଘ୍ର 'ସଫର' ପାଇଁ ସୁଟ୍ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ସୂଚନା ରହିଛି।

ଜାଣିବାକୁ ମିଳିଛି ଯେ ଆଗାମୀ ୧୨-୧୩ ତାରିଖରୁ ସଲ୍‌ମାନ ଏହି ସିନେମା ପାଇଁ ସୁଟିଂ ଆରମ୍ଭ କରିବେ। ଆପଣ ଜାଣିଥିବେ ନିଶ୍ଚୟ ଯେ ସଲ୍‌ମାନ ଓ ସନ୍ନି ପ୍ରଥମେ ୧୯୯୬ ମସିହାରେ 'ଜିତ୍' ସିନେମାରେ ନିଜର ଆସିଥିଲେ। ତାଙ୍କର ଏହି ସିନେମାରେ ଅଭିନେତ୍ରୀ କରିସ୍ମା କପୁରଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଏବେ ପୁଣି ଥରେ ଏହି ଦୁଇ ଅଭିନେତାଙ୍କୁ ଏକତ୍ର ପରଦାରେ ଦେଖିବାକୁ ମିଳିବ।



# ପରଦା ପାଇଁ ପ୍ରସ୍ତୁତ ତାରକା ସନ୍ତାନ



ବଲିଉଡ୍‌ରେ ପ୍ରଥମ ସୁଯୋଗ ହାସଲ କରିବା ତାରକା ସନ୍ତାନଙ୍କ ପାଇଁ ସହଜ ହୋଇଥାଏ। ସେହି କ୍ରମରେ ଚଳିତବର୍ଷ ଅନେକ ତାରକା ସନ୍ତାନ ବଲିଉଡ୍ ସିନେମାରେ ପ୍ରଥମ ଥର ପାଇଁ ପାଦ ଥାପିବାକୁ ଅପେକ୍ଷା କରି ରହିଛନ୍ତି। ଏଭଳି କେତେକ ପ୍ରମୁଖ ନବାଗତ ଅଭିନେତା ଓ ଅଭିନେତ୍ରୀମାନଙ୍କ ସମ୍ପର୍କରେ ଜାଣିବା। ଅଜସ୍ର ପ୍ରଶଂସା ସାଉଁଟି ଚାଲିଥିବା ସୁପରଷ୍ଟାର ଅମିର ଖାଁଙ୍କ ପୁଅ ଜୁନୈଦ ଖାଁ ତାଙ୍କର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି ଯଶରାଜ ଫିଲ୍ମସ ପ୍ରଯୋଜିତ ହିନ୍ଦୀ ସିନେମା 'ମହାରାଜ' ମାଧ୍ୟମରେ। ଏହି ଫିଲ୍ମଟିର ଶୁଭମୁକ୍ତି ଓଟିଟି ମଞ୍ଚ ନେଟ୍‌ଫ୍ଲିକ୍ସରେ ହେବ ବୋଲି ଜଣାଯାଇଛି। ଜୁନୈଦ ତାଙ୍କର ଦ୍ୱିତୀୟ ଫିଲ୍ମ ପାଇଁ ମଧ୍ୟ ସୁଟିଂ ଆରମ୍ଭ କରି ଦେଇଛନ୍ତି। ସେହିପରି ମହାରାଷ୍ଟ୍ରର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ସିନ୍ଦେଙ୍କ ନାତି ବୀର ପାହାଡ଼ିୟା ମଧ୍ୟ ସିନେଜଗତରେ ପ୍ରଥମ କରି ଦେଖାଦେବେ। ପାକିସ୍ତାନ ଉପରେ ଭାରତର ଭୟଙ୍କର ବିମାନ ଆକ୍ରମଣ ଉପରେ ପର୍ଯ୍ୟବସିତ ହିନ୍ଦୀ ଫିଲ୍ମ 'ସ୍କାଇ ଫୋର୍ସ'ରେ ବୀରଙ୍କୁ ଦେଖିବାକୁ ମିଳିବ। ପୂର୍ବରୁ ସେ ବରୁଣ ଧୱନ ଅଭିନୀତ 'ଭେଡ଼ିୟା'ରେ ଜଣେ ଉପନିର୍ଦ୍ଦେଶକର ଭୂମିକା ନିର୍ବାହ କରିଥିଲେ। ଏଣେ ସଞ୍ଜୟ କପୁର ଓ ମହୀପ କପୁରଙ୍କ ଝିଅ ସନାୟା କପୁରଙ୍କର ଆବିର୍ଭାବ ହେବ ଏକ ଦକ୍ଷିଣ ଭାରତୀୟ ଫିଲ୍ମ 'ବୃଷଭ'ରେ। ଏହି ବହୁଭାଷୀ ସିନେମା ବାଦ୍ ସେ ଅନ୍ୟ ଏକ ହିନ୍ଦୀ ସିନେମା 'ବେଧଡ଼କ' ପାଇଁ ବ୍ୟସ୍ତ ରହିଛନ୍ତି। ସେହିପରି ରବିନା ଟଣ୍ଡନଙ୍କ ଝିଅ ରାଶା ଥଡ଼ାନୀଙ୍କୁ ଦୁଇ ଦୁଇଟି ଫିଲ୍ମରେ ଦେଖିବାକୁ ମିଳିବ। ସେଥି ମଧ୍ୟରୁ ଫେବ୍ରୁଆରି ମାସରେ ଶୁଭମୁକ୍ତି ହେବାକୁ ଥିବା ଅଭିଷେକ କପୁର ନିର୍ଦ୍ଦେଶିତ ହିନ୍ଦୀ ଫିଲ୍ମଟିର ନାମ ପ୍ରକାଶିତ ହୋଇନଥିବା ବେଳେ ଅନ୍ୟଟି ହେଉଛି ତେଲୁଗୁ ସିନେମା 'ଆରସି ୧୬'। ସୈଫ୍ ଅଲି ଖାଁ ଓ ଅମ୍ରିତା ସିଂହଙ୍କ ପୁଅ ଇବ୍ରାହିମ୍ ଅଲି ଖାଁଙ୍କର ପ୍ରଥମ ପଦାର୍ପଣ ଦେଖିବାକୁ ମିଳିବ ହିନ୍ଦୀ ସିନେମା 'ସରଜମିନ୍'ରେ। ମହାନ ସଂଗୀତ ନିର୍ଦ୍ଦେଶକ ରାଜେଶ ରୋଶନଙ୍କ ଝିଅ ପଶ୍ମିନା ରୋଶନଙ୍କର ପ୍ରଥମ ସିନେମା 'ଇସ୍କ ବିସ୍କ ରିବାଉଣ୍ଡ' ଚଳିତବର୍ଷ ମୁକ୍ତିଲାଭ କରିବ। ଲୋକପ୍ରିୟ ପୌରାଣିକ ଧାରାବାହିକ 'ମହାଭାରତ'ରେ ଅର୍ଜୁନ ଭୂମିକାରେ ଅଭିନୟ କରିଥିବା ଫିରୋଜ ଖାଁଙ୍କ ପୁଅ ଜିବ୍ରାନ୍ ଖାଁ 'ଇସ୍କ ବିସ୍କ ରିବାଉଣ୍ଡ'ରେ ନାୟକ ରୂପରେ ଦେଖାଦେବେ। ପୂର୍ବରୁ ସେ ଶିଶୁ କଳାକାର ଭାବେ 'କଭି ଖୁସି କଭି ଗମ୍'ରେ ଶାହରୁଖ୍ ଖାଁ ଓ କାଜଲଙ୍କ ପୁଅ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଅଜୟ ଦେବଗନ୍‌ଙ୍କ ପୁତୁରା ଆମନ ଦେବଗନ୍ ଫେବ୍ରୁଆରି ୯ ତାରିଖରେ ରୁପେଲି ପରଦାରେ ଦେଖାଦେବାକୁ ସଜବାଜ ହେଉଛନ୍ତି ଯେଉଁ ଫିଲ୍ମଟିର ନାମ ଏଯାଏ ଘୋଷିତ ହୋଇନାହିଁ।

# ସଚିନ-ସାରାଙ୍କ ଡିପ୍‌ଫେକ୍ ଭିଡିଓକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ମୁମ୍ବାଇ ପୁଲିସ୍



ଅନେକ ସେଲିବ୍ରିଟି ଡିପ୍‌ଫେକ୍ ପ୍ରଯୁକ୍ତିର ଶିକାର ହେବାର ଖବର ମଝିରେ ମଝିରେ ମିଳୁଥିବା ବେଳେ କ୍ରିକେଟ ତାରକା ସଚିନ ତେନ୍ଦୁଲକର ଓ ତାଙ୍କ ଝିଅ ସାରା ତେନ୍ଦୁଲକର ବି ଏଥିରୁ ବାଦ୍ ପଡ଼ିନଥିଲେ। ସେ ବାପଝିଅଙ୍କର ବି ଡିପ୍‌ଫେକ୍ ଭିଡିଓ ଦେଖିବାକୁ ମିଳିଥିଲା। ମୁମ୍ବାଇ ପୁଲିସ୍ ଏବେ ଏହି ମାମଲାରେ ନିଜ ତତ୍ପରତା ପ୍ରକାଶ କରିଛି। ସେ ସଚିନ ତେନ୍ଦୁଲକଙ୍କ ଡିପ୍‌ଫେକ୍ ଭିଡିଓ ପ୍ରସଂଗରେ ଜଣେ ଅଜଣା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। ପୁଲିସ୍ ମାମଲା ରୁଜୁ କରିବା ପରେ ଏହି ମାମଲାକୁ ନେଇ ଛାନ୍‌ଭିନ୍ ଆରମ୍ଭ କରିଛି। ଆପଣ ଜାଣନ୍ତି କି କିଛି ଦିନ ତଳେ ତେନ୍ଦୁଲକର ଗେମିଂ ଆପ୍ 'ସ୍କାଏୱାର୍ଡ ଏଭିଏଟର କ୍ୱେଷ୍ଟ'କୁ ସମର୍ଥନ କରୁଥିବା ଏକ ଡିପ୍‌ଫେକ୍ ଭିଡିଓ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଘୂରି ବୁଲୁଥିଲା। ଭିଡିଓରେ କ୍ରିକେଟ୍ ତାରକା କେବଳ ଏହି ଆପ୍‌କୁ ସମର୍ଥନ କରୁଥିବା ଦେଖାଯାଇ ନଥିଲା ବରଂ ତାଙ୍କ ଝିଅ ସାରା ଏଥିରୁ ଆର୍ଥିକ ଫାଇଦା ପାଉଛନ୍ତି ବୋଲି ସେ ମିଥ୍ୟା ଦାବି କରୁଥିବା ଦେଖିବାକୁ ମିଳୁଥିଲା। ଏହି ଭିଡିଓଗୁଡ଼ିକ ନକଲି। ବୈଷୟିକ ଜ୍ଞାନକୌଶଳର ବ୍ୟାପକ ଦୁରୁପଯୋଗ ଅତ୍ୟନ୍ତ ଦୁଃଖଦାୟକ। ସମସ୍ତଙ୍କୁ ଅନୁରୋଧ ଯେ ସେମାନେ ଏପରି ଭିଡିଓ, ବିଜ୍ଞାପନ ଏବଂ ଆପ୍‌କୁ ଅଧିକ ସଂଖ୍ୟାରେ ରିପୋର୍ଟ କରନ୍ତୁ ବୋଲି ତେନ୍ଦୁଲକର ଉକ୍ତ ନକଲି ଭିଡିଓକୁ ସେୟାର କରି ଏକ୍ସରେ ଲେଖିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡିକ ଅଭିଯୋଗ ପ୍ରତି ସତର୍କ ଏବଂ ଉତ୍ତରଦାୟୀ ହେବା ଆବଶ୍ୟକ। ଭୁଲ ସୂଚନା ଓ ଡିପ୍‌ଫେକ୍‌ର ପ୍ରସାରକୁ ରୋକିବା ପାଇଁ ସେମାନଙ୍କ ତରଫରୁ ତ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ତେନ୍ଦୁଲକର ଏକ ସୋସିଆଲ୍ ମିଡିଆ ପୋଷ୍ଟ୍ ଜରିଆରେ କହିଥିଲେ।

# 'ତୁମ ସହ ସୋ'କୁ ଆସିବା ମୋର ଭୁଲ ହୋଇଗଲା': ଅଙ୍କିତା



ଛୋଟ ପରଦାର ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ସୋସିଆଲ ମିଡିଆରେ ଖୁବ ସକ୍ରିୟ। ଭିକ୍କି ଜୈନ ଓ ଅଙ୍କିତା ଲୋଖଣ୍ଡେଙ୍କୁ ବିବାହ ପରେ ଦ୍ୱିତୀୟ ଥର କୌଣସି ରିୟଲିଟି ସୋ'ରେ ଦେଖିବାକୁ ମିଳୁଛି। 'ବିଗବସ' ରିୟଲିଟି ସୋ' ପୂର୍ବରୁ ଦୁହିଁଙ୍କୁ ସ୍ମାର୍ଟ ଯୋଡ଼ିରେ ଦେଖିବାକୁ ମିଳିଥିଲା। ତେବେ 'ବିଗବସ'ରେ ଅଙ୍କିତା ଓ ଭିକ୍କିଙ୍କ ମଧ୍ୟରେ କୌଣସି ନା କୌଣସି ଘଟଣାକୁ ନେଇ ଝଗଡ଼ା ଲାଗୁଥିବାର ଦେଖିବାକୁ ମିଳୁଛି। ଗତ ସପ୍ତାହରେ ବି ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମନାରାଙ୍କୁ ଅଧିକ ଧ୍ୟାନ ଦେଉଥିବାରୁ ଅଙ୍କିତା ଭିକ୍କିଙ୍କ ଉପରେ ରାଗି ଯାଇଥିଲେ। ଏହାକୁ ନେଇ ଅଙ୍କିତା ଓ ଭିକ୍କିଙ୍କ ମଧ୍ୟରେ କଥାକଟାକଟି ହୋଇଥିଲା। ଏମିତି କି ଅଙ୍କିତା ଭିକ୍କିଙ୍କୁ କହିଥିଲେ, 'ଯଦି ସ୍ୱାମୀ ଚାହିଁବେ ମୋ ଠାରୁ ଅଲଗା ହୋଇପାରିବେ। ଏଥିରେ ମୁଁ କୌଣସି ଆପତ୍ତି ଉଠାଇବି ନାହିଁ। ମୁଁ ଆଉ ଏ ସମ୍ପର୍କରେ ଆଗକୁ ବଢ଼ିବାକୁ ଚାହୁଁନାହିଁ। ଏହି ସୋ'କୁ ଭିକ୍କିଙ୍କ ସହ ଆସି ମୋର ଭୁଲ ହୋଇଗଲା। ମୋତେ ନେଇ ଭିକ୍କିଙ୍କୁ ଅସୁବିଧା ହେଉଛି। ମୁଁ ଜାଣି ନଥିଲି। ସେ ମୋ ସହ ଏତେ ଦୁଃଖୀ ଅଛନ୍ତି। ମୁଁ ଭାବୁଛି ସେ ମୋ ଜୀବନରୁ ଚାଲି ଯାଆନ୍ତୁ। ଆଉ ନୂଆକରି ସେ ଜୀବନ ଆରମ୍ଭ କରନ୍ତୁ। ମୁଁ ତାଙ୍କ ସହ ଭବିଷ୍ୟତ ଦେଖି ପାରିବି ନାହିଁ।' ତେବେ କୁହାଯାଉଛି କି ଏହି ଝଗଡ଼ା ପରେ ଦୁହେଁ ପୁଣି ମିଶି ଯାଇଥିଲେ। ତେବେ ଅଙ୍କିତା ଟେଲିଭିଜନ ପରଦାରେ ଏଭଳି ଭିକ୍କିଙ୍କୁ ନେଇ କାହିଁକି କହିଥିଲେ ସେ ନେଇ ଦର୍ଶକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଙ୍କିତା ସୋ'ର ପବ୍ଲିସିଟି ପାଇଁ ଭିକ୍କିଙ୍କ ସହିତ ଏମିତି ଝଗଡ଼ା କରୁଛନ୍ତି ନା ବାସ୍ତବରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ଲାଗୁଛି ବୋଲି ଦର୍ଶକ ପ୍ରତିକ୍ରିୟା ଦେଇ କହିଛନ୍ତି।

# ଦିନ ମଜୁରିଆଙ୍କୁ କ୍ୟାଲେଣ୍ଡର ବାଣ୍ଟି ନୀଳଗିରି ଜିଲ୍ଲା ଦାବି ଦୋହରାଇଲେ ଚିତ୍ତ ଷଡ଼ଙ୍ଗୀ



ନୀଳଗିରି , ୧୮/୧ (ନି.ପ୍ର): ବାର୍ଷିକ କ୍ୟାଲେଣ୍ଡର ବାଣ୍ଟି ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜିବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନୀଳଗିରି ଜିଲ୍ଲା ଦାବିକୁ ଆମର ହକ ବୋଲି କ୍ୟାଲେଣ୍ଡର ମାଧ୍ୟମରେ ଦର୍ଶାଇଛନ୍ତି। ବିଗତ ୬ ମାସ ଧରି ନୀଳଗିରି ଗଡଜାତ ଉପଖଣ୍ଡ କୁ ଜିଲ୍ଲା ଦାବି କରି ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ବିଭିନ୍ନ ଆନ୍ଦୋଳନ, ଧାରଣା, ରାଲି ଏବଂ ସଚେତନତା ସଭା ମାନ କରି ଆସୁଥିବା ବେଳେ ଆଜି କ୍ରିୟାନୁଷ୍ଠାନ କମିଟିର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ ନୀଳଗିରିବାସୀଙ୍କୁ କ୍ୟାଲେଣ୍ଡର ବାଣ୍ଟି ସଚେତନ କରିବା ସହିତ ନୀଳଗିରି କୁ ଜିଲ୍ଲା କରିବା ପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କରିବା ସହିତ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି।

## ରେଳ ଧାରଣାରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା, ୧୮/୧ (ନି.ପ୍ର): ଖୋର୍ଦ୍ଧା ରେଳଡିଭିଜନ ଅନ୍ତର୍ଗତ ବାଲୁଗାଁ ରେଳ ଷ୍ଟେସନ ୩ ନମ୍ବର ପ୍ଲାଟଫର୍ମରେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି। ଆଜି ଭୋର ସମୟରେ ଏହି ଅଘଟଣ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ପ୍ଲାଟଫର୍ମରେ ଓହ୍ଲାଉଥିବା ବେଳେ ଅସାବଧାନତା ବଶତଃ ଖସି ପଡିଥିଲେ। ଘଟଣାସ୍ଥଳରେ ତାଙ୍କ ଉପରେ ଟ୍ରେନ ଚଢିଯିବାରୁ ମୃତ୍ୟୁ ଘଟିଥିବା କେତେକ ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ଜିଆରପି ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାପଡିଛି। ତେବେ ମୃତ ବ୍ୟକ୍ତିଙ୍କ ନିକଟରେ ଏକ ମୋବାଇଲ ଫୋନ ପଡ଼ିଥିବା ବାଲୁଗାଁ ଆରପିଏଫ ସୂଚନା ଦେଇଛି।

# ପୂର୍ବତଟ ରେଳପଥ ପକ୍ଷରୁ ୪୬ ଜଣ ରେଳ କର୍ମଚାରୀ ସମ୍ମାନିତ



ଭୁବନେଶ୍ୱର, ୧୮/୧ (ନି.ପ୍ର): ପୂର୍ବ ତଟ ରେଳପଥ ବୁଧବାର ଭୁବନେଶ୍ୱରର ରେଳ ଅଡିଟୋରିୟମ ଠାରେ ବିଶିଷ୍ଟ ରେଳ ସେବା - ୨୦୨୩ ପୁରସ୍କାର ସମାରୋହ ପାଳନ କରିଛି। ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକମନୋଜ ଶର୍ମା ସମସ୍ତ ରେଳବାଇ କର୍ମଚାରୀଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ସେବା ମନୋଭାବକୁ ପ୍ରଶଂସା କରିବା ସହିତ ନିଷ୍ଠାପର ସେବା ଓ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ ହୋଇଥିବା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ଶର୍ମା ଉତ୍ସର୍ଗୀକୃତ, ନିଷ୍ଠାପର ସେବା ଓ କାର୍ଯ୍ୟଦକ୍ଷତା ସହିତ ଉଲ୍ଲେଖନୀୟ ଅବଦାନ ପାଇଁ ମହାପ୍ରବନ୍ଧକଙ୍କ ବିଶେଷ ପୁରସ୍କାର 'ବିଶିଷ୍ଟ ରେଳ ସେବା ପୁରସ୍କାର' ରେଳବାଇ କର୍ମଚାରୀମାନଙ୍କୁ ପ୍ରଦାନ କରି ସମ୍ମାନିତ କରିଛନ୍ତି । ସମୁଦାୟ ୪୬ ଜଣ ରେଳ କର୍ମଚାରୀଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଦୁଇଟି ଦଳଗତ ପୁରସ୍କାର ପ୍ରଦାନ କରାଯାଇଅଛି ଯେଉଁ ମାନେ ସଙ୍କଟ ସମୟରେ ରେଳ ଟ୍ରାଫିକ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ରହି ଦିନ ରାତି କଠିନ ପରିଶ୍ରମ କରି ରେଳ ଯାତାୟାତ କୁ ସ୍ୱାଭାବିକ କରିବାପାଇଁ ଉଲ୍ଲେଖନୀୟ ଅବଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ଦକ୍ଷତା ଶୀଲଡ଼ ପ୍ରଦାନ କରାଯାଇଥିଲା । ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳକୁ ପୂର୍ବତଟ ରେଳପଥର ସର୍ବୋତମ ମାନ୍ୟତା ଦିଆଯାଇ ସାମଗ୍ରିକ ଦକ୍ଷତା ଶୀଲଡ଼ ପ୍ରଦାନ କରାଯାଇଥିଲା। ୱାଲଟିୟର ରେଳ ମଣ୍ଡଳର ଶ୍ରୀକାକୁଲମ୍ ରୋଡ୍ ରେଳ ଷ୍ଟେସନ୍ କୁ ବଡ଼ ଷ୍ଟେସନ ବର୍ଗରେ ଏବଂ ସମ୍ବଲପୁର ରେଳ ମଣ୍ଡଳର ବରଗଡ ରୋଡ୍ ଷ୍ଟେସନ୍ କୁ ଛୋଟ ଷ୍ଟେସନ ବର୍ଗରେ ଶ୍ରେଷ୍ଠ ପରିଚ୍ଛନ୍ନତା କ୍ଷେତ୍ରରେ କ୍ଲିନଲିନେସ ସିଲ୍ଡ ପ୍ରଦାନ କରାଯାଇଛି। ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୩ ଉତ୍ସବରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ସଭାପତି ଶ୍ରୀମତୀ ଦିବ୍ୟା ଶର୍ମା, ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଯୋଗଦାନ କରିଥିବାବେଳେ ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଓ ୱାଲଟିୟର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ଅନ୍ୟାନ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୩ ସମାରୋହରେ ପୂର୍ବତଟ ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ସଞ୍ଜୟ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଏହି ଅବସରରେ ତାଙ୍କର ବକ୍ତବ୍ୟରେ ପୁରସ୍କାର ଗ୍ରହଣ କରିଥିବା ରେଳ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ରେଳପଥର ଉପ ମହାପ୍ରବନ୍ଧକ ବିଶ୍ୱଜିତ୍ ସାହୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିକ୍ରମା ପ୍ରକଳ୍ପ ନେଇ ନାଟକ ପାତାଳୀ ଶ୍ରୀକ୍ଷେତ୍ର ମଂଚସ୍ଥ

ମାଲକାନଗିରି, ୧୮/୧ (ନି.ପ୍ର): ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ନେଇ ଜିଲ୍ଲା ସଂସ୍କୃତି ଭବନ ଠାରେ ନାଟକ ପାତାଳୀ ଶ୍ରୀକ୍ଷେତ୍ର ମଂଚସ୍ଥ ହୋଇଛି। ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଗୋଲଡ୍ଡେନ ମିଗ୍ କଳା ପରିଷଦର ସହଯୋଗରେ ଏହି ନାଟକ ପରିବେଷଣ କରାଯାଇଥିଲା । ଏହି ନାଟକକୁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ବେଦବର ପ୍ରଧାନ ଉଦଘାଟନ କରିଥିଲେ । ଜଗନ୍ନାଥ ସଂସ୍କୃତିକୁ ବଂଚାଇ ରଖିବା ପାଇଁ ସମସ୍ତଙ୍କର ପ୍ରୟାସ ଆବଶ୍ୟକ ଯଦ୍ୱାରା ଆମ ସଂସ୍କୃତି ବିଶ୍ୱ ଦରବାରରେ ବଜାୟ ରହିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ କିଭଳି ଶ୍ରୀ ଜଗନ୍ନାଥଙ୍କୁ ପାତାଳୀ କରାଯାଇଥିଲା ଏବଂ ଯାଜପୁର ନରେଶ ଯଯାତି କେଶରୀଙ୍କ ଦ୍ୱାରା ମହାପ୍ରଭୁଙ୍କ ଦାରୁ ବିଗ୍ରହଙ୍କୁ ଶ୍ରୀ ମନ୍ଦିରରେ ପୁନଃ ପ୍ରତିଷ୍ଠା କରାଯାଇଥିଲା, ସେହି କାହାଣୀକୁ ନେଇ ନାଟକ ମଂଚସ୍ଥ ହୋଇଥିଲା। ସଂସ୍କୃତି ଭବନରେ ଏକ ଆଧାତ୍ମିକ ଓ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

# ଜାନୁଆରୀ ୨୪ ତାରିଖରେ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ୫ କିଲୋମିଟର ଦୌଡ/ପଦଯାତ୍ରାର ଆୟୋଜନ

ରାଉରକେଲା, ୧୮/୧ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସେଲ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଜାନୁୟାରୀ ୨୪ ତାରିଖରେ ସେଲ ପରିବାରର ସଦସ୍ୟଙ୍କ ପାଇଁ ୫ କିଲୋମିଟର ଦୌଡ ଏବଂ ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମ ସକାଳ ୮ ଟାରେ ଇସ୍କାତ ଷ୍ଟାଡିୟମ, ସେକ୍ଟର ୬ ରୁ ଆରମ୍ଭ ହେବ। ଅଂଶ ଗ୍ରହଣକାରୀମାନେ ବୟସ ବର୍ଗ ଅନୁଯାୟୀ ବିଭିନ୍ନ ବର୍ଗରେ ଇଭେଣ୍ଟରେ ଅଂଶଗ୍ରହଣ କରିପାରିବେ। ଇସ୍ପାତ ସହରରେ ରହୁଥିବା ଆଗ୍ରହୀ ସେଲ ପରିବାର ସଦସ୍ୟମାନେ ସେମାନଙ୍କ ଏଣ୍ଟ୍ରିଗୁଡ଼ିକ ନିଜନିଜ ବିଭାଗ ମୁଖ୍ୟଙ୍କ ଠାରୁ ଫରୱାର୍ଡ କରି ଜିଏମ୍ ଇନ୍-ଚାର୍ଜ, (ଏଚଏ, ପିଏଚ୍ଏସ୍, ସମାଜ କଲ୍ୟାଣ,କ୍ରୀଡା ଓ ବିମାନବନ୍ଦର), କ୍ରୀଡା ବିଭାଗ, ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ସେକ୍ଟର-୫ଙ୍କ ନିକଟକୁ ଜାନୁଆରୀ ୨୧ ତାରିଖ ସୁଦ୍ଧା ପଠାଇବାକୁ ଅନୁରୋଧ କରାଯାଇଛି। ଏହି ପ୍ରତିଯୋଗିତା ରାଉରକେଲା ଏବଂ ନିକଟବର୍ତ୍ତୀ ଅଞ୍ଚଳର ସମସ୍ତ ସ୍କୁଲ ଏବଂ କଲେଜ ପାଇଁ ମଧ୍ୟ ଉନ୍ମୁକ୍ତ ରହିଛି। ଶିକ୍ଷାନୁଷ୍ଠାନଗୁଡ଼ିକର ମୁଖ୍ୟମାନେ ଉପରୋକ୍ତ ଠିକଣାକୁ ସେମାନଙ୍କର ଏଣ୍ଟ୍ରି ପଠାଇବା ଆବଶ୍ୟକ ଅଟେ। ଏଥିରେ ଆରଏସପି ଏବଂ ଶିକ୍ଷାନୁଷ୍ଠାନର ଶ୍ରେଷ୍ଠ ଅଂଶଗ୍ରହଣକାରୀ ଦଳଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏହି ଦୌଡ/ପଦଯାତ୍ରା ପରେ ପରେ ସମାନ ସ୍ଥାନରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ। ଏହି ପୁରସ୍କାର ବ୍ୟତୀତ, ପୁରୁଷ ଏବଂ ମହିଳା ବର୍ଗରେ ଅଂଶଗ୍ରହଣମାନେ ମଧ୍ୟ କର୍ପୋରେଟ୍ ସ୍ପୋର୍ଟସ୍ ବିଭାଗ ଠାରୁ ନଗଦ ପୁରସ୍କାର ଜିତିବାର ସୁଯୋଗ ପାଇବେ ଯଦି ସେମାନେ ସମସ୍ତ ସେଲ ୟୁନିଟ୍ଗୁଡିକର ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସମୟ ମଧ୍ୟରେ ଦୌଡ/ପଦଯାତ୍ରା ଶେଷ କରିବେ। ଅଂଶଗ୍ରହଣକାରୀଙ୍କୁ ଜାନୁଆରୀ ୨୪ ତାରିଖରେ ପୂର୍ବାହ୍ନ ୭ ଘଟିକା ସୁଧା ଷ୍ଟାଡିୟମଠାରେ ରିପୋର୍ଟ କରିବା ଆବଶ୍ୟକ ଅଟେ।

## ପୁଲିସ ସହାୟତାରେ ଲୁନା ସହ ସାମଗ୍ରୀ ଫେରି ପାଇଲେ ବ୍ୟବସାୟୀ

କୋରାଇ, ୧୮/୧ (ନି.ପ୍ର): ପୁଲିସ ସହାୟତାରେ ନିଜର ହଜାଇଥିବା ଲୁନା ଓ ଲୁଗାପଟା ସାମଗ୍ରୀ ଫେରିପାଇଛନ୍ତି ବ୍ୟବସାୟୀ । କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ଗ୍ରାମର କୃପାସିନ୍ଧୁ ବେହେରା ଗାଁ ଗଣ୍ଡାରେ ବୁଲି ଏକ ଲୁନା ଯୋଗେ ଲୁଗା ବ୍ୟବସାୟ କରନ୍ତି । କୃପାସିନ୍ଧୁ ପାଣିକୋଇଲି ଅଂଚଳରୁ ବ୍ୟବସାୟ ସାରି ଘରକୁ ଫେରୁଥିବାବେଳେ ପାଣିକୋଇଲି ସର୍ଭିସ ରୋଡରେ ହଠାତ ତାଙ୍କ ମୁଣ୍ଡ ବୁଲାଇବାରୁ ସେ ତଳେ ପଡି ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ। ହେଲେ ଡାକ୍ତରଖାନାରୁ ଫେରିବା ପରେ ତାଙ୍କ ଲୁନା ଓ ଲୁଗା ସାମଗ୍ରୀ କ୍ଯେଉଁଠି ଅଛି ବା ଦୁର୍ଘଟଣାସ୍ଥଳ ମଧ୍ୟ କେଉଁଠି କହିପାରି ନଥିଲେ। ଏନେଇ ସେ ପାଣିକୋଇଲି ଥାନାରେ ପହଂଚି ଅଭିଯୋଗ କରିଥିଲେ। ରାଜପଥ ପୋଟ୍ରୋଲିଙ୍ଗ ଅଧିକାରୀ ଅଶୋକ କୁମାର ବଳ ଲୁନା ଓ ସାମଗ୍ରୀ ଠାବ କରି କୃପାସିନ୍ଧୁଙ୍କୁ ହସ୍ତାନ୍ତର କରିଛନ୍ତି। କୃପାସିନ୍ଧୁ ତାଙ୍କ ଲୁନା ଓ ସାମଗ୍ରୀ ଫେରିପାଇବା ପରେ ପୁଲିସ ପ୍ରତି କୃତଜ୍ଞତା ଜଣାଇଛନ୍ତି।

# ଓଡିଶାରୁ ରାମଲଲାଙ୍କ ପାଇଁ ଅଯୋଧ୍ୟା ଗଲା ଅହିଂସା ସିଲିକ୍ ଖଣ୍ଡୁଆ ପାଟ ବସ୍ତ୍ର

ଭୁବନେଶ୍ୱର, ୧୮/୧ (ନି.ପ୍ର): ପ୍ରଭୁ ଶ୍ରୀରାମଙ୍କ ଆଗମନ ପାଇଁ ଉତ୍ସବ ମୁଖର ହୋଇ ଉଠିଛି ଅଯୋଧ୍ୟା। ଦେଶ ବିଦେଶର ବିଭିନ୍ନ କୋଣ ଅନୁକୋଣରୁ ଭକ୍ତ ମାନେ ପ୍ରଭୁ ଶ୍ରୀରାମଙ୍କ ପାଇଁ ନାନା ସାମଗ୍ରୀ ପହଂଚାଉଥିବା ବେଳେ ଓଡିଶାରୁ ରାମଲଲାଙ୍କ ପାଇଁ ଅହିଂସା ସିଲିକ୍ ଖଣ୍ଡୁଆ ପାଟ ବସ୍ତ୍ର ପ୍ରସ୍ତୁତ କରାଯାଇଛି । ବ୍ରତ ଓ ବିଧି ପାଳନ ପୂର୍ବକ ନୂଆପାଟଣା,କଟକର ତନ୍ତ ଶିଳ୍ପୀ ଏହି ଅହିଂସା ସିଲିକ୍ ଖଣ୍ଡୁଆ ପାଟ ବସ୍ତ୍ର ପ୍ରସ୍ତୁତ କରିଛନ୍ତି। ମୁଖ୍ୟ କାରିଗର ଅର୍ଜୁନ ପାଲଙ୍କ ନେତୃତ୍ୱରେ ୧୧ ଜଣ କାରିଗର ହେମନ୍ତ କୁମାର କୁଣ୍ଡୁ, ରମାକାନ୍ତ ତୋଷ, ଶରତ କୁମାର ବେହେରା, ମନୋରଂଜନ ତୋଷ, ପ୍ରସନ୍ନ କୁମାର ନନ୍ଦି, ନିରଞ୍ଜନ ପାତ୍ର, ଆକାଶ କୁଣ୍ଡୁ, ତ୍ରିନାଥ ନନ୍ଦି, ନରେଶ ତୋଷ, ସବ୍ୟଶଚୀ ପାତ୍ର, କେଶବ ଚନ୍ଦ୍ର ପାତ୍ର ପ୍ରମୁଖ ନିଷ୍ଠାର ସହିତ ୧୫ ଦିନ ଧରି ଦିନରାତି ପରିଶ୍ରମ କରି ଏହାକୁ ତିଆରି କରିଛନ୍ତି । ଖଣ୍ଡୁଆ ପାଟ ପାଇଁ ନୂଆପାଟଣା ଭାରତ ବିଖ୍ୟାତ । ଏହି ଖ୍ୟାତି ଏବେ ବହୁଗୁଣିତ ହେବାକୁ ଯାଉଛି ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ । ଓଡ଼ିଶାର କାରିଗର ବି ନିଜ ପ୍ରତିଭା ଓ କଳା ମାଧ୍ୟମରେ ରାମଲଲାଙ୍କ ଲାଗି କିଛି ନୂଆ କରିଛନ୍ତି । ଓଡ଼ିଶାର ପ୍ରସିଦ୍ଧ ଏହି ଅହିଂସା ସିଲିକ୍ ଖଣ୍ଡୁଆ ପାଟ ଏକ ନିଆରା ବସ୍ତ୍ର। ଖଣ୍ଡୁଆ ପାଟ ବସ୍ତ୍ର ନୂଆପାଟଣାସ୍ଥିତ ଶ୍ରୀରାମ ମନ୍ଦିରରେ ପୂଜା ଅର୍ଚ୍ଚନା ଯଜ୍ଞ କରାଯାଇ ସଂକୀର୍ତନ ସହ ଗ୍ରାମ ପରିକ୍ରମା କରି ଆସି ଭୁବନେଶ୍ୱର ଖାରବେଳନଗର ସ୍ଥିତ ରାମ ମନ୍ଦିରରେ ପହଁଚିଥିଲେ । ଭୁବନେଶ୍ୱର ସ୍ଥିତ ରାମ ମନ୍ଦିରର ମୁଖ୍ୟ ପୂଜକଙ୍କ ଦ୍ୱାରା ଭଗବାନ ଶ୍ରୀରାମଙ୍କ ପାଖରେ ପୂଜା ସମ୍ପାଦିତ କରାଯାଇଥିଲା ।

## ଓଡ଼ିଶୀ ନୃତ୍ୟ ମହାକୁମ୍ଭରେ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଆରମ୍ଭ

ଭୁବନେଶ୍ୱର, ୧୮/୧ (ନି.ପ୍ର): ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଆୟୋଜିତ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବ ଆଜିଠାରୁ ତିନିଦିନ ଧରି ଚାଲିବ।

ଉଦ୍‌ଘାଟନୀ ସନ୍ଧ୍ୟାର ଅତିଥିମାନେ ଥିଲେ ଭିନ୍ନକ୍ଷମ, ସାମାଜିକ ସୁରକ୍ଷା, ସଶକ୍ତିକରଣ, ସରକାରୀ ଉଦ୍ୟୋଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା; ଓଡ଼ିଶାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ସୁଜାତା ରାଉତ କାର୍ତିକେୟନ; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ; ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି ଗୁରୁ ଅରୁଣା ମହାନ୍ତି ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ କୁମାର ରଥ । ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଶିବ ବନ୍ଦନା - ଶ୍ରୀ ରୁଦ୍ରାଷ୍ଟକମ୍ ଯାହାକୁ ପରିବେଷଣ କରିଥିଲେ ପ୍ରଦୀପ କୁମାର ଦାସ ଓ ସାଥୀ । ପରବର୍ତୀ କାର୍ଯ୍ୟକ୍ରମ ଥିଲା ନୂଆଦିଲ୍ଲୀରୁ ଆସିଥିବା ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ କବିତା ଦ୍ୱିବେଦୀଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ । ତାଙ୍କର ପରିବେଷଣରେ ଥିଲା ଅଭିଶପ୍ତା କେତକୀ ଯାହାର ସଙ୍ଗୀତ ସଂଯୋଜନା ଲକ୍ଷ୍ମୀକାନ୍ତ ପାଲିତ୍ ଓ ନୃତ୍ୟ ସଂରଚନା ନିଜେ କବିତା ଦ୍ୱିବେଦୀ କରିଥିଲେ । ପରେ ପରେ ଯୁଗ୍ମ ନୃତ୍ୟ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରୁ ଆସିଥିବା ଶୋଭା ବିସିତ୍ ଓ ଦୀପିକା ବିସିତ୍‌ଙ୍କ ଦ୍ୱାରା ପ୍ରଥମେ ଶିବଙ୍କ ଉପରେ ନିବଦ୍ଧ ନଟରାଜ ପରିବେଷଣ କରିଥିଲେ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ମାଧବୀ ମୁଦ୍‌ଗଲ୍ ପରେ ପରେ କାଳୀଦାସଙ୍କ ରଚିତ ଅଭିନୟ ବସନ୍ତ ପରିବେଷଣ କରିଥିଲେ । ତାଙ୍କର ଅନ୍ତିମ ଅର୍ଘରେ ଥିଲା ପଲ୍ଲବୀ ଯାହା ରାଗ ଗୁଣ୍ଡକେମର ଓ ତାଳ ତ୍ରୀପଟା ଉପରେ ନିବଦ୍ଧ ଥିଲା । ଶେଷ କାର୍ଯ୍ୟକ୍ରମ ଥିଲା ବାଙ୍ଗାଲୋରରୁ ଆସିଥିବା ମଧୁଲିତା ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟାନ୍ତର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ । ସେମାନେ ପ୍ରଥମେ ଇଶ୍ୱରୀ ଓ ପରେ ପରେ ମହ୍ଲାର ପଲ୍ଲବୀ ପରିବେଷଣ କରିଥିଲେ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ମଧୁଲିତା ମହାପାତ୍ର ଯାହାକୁ ଦର୍ଶକ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ରହି ଉପଭୋଗ କରିଥିଲେ ।

କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ୍। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ଅଧିକାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ନୃତ୍ୟ ଉତ୍ସବର ସିଧା ପ୍ରସାରଣ ଦୂରଦର୍ଶନର କେନ୍ଦ୍ରର ଡ଼ି ଡ଼ି ଭାରତୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସୋସିଆଲ ମିଡ଼ିଆ ପାଲ୍ଟଫର୍ମରେ କରାଯାଉଛି।

## ବ୍ଲକ କଳା ସାଂସ୍କୃତିକ ସଂଘ ସ୍ତରର ପ୍ରଶିକ୍ଷଣ ଶିବିର

ଜୟପୁର, ୧୮/୧ (ନି.ପ୍ର): ବ୍ଲକ କଳା ସାସ୍କୃତିକ ସଂଘ ସ୍ତରର ପ୍ରଶିକ୍ଷଣ ଶିବିର ଆଜି ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ସଭାଗୃହରେ ଆୟୋଜିତ ଶିବିରରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ. ଏସ ନିଶା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ଟଙ୍କଧର ହାଲବା ଜିଲା ପରିଷଦ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଲୋକ କଳା ମାଧ୍ୟମରେ ଗ୍ରାମ ଗ୍ରାମ ବୁଲି ଲୋକଙ୍କୁ ସଚେତନ କରିବା । ଏନେଇ ପ୍ରଶିକ୍ଷଣ ଦିଆଯାଇଛି । ଏଠାରେ ପଞ୍ଜିକୃତ ସମସ୍ତ ଲୋକ କଳା ସଂଘର ସଦସ୍ୟ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏନେଇ ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରେ ଉଦଘାଟନ ହେବ । ଉଦଘାଟନ ପରେ ଫେବୃଆରି ୨୦ ତାରିଖ ଯାଏ ଜୟପୁର ବ୍ଲକର ୨୨ଟି ପଂଚାୟତର ପ୍ରତ୍ୟେକ ଗ୍ରାମରେ ଲୋକ କଳା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିବା ।

# ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓପନ୍ ସ୍କୁଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ରାଉରକେଲା, ୧୮/୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓପନ୍ ସ୍କୁଲ୍ କ୍ରିକେଟ୍ ଟୁର୍ନାମେଣ୍ଟ- ୨୦୨୪ ଜାନୁଆରୀ ୧୬ ତାରିଖରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଆରଏସପି ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ପି କେ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ସହର ସେବା ବିଭାଗର ଜିଏମ୍ ଇନଚାର୍ଜ ଶ୍ରୀ ପି କେ ଦାସ, ବିମାନବନ୍ଦର, କ୍ରୀଡା, ପିଏଚ ଓ ସମାଜ କଲ୍ୟାଣ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଆର କେ ବର୍ମା ଏବଂ ବହୁ ଭେଟେରାନ୍ କ୍ରିକେଟ୍ ଖେଳାଳି ଉପସ୍ଥିତ ଥିଲେ। ମାନ୍ୟଗଣ୍ୟ ବ୍ୟକ୍ତି ବିଜେତା ଏବଂ ରନର୍ସ ଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସିନିୟର ବର୍ଗର ଫାଇନାଲରେ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍, ରାଉରକେଲା ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର ୫ ଦଳକୁ ପରାସ୍ତ କରି ଚମ୍ପିଅନସିପ୍ ଜିତିଥିଲେ । ସେହିଭଳି ସେଣ୍ଟ୍ ପଲ୍ ସ୍କୁଲ୍, ସେକ୍ଟର ୧୯ ଜୁନିୟର ବର୍ଗରେ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର ୫ କୁ ପରାସ୍ତ କରି ବିଜେତା ହୋଇଥିଲେ । ଶ୍ରୀ ଆର କେ ବର୍ମା ଏହି ସମାବେଶକୁ ସ୍ୱାଗତ କରିଥିବାବେଳେ ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ରଘୁନନ୍ଦନ ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରଏସପିର ବହୁ ଅଧିକାରୀ, କୋଚ୍, ମ୍ୟାଚ୍ ଅଧିକାରୀ, ବିଦ୍ୟାଳୟର ପ୍ରତିନିଧୀ, ଛାତ୍ରଛାତ୍ରୀ ଏବଂ କ୍ରୀଡାପ୍ରେମୀ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଜାନୁଆରୀ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଉରକେଲା ଏବଂ ଏହାର ଆଖପାଖର ବିଭିନ୍ନ ବିଦ୍ୟାଳୟର ୧୫ଟି ଟିମ୍ ଅଂଶଗ୍ରହଣ କରିଥିଲେ।

# ହସ୍ପିଟାଲ ପରିସରରୁ ବାଇକ୍ ଚୋରି



ନୀଳଗିରି , ୧୮/୧ (ନି.ପ୍ର): ବରହମପୁର ହସ୍ପିଟାଲ ପରିସରରୁ ଏକ ବାଇକ୍ ଚୋରି ହେବା ଘଟଣା ଅଞ୍ଚଳବାସଙ୍କୁ ଚକିତ କରିଛି। କିଛି ଦିନ ପୂର୍ବରୁ ଲୁଟେରା ମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ନୀଳଗିରିର ବିଭିନ୍ନ ଅଞ୍ଚଳରେ ଏ ଟି ଏମ, କିୟସ୍କୋ ବ୍ୟାଙ୍କ, ରାସ୍ତାରେ ମହିଳାଙ୍କ ଠାରୁ ଲୁଟ୍ କରି ଆତଙ୍କ ଖେଳାଉଥିଲେ। ହେଲେ ସ୍ଥାନୀୟ ପୋଲିସ ଲୁଟ୍ ହେବାର ଖବର ପାଉଥିବା ବେଳେ ମଧ୍ୟ ଲୁଟେରା ମାନଙ୍କୁ ଧରିବାରେ ସେତେଟା ସଫଳ ହୋଇପାରିନାହିଁ ବୋଲି କୁହାଯାଉଛି । ଯାହାଫଳରେ ସାଧାରଣ ଲୋକମାନେ ଘରେ ରହିବା, ରାସ୍ତାରେ ଯାତାୟତ କରିବାକୁ ସୁରକ୍ଷିତ ମଣୁ ନଥିଲେ। ପୋଲିସର ସୁରକ୍ଷା ବ୍ୟବସ୍ଥା ପ୍ରତି ଜନସାଧାରଣ ଆଙ୍ଗୁଳି ଉଠାଇବା ପରେ ପୋଲିସ ଲୁଟେରା ମାନଙ୍କ ଉପରେ କାର୍ଯ୍ୟାନଷ୍ଠାନ ନେବା ପାଇଁ ତତ୍ପରତା ପ୍ରକାଶ ପାଇବା ପରେ ଲୁଟେରା ମାନେ ନୀଳଗିରି ଅଞ୍ଚଳରୁ ସାମାନ୍ୟ ଦେହ ଛପା ଦେବା ପରେ ପୁଣି ସକ୍ରିୟ ହୋଇ ଉଠିଛନ୍ତି। ଗତ ୧୫.୧.୨୦୨୪ତାରିଖ ଦିନ ଦ୍ୱିପ୍ରହର ପୋଲିସ ଆଖିରେ ଧୂଳି ଫିଙ୍ଗି ବରହମପୁର ଡାକ୍ତରଖାନା ପରିସର ଭିତରୁ ଡାକ୍ତରଖାନ କାର୍ଯ୍ୟରତ କର୍ମଚାରୀ ସୁବ୍ରତ କୁମାର ବେହେରା ତାଙ୍କର ଗ୍ଲାମର ଏଫ୍ ଆଇ ମଟର ସାଇକେଲ ଗାଡ଼ିଟି ରଖି କାର୍ଯ୍ୟ କରୁଥିବା ବେଳେ ଲୁଟେରା ଜଣଙ୍କ ଗାଡ଼ିଟି ଚୋରୀ କରିନେଇଥିବା ର ଜଣାପଡ଼ିଛି। ଥାନା ଠାରୁ ୫ଶହ ମିଟର ଦୂରରେ ଥିବା ବରହମପୁର ଡାକ୍ତରଖାନା ପରିସରରୁ ମଟର ସାଇକେଲ ଚୋରି ହେବା ପୋଲିସର ପାରିବା ପାଣିଆ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ବରହମପୁର ଭଳି ଏକ ଛୋଟିଆ ଜାଗାରେ ଥାନାଟିଏ ଥିଲେ ମଧ୍ୟ କର୍ମଚାରୀ ଅଭାବରୁ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ବରହମପୁର ଥାନା ଦାଇତ୍ୱରେ ଥିବା ଥାନା ଅଧିକାରୀ ଥାନା ଅଞ୍ଚଳରେ ଚୋରା ମଦ ବେପାରୀଙ୍କୁ ଖୋଜିଖୋଜି ଧରି ପରୁ ଥିବା ବେଳେ ଗାଡ଼ି ଲୁଟେରା ଙ୍କୁ ଧରି ନପାରିବା ନିଶ୍ଚିତ ଭାବେ ପୋଲିସ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଏନେଇ ଗାଡ଼ି ମାଲିକ ସୁବ୍ରତ କୁମାର ବେହେରା ଠାରେ ଅଭିଯୋଗ କରିବା ପରେ ପୋଲିସ ଡାକ୍ତରଖାନ ପରିସରରେ ଥିବା ସିସି କ୍ୟାମେରାକୁ ଯାଞ୍ଚ କରି ଦୁଇ ଦିନତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କିଏ ସେ ଲୁଟେରା ଅଦ୍ୟାବଧି ଚିହ୍ନଟ କରିନପାରିବା ପୋଲିସ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ତୁଟିବାକୁ ବସିଲାଣି । ଏଠି ପ୍ରଶ୍ନ ଉଠେ ବରହମପୁର ଡାକ୍ତରଖାନା ପରିସରରେ ସିସି କ୍ୟାମେରା ଥିଲେ ମଧ୍ୟ ତାହା ଠିକ୍ ଭାବେ ଦୃଶ୍ୟମାନ ହେଉନଥିବାରୁ ଲୁଟେରା ମାନେ ଚୋରୀ କରିବାକୁ ସଫଳ ହେଉଛନ୍ତି। ଯାହା ଜଣାପଡୁଛି ଡାକ୍ତରଖାନା ପରିସରରେ ଲଗା ଯାଇଥିବା ସିସି କ୍ୟାମେରା କିଣାରେ ଦୁର୍ନୀତି କରାଯାଇ କମ୍ ଦାମରେ ଲଗାଯାଇ ଥିବାର ଅଭିଯୋଗ ହେଉଛି । ଯାହାଜଣାପଡୁଛି ଦିନରେ ଫେରି କରୁଥିବା ଓ ରାଜମିସ୍ତ୍ରୀ କାମ କରୁଥିବା ଲୋକ ମାନଙ୍କୁ ଜଗିଲେ ହୁଏତ ପୋଲିସ କିଛି ମାତ୍ରାରେ ସଫଳ ହୋଇ ପାରନ୍ତା ବୋଲି କୁହାଯାଉଛି। ଦିନ କେଇଟା ପୂର୍ବରୁ ଲୁଟେରା ମାନେ ଭାଲୁକାସୁଣି ଛକ ଏବଂ ପଞ୍ଚଲିଙ୍ଗେଶ୍ୱର ଛକ ରାସ୍ତାରେ ବନ୍ଧୁକ ଦେଖାଇ ସୁନା ଗହଣା ଲୁଟି ନେବା ପୁଣି ବରହମପୁର ଡାକ୍ତରଖାନା ପରିସରରୁ ଗାଡ଼ି ଚୋରୀ ହେବା ଫଳରେ ଲୋକଙ୍କ ଭିତରେ କୋକୁଆ ଭୟ ସୃଷ୍ଟି କରିଛି।

# ବାଲେଶ୍ୱର ବିଭାଜନସ୍ତରୀୟ ପାଣି ପଞ୍ଚାୟତପକ୍ଷ ପାଳନ ଉତ୍ସବ




ବାଲେଶ୍ୱର, ୧୮/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲିଆ ଉଠା ଜଳ ସେଚନ କାର୍ଯ୍ୟାଳୟରେ ୧୬/୦୧/୨୦୨୪ ରିଖରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଉତ୍ସବ ରେ ସଭାପତିତ୍ୱ କରିଥିଲେ ଇଂ ସୁରେଶ ଚନ୍ଦ୍ର ଦେ, ଅର୍ଥାତ୍ ସହକାରୀ ନିର୍ବାହି ଯନ୍ତ୍ରି, ଏପରିକି ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ସରୋଜ କୁମାର ମହାପାତ୍ର ଯୋଗ ଦେଇ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ସରକାର ଯୋଗୁଁ କୃଷକର କିପରି ଉନ୍ନତି ହେବ ସର୍ବଦା ସରକାର ଚିନ୍ତା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ଉପାୟରେ ଚାଷୀଙ୍କୁ ଉଠା ଜଳ ସେଚନ ସାହାଯ୍ୟ ରେ ଚାଷୀଙ୍କୁ ସାହାଯ୍ୟ କରୁଛନ୍ତି । ଏପରିକି କୃଷି ଶିଳ୍ପ ନିଗମ କନିଷ୍ଠ ଯନ୍ତ୍ରି ଶ୍ରୀଯୁକ୍ତ ଯୁଗ ଜ୍ୟୋତି ପଣ୍ଡା , ଜିଲ୍ଲା କୃଷି ଶିଳ୍ପ ଅଧିକାରୀ ଶ୍ରୀଯୁକ୍ତ ଆଶିଷ କୁମାର ସିଂ, ଓ କୃଷି ଅଧିକାରୀ ବାଲେଶ୍ୱର ଶ୍ରୀଯୁକ୍ତ ସରୋଜ କୁମାର ଗିରି , କୃଷି ଅଧିକାରୀ ସଦର ବ୍ଲକ ହାଡ଼ି ବନ୍ଧୁ ପଣ୍ଡା , ଓ କୃଷି ଅଧିକାରୀ ରେମୁଣା ବ୍ଲକ ନୀଳିମା ପ୍ରିୟଦର୍ଶିନୀ ମହାପାତ୍ର , ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ମିରାମ୍ଭିକା ସାହୁ , ଅତିରିକ୍ତ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଶ୍ରୀଯୁକ୍ତ ପ୍ରଦୀପ କୁମାର ବଳ ପ୍ରମୁଖ ଅଂଶ ଗ୍ରହଣ କରି ଉଠା ଜଳସେଚନ ମାଧ୍ୟମରେ ବର୍ଷା ଓ ବନ୍ୟା ସମୟରେ ମଧ କୃଷକର କୌଣସି ବିନା ବାଧା ବିଘ୍ନରେ ଚାଷ କରିବା ଓ ଲାଭ ବାନ ହେବେ ସେ ବିଷୟରେ ଆଲୋକପାତ କରିଥିଲେ । ଏପରିକି ସର୍ବ ଶେଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ ( ନୀଳଗିରି ) ଇଂ ଅଙ୍କିତା ନାୟକ ଧନ୍ୟବାଦ୍ ଦେଇଥିଲେ ଓ ବାଲିଆ ଉଠା ଜଳସେଚନ ସମସ୍ତ କର୍ମଚାରୀ ମାନେ ସଭା କାର୍ଯ୍ୟ ପରିଚାଳନା ରେ ସୋହଯୋଗ କରିଥିଲେ ।

# ସିପିପି-୧ ବିଭାଗରେ ଆୟୋଜିତ ସମାରୋହରେ ଆରପିଏଲ ସାର୍ଟିଫିକେଟ୍ ପ୍ରଦାନ

ରାଉରକେଲା, ୧୮/୧ (ନି.ପ୍ର): ଆରପିଏଲ୍ ତାଲିମ ସଫଳତାର ସହିତ ସମାପ୍ତ କରିଥିବା ସିପିପି-୧ ବିଭାଗର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଥିବା ୧୮ ଜଣ ଠିକା ଶ୍ରମିକ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଆଇରନ୍ ଏବଂ ଷ୍ଟିଲ୍ ସେକ୍ଟର ସ୍କିଲ୍ କାଉନସିଲ୍ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଇଲେକ୍ଟ୍ରିକଲ ଓ ପାୱାର ବିଭାଗର ସିଜିଏମ୍ ଶ୍ରୀ ବି ଏସ କାର୍ଥା ଏବଂ ଏଚଆରଡ଼ି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଠିକା ଶ୍ରମିକ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏଚଆରଡ଼ି ବିଭାଗର ଜିଏମ ଶ୍ରୀ ଏଚ୍ ଏନ ପତି, ଶ୍ରୀ ଏସ କୋଣ୍ଡା, ସିପିପିପ୧ ଅପରେସନ ଓ ରକ୍ଷଣାବେକ୍ଷଣ ବିଭାଗର ଜିଏମ୍ , ଶ୍ରୀ ଏନ ସି ପରିଡା, ଏଚଆରଡ଼ି ଓ ସିପିପି-୧ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଏଚଆରଡ଼ି ବିଭାଗର ମ୍ୟାନେଜର ସୁଶ୍ରୀ ବିନୀତା ତିର୍କୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଭାଗର ଜୁନିଅର ଅଫିସର ଶ୍ରୀ ଆଲୋକ ବେହେରା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ସିପିପି-୧ ବିଭାଗର ଶ୍ରୀ ଏସ ଏସ ଏସ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ସମସ୍ତ ଠିକା ଶ୍ରମିକମାନେ ଡୋମେନ୍ ଦକ୍ଷତା ଏବଂ ସୂକ୍ଷ୍ମ ଦକ୍ଷତା ଉପରେ ତାଲିମ ପ୍ରାପ୍ତ ହୋଇଥିଲେ । ପାଠ୍ୟକ୍ରମ ସମୟରେ ସେମାନଙ୍କୁ ଉଦ୍ୟୋଗୀ ପରାମର୍ଶ ପ୍ରଦାନ କରାଯାଇଥିଲା । ମୂଲ୍ୟାଙ୍କନ ପରେ ସେମାନେ ସମସ୍ତେ ପ୍ରମାଣପତ୍ର ଲାଭ କରିଛନ୍ତି। ଦେଶର ବିଦ୍ୟମାନ ମାନବ ସମ୍ବଳର ଦକ୍ଷତାକୁ ମାନକ ଜାତୀୟ ଦକ୍ଷତା ଯୋଗ୍ୟତା ଢାଞ୍ଚା ଏନ ଏସ କ୍ୟୁ ଏଫ ସହିତ ସମାନ ଗଢିବା ଏହି ପ୍ରମାଣପତ୍ର ଯୋଗାଇବାର ମୂଳ ଉଦ୍ଦେଶ୍ୟ ରହିଛି ।

## ଶ୍ରୀରାମଙ୍କ ଆଦର୍ଶ ଆଜି ବି ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ପରନ୍ତୁ ଆଜି ଶ୍ରୀରାମଙ୍କ ନାମ ଧରି ନିରୀହ ମଣିଷଙ୍କ ଉପରେ ଅତ୍ୟାଚାର କରିବା, ସେମାନଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଆଘାତ କରିବା କେତେ ଦୂର ତର୍କ ସଙ୍ଗତ। ଶ୍ରୀରାମଙ୍କ ଜୀବନ କାଳ ମଧ୍ୟରେ ମାତ୍ର ଦୁଇ ଥର କ୍ରୋଧିତ ହୋଇଥିବାର ରାମାୟଣରୁ ଜାଣିବାକୁ ମିଳେ । ଯେତେବେଳେ ପ୍ରଭୁ ଶ୍ରୀରାମ ଏବଂ ବାନର ସେନା ସମୁଦ୍ର ଉପରେ ସେତୁ ବନ୍ଧ ବାନ୍ଧିବାରେ ଅସଫଳ ହୋଇଛନ୍ତି ସେତେବେଳେ ଶ୍ରୀରାମ ସମୁଦ୍ର ଦେବଙ୍କୁ ସହାୟତା ପାଇଁ ପ୍ରାର୍ଥନା କରିଥିଲେ ପରନ୍ତୁ ସମୁଦ୍ର ଦେବ ତାଙ୍କୁ ଦର୍ଶନ ନଦେବାରୁ ସେ କ୍ରୋଧିତ ହୋଇ ବ୍ରହ୍ମାସ୍ତ୍ର ଉଠାଇବାକୁ ସ୍ଥିର କରିଥିଲେ ଏହା ଜାଣି ସମୁଦ୍ର ଦେବ ତାଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲେ । ଠିକ୍ ସେମିତି ମାତା ସୀତାଙ୍କୁ ସସମ୍ମାନେ ଫେରାଇ ଦେବାକୁ ରାବଣ ନିକଟକୁ ମଧ ଶ୍ରୀରାମ ଶାନ୍ତି ବାର୍ତ୍ତା ପଠାଇଥିଲେ ପରନ୍ତୁ ଅହଙ୍କାରୀ ରାବଣ ଶ୍ରୀରାମଙ୍କ ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା ଫଳ ସ୍ୱରୂପ ରାମ ରାବଣ ଯୁଦ୍ଧ ହୋଇଥିଲା ଏହି ଯୁଦ୍ଧ ସମୟରେ ଶ୍ରୀରାମ ରୌଦ୍ର ରୂପ ଧାରଣ କରିଥିଲେ । ପରନ୍ତୁ ଆମେ ପ୍ରଭୁ ଶ୍ରୀରାମଙ୍କ ରୌଦ୍ର ରୂପକୁ ନେଇ ବେସ ଉତ୍ସାହିତ ଆମେ ସେଇ ରୌଦ୍ର ରୂପକୁ ନେଇ ଅନ୍ୟକୁ ଡରାଇବାର ପ୍ରୟାସ ଜାରି ରଖିଛୁ ପରନ୍ତୁ ଶ୍ରୀରାମ ସାରା ଜୀବନ ଯେଉଁ ଧୈର୍ଯ୍ୟ, ସହନଶୀଳତା, ବିନମ୍ରତା, ସଂଯମତା ଓ ବିବେକବାନ, ସମାନତା, ତ୍ୟାଗ, ବଳିଦାନର ନିଦର୍ଶନ ଦେଇଛନ୍ତି ସେଥିରୁ ଆମେ କିଛି ଶିକ୍ଷା ଲାଭ କରିବାକୁ ଚେଷ୍ଟା କରି ନାହୁଁ ।

ଶ୍ରୀରାମ ଏମିତି ଏକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଯେ ସେ ଯେତେବେଳେ ବନବାସ ଗଲେ ସାଥିରେ ପତ୍ନୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଥିଲେ ପରନ୍ତୁ ସେ ଯେତେବେଳେ ବନବାସରୁ ଫେରିଲେ ଗୋଟାଏ ସାମ୍ରାଜ୍ୟକୁ ନଷ୍ଟ କରି ଆଉ ଗୋଟେ ସାମ୍ରାଜ୍ୟ ଗଠନ କରି ଏକ ବିଶାଳ ସେନା ସହିତ ।

ଜଣେ ସାଧାରଣ ମାନବ ଭାବେ ଜୀବନ ଯାପନ କରିବା ପାଇଁ ଯେଉଁ ତତ୍ତ୍ୱ, ଆଦର୍ଶ,ନିୟମ ଏବଂ ଦୃଷ୍ଟିକୋଣର ଆବଶ୍ୟକତା ରହିଛି ତାର ଜୀବନ୍ତ ଉଦାହରଣ ଶ୍ରୀରାମ । ନର ରୁ ନାରାୟଣ କେମିତି ହେବାକୁ ପଡ଼େ ତାହା ତାଙ୍କ ଜୀବନୀରୁ ଆମେ ଶିକ୍ଷା ଲାଭ କରିବା ଉଚିତ୍ । ନିଜ ନିଜ ଭିତରେ ଭାତୃତ୍ୱ ଭାବ, ସମ୍ପର୍କକୁ ସରଳତା ଭାବେ ବ୍ୟାଖ୍ୟା କରିବାର କଳା ଏବଂ ମାନବ କଲ୍ୟାଣ କେମିତି କରିହୁଏ ତାର ଶ୍ରେଷ୍ଠତମ ଉଦାହରଣ ଶ୍ରୀରାମ । ପ୍ରତ୍ୟେକ ମାତା ପିତା ଚାହାଁନ୍ତି ତାଙ୍କ ପୁତ୍ର ଭିତରେ ଶ୍ରୀରାମଙ୍କ ଗୁଣ ହେଉ,ସମସ୍ତ ନାରୀ ଚାହାଁନ୍ତି ତାଙ୍କ ପତି ଶ୍ରୀରାମଙ୍କ ଭଳି ଆଦର୍ଶ,ଏକ ପତ୍ନୀ ଧାରି ହୁଅନ୍ତୁ ଏଇଥି ପାଇଁ ଯୁଗ ବିତି ଯାଇଥିଲେ ମଧ ଶ୍ରୀରାମଙ୍କ ଆଦର୍ଶ ଆଜି ବି ପ୍ରାସଙ୍ଗିକ । ନିଜର ମା ଏବଂ ମାତୃଭୂମି ପାଇଁ ଯିଏ ସୁନାର ଲଙ୍କା କୁ ବିଜୟ ଲାଭ କରିବା ପରେ ଗୋଟାଏ କ୍ଷଣରେ ତାକୁ ପରିତ୍ୟାଗ କରି ପାରନ୍ତି ସେ ହେଉଛନ୍ତି ଶ୍ରୀରାମ ଏଥିରୁ ଆମକୁ ପ୍ରେରଣା ମିଳେ ଯେ, ଲୋଭ ଏବଂ ଅନ୍ୟର ସମ୍ପତ୍ତି ଆମକୁ କେବେ ସୁଖ ଶାନ୍ତି ଦେଇ ପାରେନା ।

ବାଲକାଟି,ଆଳି,କେନ୍ଦ୍ରାପଡା
ମୋ.୯୭୧୧୦୬୯୪୨୫

# ବୈଶିଙ୍ଗା ପୁଲିସର ବଡ ସଫଳତା: ଗୋଟିଏ ଦିନରେ ୪ ଅପହୃତ ନାବାଳିକାଙ୍କୁ ଉଦ୍ଧାର

ମୟୁରଭଞ୍ଜ, ୧୮/୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ପୁଲିସର ବଡ଼ ସଫଳତା । ବିଗତ ଦିନରେ ଉକ୍ତ ଥାନା ଇଲାକାର ବିଭିନ୍ନ ସ୍ଥାନରୁ ବିଭିନ୍ନ ସମୟରେ ଅପହୃତ ୪ ନାବାଳିକାଙ୍କୁ ଗୁରୁବାର ଉଦ୍ଧାର କରିଛି ବୈଶିଙ୍ଗା ପୁଲିସ । ପ୍ରାପ୍ତ ସୂଚନା ଅନୁଯାୟୀ ଗତ ବର୍ଷ ସେପ୍ଟେମ୍ବର ମାସ ୨୭ ତାରିଖ ସନ୍ଧ୍ୟାରେ ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଅଞ୍ଚଳରୁ ଜଣେ ୧୫ ବର୍ଷୀୟା ନାବାଳିକାକୁ କେହି ଦୁର୍ବୃତ୍ତ ଅପହରଣ କରିନେଇଥିବା ନେଇ ବୈଶିଙ୍ଗା ଥାନାରେ ପୀଡିତାର ବାପା ଅଭିଯୋଗ କରିଥିଲେ । ପୁଲିସ ଏନେଇ ୩୭୦/୨୩ରେ ଏକ ଅପହରଣ ମାମଲା ରୁଜୁ କରି ପୀଡିତାଙ୍କୁ ଖୋଜିବାର ପ୍ରୟାସ ଆରମ୍ଭ କରିଥିଲା । ସେହିପରି ଗତ ୩ ତାରିଖ ଦିନ ଅପରାହ୍ନରେ ଶାଳଗାଁ ପଞ୍ଚାୟତ ଅଞ୍ଚଳରୁ ଜନୈକା ୧୬ବର୍ଷୀୟା ନାବାଳିକାକୁ ଉକ୍ତ ଅଞ୍ଚଳର ସର୍ବେଶ୍ୱର ଦଳେଇ ଅପହରଣ କରିନେଇଥିବା ନେଇ ପୀଡିତାର ବାପା ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ୧/୨୪ନଂ ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଲ ଏହି ଥାନା ଅଧୀନ ଅଞ୍ଚଳରୁ ଗତ ୩ ତାରିଖ ଦିନ ସନ୍ଧ୍ୟାରେ ୧୪ ବର୍ଷୀୟା ନାବାଳିକାକୁ ଅପହରଣ କରାଯାଇଥିବା ନେଇ ପୀଡିତାର ଭଉଣୀ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ୯/୨୪ନଂ ରେ ପୁଣି ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଅନୁରୂପ ଭାବେ ଏହି ଥାନା ଅଧୀନ ଅଞ୍ଚଳରୁ ଗତ ଡିସେମ୍ବର ମାସ ୩୧ ତାରିଖ ଦିବା ସମୟରେ ୧୭ବର୍ଷୀୟା ନାବାଳିକା ଅପହରଣ ନେଇ ପୀଡିତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏନେଇ ୧୫/୨୪ନଂ ରେ ପୁଣି ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ପୂର୍ବକ ପୀଡିତାକୁ ଖୋଜିବା ଆରମ୍ଭ କରିଥିଲା । ହେଲେ ଚଳିତ ବର୍ଷ ଆରମ୍ଭରୁ ମୟୁରଭଞ୍ଜ ଜିଲ୍ଲାରେ ନୂଆ କରି ନିଯୁକ୍ତ ହୋଇଥିବା ଏସପି ଏସ ସୁଶ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଏସଡିପିଓ ସୁଦର୍ଶନ ଦାଶଙ୍କ ତତ୍ତ୍ୱାବଧାନରେ ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନ ତଦନ୍ତକୁ ବ୍ୟାପକ କରି ଗୁରବାର ଦିନ ବିଭିନ୍ନ ସ୍ଥାନରୁ ଅପହୃତ ୪ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି । ବୈଶିଙ୍ଗା ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ ଏତାଦୃଶ ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟୁଛି । ଥାନା ଅଧିକାରୀ ଶ୍ରୀପ୍ରଧାନ ଅପହରଣରେ ସଂଶ୍ଳିଷ୍ଟ ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି । ସେଥିପାଇଁ ବିଭିନ୍ନ ମହଲରୁ ଥାନା ଅଧିକାରୀଙ୍କୁ କୃତଜ୍ଞାନତା ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କନିଷ୍ଠ ଶିକ୍ଷକ ନିଯୁକ୍ତିରେ...

ଆରଟିଆଇ ଆବେଦନ କରିବାକୁ ଆସିଛନ୍ତି। କନିଷ୍ଠ ଶିକ୍ଷକ ଆଶାୟୀମାନେ ଏ ସମ୍ପର୍କରେ ଜାଣିବା ପାଇଁ ଓସେପା ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ବିଫଳ ହୋଇଥିଲା। ପରେ ସେମାନେ ଫାଇଭ-ଟି ଅଧକ୍ଷଙ୍କ ବାସଭବନ ଆଡ଼କୁ ଯିବା ବେଳେ, ଅଧାବାଟରେ ଅଟକାଇଥିଲା କମିଶନରେଟ୍ ପୁଲିସ। ଏହାପରେ ସେମାନେ ରାସ୍ତାକଡ଼ରେ ଧାରଣାରେ ବସିଥିଲେ। ଏହାପରେ ଡିସିପିଙ୍କ ସହ ଆଲୋଚନା କରି ଗଣଶିକ୍ଷା ବିଭାଗ ସଚିବଙ୍କ ସହ ସେମାନଙ୍କୁ ଆଲୋଚନା ପାଇଁ ନିଆଯାଇଥିବା ସୂଚନା ମିଳିଛି। କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ମେରିଟ୍ ଲିଷ୍ଟ ନେଇ ଆଶାୟୀଙ୍କ ହୋହଲ୍ଲା ପରେ ସ୍ପଷ୍ଟୀକରଣ ରଖିଛି ଓସେପା। ଓସେପା କହିଛି, ଯେଉଁ ଆଡମିଟ କାର୍ଡ କଥା କୁହାଯାଉଛି, ତାହା ଅଟୋମେଟେଡ। ସେହି ଆଡମିଟ କାର୍ଡରେ କିଛି କରିବାର ନାହିଁ। ଲିଖିତ ପରୀକ୍ଷା ବେଳେ ପରୀକ୍ଷାର୍ଥୀଙ୍କ ବାୟୋମେଟ୍ରିକ ଯାଞ୍ଚ ହୋଇଛି। ମେରିଟ ଲିଷ୍ଟରେ ଥିବା ପରୀକ୍ଷାର୍ଥୀଙ୍କ ସାର୍ଟିଫିକେଟ୍ ଯାଞ୍ଚ ହେବ। ଯଦି କାହାର ତ୍ରୁଟି ସାମ୍ନାକୁ ଆସେ ତାଲିକାରୁ ବାଦ ପଡ଼ିବେ। ଜିଲ୍ଲା ଚୟନ ନିଷ୍ପତ୍ତିକୁ ବି ମେରିଟ ତାଲିକାରେ ବିଚାର କରାଯାଇଛି।

### ଧରାପଡ଼ିଲେ ଦୁର୍ଦ୍ଦାନ୍ତ....

ଧରିଥିବା ବେଳେ ୨ ଲକ୍ଷ ୧୫ ହଜାର ଟଙ୍କା ଜବତ କରିଛି। ଏହାଛଡ଼ା ଗୋଟିଏ ନମ୍ବର ବିହୀନ କାର, ମୋବାଇଲ ଫୋନ ଜବତ କରିଛି ପୁଲିସ୍। ଆପାର୍ଟମେଣ୍ଟ ଲୁଟେରାମାନେ ଓଡ଼ିଶା ବ୍ୟତୀତ ଗୁଜରାଟ, ମହାରାଷ୍ଟ୍ର, ପୁନେ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ, ହରିୟାଣାରେ ସକ୍ରିୟ ଅଛନ୍ତି ବୋଲି ଭୁବନେଶ୍ୱର ଡିସିପି କହିଛନ୍ତି। ମିଳିଥିବା ସୂଚନା ଅନୁସାରେ ଗତ ୫ ମାସରେ ଚନ୍ଦକା ଥାନା ଅଞ୍ଚଳର ଏମ୍‌ଜେ ଉଡ୍ସ, ଇନ୍‌ଫୋସିଟି ଥାନା ଅଞ୍ଚଳର ରାଜବାଟିକା, ଭରତପୁର ଥାନାର ଶ୍ରୀକ୍ଷେତ୍ର, ମଞ୍ଚେଶ୍ୱର ଥାନା ଅଞ୍ଚଳର ସ୍ପେସଟାଉନ୍ ଆପାର୍ଟମେଣ୍ଟରୁ ଲୁଟ ହୋଇଥିଲା। ଏହାକୁ ନେଇ ରାଜଧାନୀରେ ହଇଚଇ ସୃଷ୍ଟି ହୋଇଥିଲା। ପୁଲିସ୍ ମଧ ଅଭିଯୁକ୍ତଙ୍କୁ ଧରିପାରିନଥିଲା। ଶେଷରେ ଆପାର୍ଟମେଣ୍ଟବାସୀ ଚୋରଙ୍କ ଫଟୋକୁ ସହର ସାରା ମାରିଥିଲେ। ଏପରି ଧରାଇଦେଲେ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏହା ପରେ କମିଶନରେଟ୍ ପୁଲିସ୍ ତତ୍ପର ହୋଇଥିଲା। ତଦନ୍ତକୁ ଗତିଶୀଳ କରିଥିଲା। ଯେଉଁଥିପାଇଁ ଦୁଇ ଜଣଙ୍କୁ ଧରିବାରେ ସଫଳ ହୋଇଛି ପୁଲିସ୍।

### ଡଙ୍ଗା ଓଲଟି ୧୩ ଛାତ୍ରଛାତ୍ରୀ...

ସେହିପରି ଆହତ ହୋଇଥିବା ଛାତ୍ରଛାତ୍ରୀଙ୍କ ପରିବାରଗୁଡ଼ିକୁ ୫୦ ହଜାର ଟଙ୍କା ଲେଖାଏଁ ଦେବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଉଦ୍ଧାର ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଓ ଆହତଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରିଛନ୍ତି। ବଡ଼ୋଦରା ବିଧାୟକ ଶୈଳେଶ ମେହଟା କହିଛନ୍ତି ଯେ ଏହା ବୋଟ୍ କଣ୍ଟ୍ରାକ୍ଟରଙ୍କ ଭୁଲ୍। ଡଙ୍ଗାଟିରେ କ୍ଷମତାଠାରୁ ଅଧିକ ଲୋକ ବସିଥିଲେ। ସେହି କଣ୍ଟ୍ରାକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

### ଚେତାବନୀର ୨୪ଘଂଟା ପରେ...

ବିରୋଧରେ ଷଡ଼ଯନ୍ତ୍ର କରିବା ସହ ବାରମ୍ବାର ଆକ୍ରମଣ କରୁଛି । ଯାହାକୁ ଖଣ୍ଡନ କରି ଆସୁଛି ଇରାନ । ଭାରତୀୟ ପ୍ରତିରକ୍ଷା ବିଶେଷଜ୍ଞ ଘଟଣାକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି । ଇରାନକୁ ଉସକାଇଛି ପାକିସ୍ତାନ । ଆଗକୁ ପାକିସ୍ତାନ ନିର୍ବାଚନ । ଜନତାଙ୍କ ବିଶ୍ୱାସ ଫେରି ପାଇବା ପାଇଁ ପାକିସ୍ତାନର ଏହା ଏକ ପ୍ରୋପାଗେଣ୍ଡା ହୋଇଥାଇପାରେ ବୋଲି ବିଶେଷଜ୍ଞ ମତ ରଖିଛନ୍ତି । ଘମାଘୋଟ ଆକ୍ରମଣ ଭିତରେ ଯୁଦ୍ଧ ଆଶଙ୍କା ମଧ ଉପଜିଛି । ଏଭଳି ସ୍ଥିତିରେ ଇରାନରୁ ନିଜ ନିଜ ରାଷ୍ଟ୍ରଦୂତଙ୍କୁ ପାକିସ୍ତାନ ଫେରାଇ ଅଣିଛି । ସେପଟେ ଇସଲାମାବାଦରେ ଥିବା ଇରାନ ରାଷ୍ଟ୍ରଦୂତଙ୍କୁ ମଧ ବହିଷ୍କାର କରିଛି ପାକିସ୍ତାନ । ସେପଟେ ଡାବୋସରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ ସମ୍ମିଳନୀକୁ ଅଧାରୁ ଛାଡି ସ୍ୱଦେଶ ଫେରି ଆସିପାରନ୍ତି ପାକିସ୍ତାନା କାମଚଳା ପ୍ରଧାନମନ୍ତ୍ରୀ ଅନୱର ଉଲ ହକ କାକର ।

### ଅଯୋଧ୍ୟା ମନ୍ଦିରରେ ...

ଆଜି ଗଣେଶ ଅମ୍ବିକା ପୂଜା, ବରୁଣ ପୂଜା, ମାତୃକା ପୂଜା, ବ୍ରାହ୍ମଣ ବରଣ ଓ ବାସ୍ତୁ ପୂଜା ସହ ଔପଚାରିକ ଅନୁଷ୍ଠାନ ଆରମ୍ଭ ହେବ। ଆସନ୍ତାକାଲି ହୋମଯଜ୍ଞ ଓ ଅନ୍ୟ ଅନୁଷ୍ଠାନ ହେବ। କୃଷ୍ଣଶିଳାରେ ନିର୍ମିତ ୫ ବର୍ଷୀୟ ଶ୍ରୀରାମଚନ୍ଦ୍ରଙ୍କ ୫୧ ଇଞ୍ଚ ଉଚ୍ଚ ଏବଂ ପ୍ରାୟ ୨ କୁଇଣ୍ଟାଲ ଓଜନର ଏହି ମୂର୍ତ୍ତିକୁ ଟ୍ରକରେ ଢାଙ୍କି ବୁଧବାର ମନ୍ଦିର ପରିସରକୁ ଅଣାଯାଇଥିଲା। କଡ଼ା ସୁରକ୍ଷା ବଳୟରେ ମୂର୍ତ୍ତି ନିର୍ମାଣ ସ୍ଥଳରୁ ମନ୍ଦିର ପରିସରକୁ ଅଣାଯାଇଥିଲା। ଏ ଦୃଶ୍ୟ ଦେଖି ଭାବବିହ୍ୱଳ ହେବା ସହିତ ଜୟ ଶ୍ରୀରାମ ନାରା ଦେଇଥିଲେ ଅଯୋଧ୍ୟାବାସୀ। ସେପଟେ ଗତକାଲି ଦିନ ବେଳା ରାମଲଲାଙ୍କ ଏକ ସୁସଜ୍ଜିତ ରୌପ୍ୟ ବିଗ୍ରହକୁ ମନ୍ଦିର ପରିକ୍ରମା ଓ ପୂଜାର୍ଚ୍ଚନା କରାଯାଇଥିଲା। ରାମଲଲାଙ୍କ ପଥର ପ୍ରତିମା ଖୁବ୍ ଓଜନିଆ ହୋଇଥିବାରୁ, ଏହି ରୂପାରେ ତିଆରି ମୂର୍ତ୍ତିକୁ ଚଳନ୍ତି ବିଗ୍ରହ ଭାବେ ଅନୁଷ୍ଠାନରେ ପୂଜାର୍ଚ୍ଚନା କରାଯିବ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ



ବାସୁଦେବପୁର, ୧୮/୧ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ କଲେଜ ନିକଟସ୍ଥ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଦ୍ୱାବିଂଶ ତମ ବାର୍ଷିକ ଉତ୍ସବ ଓ ୧୬୨ ତମ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଶିକ୍ଷା କେନ୍ଦ୍ରର ସଭାପତି ତାରାକାନ୍ତ ଢ଼ାଙ୍ଗୁଆ ସଭାପତିତ୍ୱ କରିଥିଲେ । କେସି ହାଇସ୍କୁଲ୍‌ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲିକ ମୁଖ୍ୟ ଅତିଥି, ଅଟଳ ବିହାରୀ ମହାବିଦ୍ୟାଳୟର ଅଧ୍ୟାପକ କ୍ରିତି ରଞ୍ଜନ ପଟ୍ଟନାୟକ ମୁଖ୍ୟ ବକ୍ତା, ପ୍ରଭାକର ତ୍ରିପାଠୀ, ବୃନ୍ଦାବନ ବାରିକ, ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସମ୍ପାଦକ ସୁକାନ୍ତ ବାରିକ, ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ପାଣିଗ୍ରାହୀ, ସହ ପ୍ରଧାନ ଆଚାର୍ଯ୍ୟ ଇପ୍ସିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ବସନ୍ତ କୁମାର ରଣା। ସାଂସ୍କୃତିକ କାର୍ଯ୍ୟକ୍ରମ ମହକରେ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା ଓ ଏଥିରେ ନୃତ୍ୟ ନିର୍ଦ୍ଦେଶକ ରାଜେଶ ସାହୁ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଥିଲା ।

## ସାଇବର ସୁରକ୍ଷା ଆଲୋଚନା ଚକ୍ର

ଖଇରା, ୧୮/୧ (ନି.ପ୍ର): ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଖଇରା ଠାରେ ସାଇବର ସୁରକ୍ଷା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମଞ୍ଚ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶରତ କୁମାର ବିଶ୍ୱାଳ ପୌରହିତ୍ୟ କରିଥିଲେ । ହେଲ୍ପେଜ ଇଣ୍ଡିଆର ରାଜ୍ୟ ପ୍ରକଳ୍ପ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ଯୋଗ ଦେଇ ସାଇବର ଅପରାଧି ମାନଙ୍କ ଠାରୁ କିଭଳି ବିରିଷ୍ଠ ନାଗରିକ ମାନେ ସୁରକ୍ଷିତ ରହି ଅନଲାଇନରେ ବିଭିନ୍ନ କାର୍ଯ୍ୟ କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଭିଜୁଆଲ ଜରିଆରେ ଏହା ଉପରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା । ସମ୍ପାଦକ ମୁକ୍ତିକାନ୍ତ ଶତପଥି,ଅନାମ ଚରଣ ପଣ୍ଡା,ବୁଦ୍ଧିରାମ ପାଣିଗ୍ରାହୀ,ଅରୁଣ କୁମାର ସ୍ୱାଇଁ,ପଦ୍ମନାଭ ପଣ୍ଡା,ମହେନ୍ଦ୍ର ପ୍ରସାଦ କବି,ନାରାୟନ ପେଡା ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜ୍ୟୋତିଷ ଶାସ୍ତ୍ରବିତ୍ ଚେମନ ମଢୁଆଲଙ୍କ ପରଲୋକ

ନୀଳଗିରି , ୧୮/୧ (ନି.ପ୍ର): ନୀଳଗିରି ଉପଖଣ୍ଡ ଜୟପୁର ପଂଚାୟତ ଅଧୀନ ଜିରିତାଳ ଗାଁର ଜ୍ୟୋତିଷବିତ୍ ଚେମନ ମଢ଼ୁଆଲଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଶ୍ରୀ ମଧୁଆଳ ପ୍ରାରମ୍ଭରେ ସୋର ତହସିଲରେ ମୋହରିର ଏବଂ ଦୀର୍ଘ ୩୦ ବର୍ଷର ଦକ୍ଷ ଅମିନ ଭାବେ ସୋର,ବାହାନଗା, ଖନ୍ତାପଡା ଅଞ୍ଚଳରେ ବେଶ୍ ସୁପରିଚିତ। ଜ୍ୟୋତିଷ ଶାସ୍ତ୍ରବିତ ଚେମନ୍ ମଢୁଆଲଙ୍କ ବେନ୍ ଷ୍ଟ୍ରୋକରେ ପରଲୋକ ଘଟିଛି। ବେନଷ୍ଟ୍ରୋକ କାରଣରୁ ସେ କିଛି ଦିନ ହେବ ରୋଗାକ୍ରାନ୍ତ ହୋଇ ମେଡ଼ିକାଲ ରେ ଚିକିତ୍ସାଧୀନ ହେଉଥିଲେ। ପରେ ସୁସ୍ଥ ହେବାରୁ ତାଙ୍କୁ ଘରକୁ ପରିବାର ଲୋକେ ନେଇ ଆସିଥିଲେ। ହଠାତ ତାଙ୍କର ବୁଧବାର ରାତି ୧୧ ଟା ସମୟରେ ମୃତ୍ୟୁ ହେବାରୁ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ତାଙ୍କ ନିଜସ୍ୱ ଚେଷ୍ଟାରେ ଗାଁରେ ଗୋଟିଏ ଶିବମନ୍ଦିର ଏବଂ ଗୋଟିଏ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ହୋଇଛି । ଏଥିସହିତ ଗ୍ରାମର ଶକୁନ୍ତଳା ଉଚ୍ଚ ବିଦ୍ୟାଳୟ ନିର୍ମାଣ କରିବାରେ ସେ ଆଗଧାଡିର ଜଣେ ସହଯୋଗୀ ଥିଲେ। ତାଙ୍କର ଏପରି ମୃତ୍ୟୁକୁ ଅଂଚଳବାସୀ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ଗାଁରେ କାନ୍ଦ ବୋବାଳି ରେଫାଟି ପଡୁଛି। ଆଜି ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।ତାଙ୍କ ବଡ ପୁଅ ରତ୍ନାକର ମଢୁଆଳ ମୁଖାଗ୍ନି ଦେଇଛନ୍ତି।

**AFFIDAVIT**

An affidavit before the Executive Magistrate & Tahasildar, Ouapada, Balasore I, Smt. Pratima Behera aged about 35 years W/O- Bhagirathi Behera, Vill-Kaspa, P.o- Fatepur, P.s- Oupada, Dist-Balasore state that my pre-marriage name was Arati Rout which has been mentioned in my study documents and in one postal insurance paper but after marriage my name along with surname is changed in to Pratima Behera. So Smt. Pratima Behera and Arati Rout is one and same person. Henceforth I will be known as Smt. Pratima Behera in all purpose.

**Smt. Pratima Behera**

# ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭଜନ ଓ ଓଡ଼ିଆ କବିତା ଲିଖନ ପ୍ରତିଯୋଗିତା




ଭଦ୍ରକ, ୧୮/୧ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଆନୁକୂଲ୍ୟରେ ଓଡ଼ିଆ ଭଜନ ଓ ଓଡ଼ିଆ କବିତା ଲିଖନ ପ୍ରତିଯୋଗିତା ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ଭାଷାବିତ୍ ଡଃ ପ୍ରମୋଦ କୁମାର ନାୟକ ଯୋଗଦେଇ ଓଡ଼ିଆ ଭାଷାର ପ୍ରସାରନିମିତ୍ତ ଆମ୍ଭମାନଙ୍କୁ ଭାଷା ପ୍ରୀତି ରହିବା ସଂଗେ ସଂଗେ ଓଡ଼ିଆ କହିବା, ଲେଖିବା ଓ ପଢ଼ିବା ନିତ୍ୟାନ୍ତ ଜରୁରୀ। ମୁଖ୍ୟବକ୍ତା ଭାବେ ସମାଜସେବୀ ଶ୍ରୀଯୁକ୍ତ ମଧୁସୂଦନ ତ୍ରିପାଠୀ ଯୋଗଦେଇ ଓଡ଼ିଆ ଭାଷାର ସୃଷ୍ଟି ଓ ଜଗନ୍ନାଥ ଚେତନାର ମହତ୍ତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ନୋଡ଼ାଲ ଅଫିସର ଶ୍ରୀଯୁକ୍ତ ଶୁକଦେବ ପଣ୍ଡା ସଭାର ଆଭିମୁଖ୍ୟ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ଓଡ଼ିଆ ସଂଗୀତ ଓ ଓଡ଼ିଆ କବିତା ଲିଖନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପରିଶେଷରେ ଶ୍ରୀମତୀ ମଞ୍ଜୁଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ଅକ୍ଷୟ କୁମାର ପାଣିଗ୍ରାହୀ, ରଘୁନାଥ ନାୟକ, ଗୌରାଙ୍ଗ ଦାସ ଓ ମିନତୀ ଦାସ ପ୍ରମୁଖ ସଭା ପରିଚ୍ଛଳନା କରିଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୮/୧ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ୍ ଶିବିର ଅଧକ୍ଷା ଡ଼ ପ୍ରମିଳାରାଣୀ ବେହେରାଙ୍କ ପୌରହିତ୍ୟରେ ଉଦ୍‌ଘାଟିତ ହୋଇଯାଇଅଛି । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର୍ ଗୋଲଖ ଚନ୍ଦ୍ର ମହାଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ, ଝିଅମାନଙ୍କୁ ସବୁ ପରିସ୍ଥିତିର ସାମ୍ନା କରିବା ପାଇଁ ମାନସିକ ଓ ଶାରିରୀକ ଭାବେ ଦୃଢ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ , ଶୈକ୍ଷିକ ଅଧିକାରିଣୀ ପ୍ରଫେସର୍ ଜ୍ୟୋତ୍ସ୍ନାମୟୀ ପତି ଯୋଗଦେଇ ଛାତ୍ରୀମାନଙ୍କୁ ଶୃଙ୍ଖଳିତ ଓ ମାର୍ଜିତ ହେବାପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସୌମ୍ୟକାନ୍ତି ମିତାଶ୍ରୀ ଆତ୍ମରକ୍ଷା ତାଲିମ ଶିବିରର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଆତ୍ମରକ୍ଷା ତାଲିମ୍ ଶିବିରର ପ୍ରଶିକ୍ଷିକା ସ୍ମିତିପ୍ରଜ୍ଞା ଖୁଂଟିଆ , ଅପର୍ଣ୍ଣା ସାମନ୍ତରାୟ, କାମିନୀବାଳା ସାହୁ ଉପସ୍ଥିତ ଥିଲେ। ଅଧ୍ୟାପିକା ତେଜସ୍ୱିନୀ ସାମଲ ଧନ୍ୟାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର କନିଷ୍ଠ କିରାଣୀ ବଳରାମ ବାରିକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

# ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ, ରାମରକ୍ଷା ସ୍ତୋତ୍ର ସାମୂହିକ ପାଠ କରନ୍ତୁ : ପ୍ରମିଳା ପଣ୍ଡା

ଉଦଳା, ୧୮/୧ (ନି.ପ୍ର): ଆଗାମି ପୌଷ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ, ବିକ୍ରମ ସମ୍ବତ – ୨୦୮୦, ସୋମବାର (ଦିନାଙ୍କ ୨୨ଜାନୁଆରି ୨୦୨୪) ର ଶୁଭ ଦିନେର ପ୍ରଭୁ ଶ୍ରୀ ରାମଙ୍କ ନୂତନ ବିଗ୍ରହକୁ ଅଯୋଧ୍ୟା ସ୍ଥିତ ଶ୍ରୀରାମ ଜନ୍ମଭୂମିରେ ନିର୍ମିତ ହେଉଥିବା ନୂତନ ମନ୍ଦିରର ଗର୍ଭ ଗୃହେର ବିରାଜିତ କରାଯାଇ ପ୍ରାଣ ପ୍ରତିଷ୍ଠା କରାଯିବ । ଏହି ଅବସରେର ସମଗ୍ର ଭାରତବର୍ଷର୍ରେ ଭଜନ, କିତର୍ନ ଓ ବେଦମନ୍ତ୍ର ଉଚ୍ଚାରଣ ପୂବର୍କ ସାତ୍ୱିକ ବାତାବରଣ ସୃଷ୍ଟି ପାଇଁ ପ୍ରସ୍ତୁତି ପର୍ବ ଅଗେଇ ଚାଲିଛି । ତେବେ ଉଦଳା ସହରେର ଏହାକୁ ସଫଳ କରିବା ପାଇଁ ନିଜେ ନଗରପାଳ ପ୍ରମିଳା ପଣ୍ଡା ଘରକୁ ଘର ବୁଲି ପ୍ରଚାର ପତ୍ର ବାଂଟିବାରେ ଲାଗିଛନ୍ତି । ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ, ରାମରକ୍ଷା ସ୍ତୋତ୍ର ସାମୂହିକ ପାଠ କରିବାକୁ ଶ୍ରୀମତି ପଣ୍ଡା ପରାମର୍ଶ ଦେଉଛନ୍ତି । ସେହିପରି ସନ୍ଧ୍ୟାରେ ଘେର ଦୀପ ଜାଳି ଦୀପୋତ୍ସବ ପାଳନ କରିବାକୁ କହୁଛନ୍ତି । ଦିର୍ଘ ବଷର୍ର ପ୍ରତିକ୍ଷା ପେର ଆଜି ସେହି ଶୁଭ ଦିନ ଆସିଛି, ଗବର୍ର ସହ ନିଜକୁ ହିନ୍ଦୁ ବୋଲି ପରିଚୟ ଦେବା ଓ ସ୍ୱାଭିମାନର ସହ ବଂଚି ରହିବା ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇ ଯାଇଛି ବୋଲି ସେ କହିଛନ୍ତି ।



# କୈଳାସ ଦାସଙ୍କ ପୁସ୍ତକ ଲୋକାର୍ପିତ'



ଭଦ୍ରକ, ୧୮/୧ (ନି.ପ୍ର): ଗରଦପୁର ଦୁର୍ଗା ମଣ୍ଡପ ପରିସରରେ ଶ୍ରୀଯୁକ୍ତ କୈଳାସ ଦାସଙ୍କ ପୁସ୍ତକ 'ବିକଳ୍ପ ମୁହୂର୍ତ୍ତମାନଙ୍କର ପ୍ରେମ' ବରିଷ୍ଠ କଳାକାର ରାମଚନ୍ଦ୍ର ମହାନ୍ତିଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି । ଏହି ଲୋକାର୍ପଣ ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଲୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ କବୟତ୍ରୀ ଶ୍ରୀମତୀ ବିଦ୍ୟୁତ୍‌ଲତା ଦାସ ଓ ଅନ୍ୟତମ ଅତିଥି ଭାବେ ଶ୍ରୀଯୁକ୍ତ ଉଦୟ ମହାନ୍ତି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଧାରାଣୀ ପାଣିଗ୍ରାହୀ, ମଦନ ମୋହନ ମହନ୍ତ, ବିଜୟ ନାୟକ, ଚୂଡ଼ାମଣି ଦାସ, ବିଜୟ ମହାନ୍ତି, ଦିପ୍ତମୟୀ ଦାସ, ବନାନୀ ଦାସ, ଜ୍ୟୋତି ପ୍ରକାଶ ବେହେରା, ସ୍ୱାଗତିକା ମହନ୍ତ, ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମତୀ ସକୁନ୍ତଳା ଦାସ, ବଂଶିଧର ଦାସ, ରସ୍ମିତା ଦାସ ଏହାକୁ ପରିଚାଳନା କରିଥିବାବେଳେ କବି ବିଜୟ ବହଲୀ ଧନ୍ୟବାଦ ଦେଇଥିଲେ ।

# ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଦିନ ମଦ ବିକ୍ରୀ ନିଷେଧ ପାଇଁ 'ମନା'ର ଦାବି

ବାଲେଶ୍ୱର, ୧୮/୧ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା)ର ତା୧୨।୧ ରିଖ ମାସିକ ବୈଠକର ନିଷ୍ପତ୍ତି ଅନୁସାରେ ଚଳିତ ମାସ ୨୨ତାରିଖ ଦିନ ଅଯୋଧ୍ୟା ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବାଲେଶ୍ୱର ସହିତ ସମଗ୍ର ଓଡ଼ିଶାରେ ମଦ ବିକ୍ରୀ ନିଷେଧ ପାଇଁ 'ମନା'ପକ୍ଷରୁ ସରକାରଙ୍କଠାରେ ଦାବିପତ୍ର ସଭାପତି ପ୍ରଭାକର ସାହୁ ଓ ସାଧାରଣ ସଂପାଦିକା ମମତା ମହାପାତ୍ରଙ୍କ ସ୍ୱାକ୍ଷରରେ ପ୍ରଦାନ କରାଯାଇଛି ଏବଂ ଏଥି ନିମନ୍ତେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ମଧ୍ୟ ବିଶେଷ ଅନୁରୋଧ କରାଯାଇଛି । ଗଣମାଧ୍ୟମ ଜରିଆରେ ଜାଣିବାକୁ ମିଳିଲା ଯେ କେନ୍ଦ୍ରାପଡ଼ାର ଜିଲ୍ଲାପାଳ ତାଙ୍କ ଜିଲ୍ଲାରେ ଜଗନ୍ନାଥ ପରିକ୍ରମା ଦିନ ମଦ ବିକ୍ରୀ ନିଷେଧ କରିଥିବାରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରୁ ମଧ୍ୟ ସମୁଚିତ ପଦକ୍ଷେପ ବାଲେଶ୍ୱରବାସୀ ଆଶା କରନ୍ତି । ଏହି ନିଷ୍ପତ୍ତି ଅବସରରେ ସର୍ବଶ୍ରୀ ସୁବ୍ରତ କର, ଗୌରାଙ୍ଗ ପାଣିଗ୍ରାହୀ, ଡ. କ୍ଷିତୀଶ୍ୱର ଦାଶ, ରମେଶ ଚନ୍ଦ୍ର ଜେନା, ଗୀତାଞ୍ଜଳି ସିଂହ, କମଳାକାନ୍ତ ଦାଶ, ପ୍ରଫୁଲ୍ଲ କୁମାର ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ, ଭାରତୀ ପଣ୍ଡା, ରବି ନାରାୟଣ ଭୋଳ, ସନାତନ ଦାସ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଣୀତା ମିଶ୍ର, ମୀନା ସେଠୀ, ପ୍ରଭାକର ସାହୁ(ଖ), କ୍ରୀଷ୍ଣା ଶାହା, ବେଣୁଧର ସାହୁ, ଅବନ୍ତୀ ପ୍ରଧାନ, ନିରଞ୍ଜନ ରାଉତ, ସୀତାରାମ ପ୍ରଧାନ ଓ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ମକର ସଂକ୍ରାନ୍ତିରେ ମହିଳାମାନଙ୍କୁ ନେଇ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ

ନୀଳଗିରି, ୧୮/୧ (ନି.ପ୍ର): ନୀଳଗିରି ଉପଖଣ୍ଡ ବଣସୀମାର ତେଲିପାଳ ପଞ୍ଚାୟତ ଅଧିନ ଗୋହିରା ଗ୍ରାମରେ ରେଡ୍ କ୍ଲବ୍ ଆନୁକୁଲ୍ୟରେ ମକର ମେଳା ଉପଲକ୍ଷେ, ମହିଳାମାନଙ୍କୁ ନେଇ ଏକ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତା ଗତ ୧୬ ଓ ୧୭ ତାରିଖ, ଦୁଇଦିନ ଧରି ଅନୁଷ୍ଠିତ ହୋଇଅଛି । ପ୍ରଥମ ଦିବସରେ ତେଲିପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁରେଶ ଶଙ୍ଖୁଆ ଏହି ଖେଳକୁ ଫିତା କାଟି ଉଦ୍‌ଘାଟନ କରିଥିଲେ । ତତ୍ ପରେ ଉଦ୍‌ଯାପନି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ନେତା ସନ୍ତୋଷ ଖଟୁଆ, ମୁଖ୍ୟବକ୍ତା ବାଲେଶ୍ୱର ଜିଲ୍ଲା ଆଦିବାସୀ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷ ମଦନମୋହନ ମାଝୀ ଓ ସମ୍ମାନିତ ଅତିଥି ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଉପସ୍ଥିତ ରହି ଏହି ପାରମ୍ପାରିକ କାର୍ଯ୍ୟକ୍ରମ ଉପରେ ମନ୍ତବ୍ୟ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ପାରମ୍ପାରିକ ନୃତ୍ୟ ସହିତ ଧୁମୁସା ମାଦଳ ବଜାଇ ଶତାଧିକ ଆଦିବାସୀ ମସଗୁଲ ହୋଇଥିଲେ । ଉକ୍ତ ପର୍ବରେ ନୃତ୍ୟଗୀତ ସହିତ ଲମ୍ଭଡିଆଁ, ଉଚ୍ଚଡିଆଁ, ଦୌଡ ପ୍ରତିଯୋଗିତା ମାନ ପଦର୍ଶିତ ହୋଇଥିବାର ଦେଖିବାକୁ ମିଳିଥିଲା । ଖେଳରେ ଉତିର୍ଣ୍ଣ ହୋଇଥିବା ମହିଳାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ସୋରଜ୍ କୁମାର ହେମ୍ବ୍ରମ, ସମ୍ପାଦକ ଅଶୋକ ମାଝୀ ଙ୍କ ସମେତ ମନୋଜ ଟୁଡୁ, ବାପୁନୁ ମୁମ୍ମୁ, କାହ୍ନୁ ମାଝୀ, ସର୍ବନ୍ ହେମ୍ବ୍ରମ, ନିଲୁ ମାଝୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନିଜସ୍ୱ ହାତ ପାଣ୍ଠିରୁ ଆଲୋକିକରଣ ବ୍ୟବସ୍ଥା କଲେ ଯୁବ ସଂଗଠକ



ବେତନଟୀ, ୧୮/୧ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ନଣ୍ଡାଶୋଳ ଛକ ଠାରେ ଅନେକ ଦିନରୁ ଅନ୍ଧକାର ରହିଥିବା ବେଳେ ବହୁତ ଦିନରୁ ଦାବି ହୋଇ ଆସୁଥିବା ବେଳେ ଆଜି ବଡ଼ସାହି ନିର୍ବାଚନମଣ୍ଡଳୀର ପୂର୍ବତନ ବିଜୁ ଜନତା ଦଳର ରାଜ୍ୟ ଉପ ସଭାପତି ଯୁବ ସଂଗଠକ ଲଲାଟେନ୍ଦୁ ବେହେରା ନିଜସ୍ୱ ହାତ ପାଣ୍ଠି ରୁ ସେଠାରେ ଉଜ୍ଜଳ ଆଲୋକର ବ୍ୟବସ୍ଥା କରିଛନ୍ତି । ଏହି ଆଲୋକ ଲାଗିବା ସମୟରେ ଭବାନୀ ମହାନ୍ତ , ମନମୋହନ ମହାନ୍ତ, ହେମନ୍ତ ମହାନ୍ତ , ଚୈତନ୍ୟ ଟୁଡୁ, ଚନ୍ଦ୍ର ଶେଖର ହେମ୍ବ୍ରମ, ହରେନ୍ଦ୍ର ମହାନ୍ତ , ବାପି ମହାନ୍ତ , ଯିତୁ ହେମ୍ବ୍ରମ, ଦିଲୁ ମହାନ୍ତ , ଗୈରା ମହାନ୍ତ, ଏସ କେ ଆଜାର ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟ ଦେଖି ଯୁବ ସଂଗଠକ ଲଲାଟେନ୍ଦୁ ବେହେରାଙ୍କୁ ଗ୍ରାମବାସୀ ମାନେ ଧନ୍ୟବାଦ ଜଣାଇଛନ୍ତି ।

# ଜୟପୁରରେ ୨.୯ ତୀବ୍ରତାର ଭୂକମ୍ପ

ଜୟପୁର, ୧୮/୧ : ରାଜସ୍ଥାନର ରାଜଧାନୀ ଜୟପୁରରେ ଗୁରୁବାର ସକାଳେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୨.୯ ରେକର୍ଡ ହୋଇଛି । ସକାଳ ୭.୨୬ରେ ଆସିଥିବା ଭୂକମ୍ପର କେନ୍ଦ୍ର ଭୂମି ଠାରୁ ୧୧ କିଲୋମିଟର ତଳେ ରହିଛି ।

ନ୍ୟାସନାଲ ସେଂଟର ଫର୍ ସିସ୍ମୋଲୋଜି ଅନୁସାରେ ଭୂକମ୍ପର କେନ୍ଦ୍ର ଫୁଲେରା ନିକଟରେ ରହିଛି । ତୀବ୍ରତା ବହୁତ କମ୍ ରହିଥିବାରୁ ଲୋକେ ଏହାକୁ ଅନୁଭବ କରିନାହାନ୍ତି ।

# ଝିଅ ପାଇଁ ମାନସିକ ପୂରଣ କଲେ ଯୁବ ଇଂଞ୍ଜିନିୟର: କନ୍ୟା ରତ୍ନ ବୋଲି ପ୍ରମାଣ କଲେ ଦମ୍ପତି



ଲଙ୍ଗଳେଶ୍ୱର , ୧୮/୧ (ନି.ପ୍ର): ବସ୍ତା ବ୍ଲକ ଇଡିଦା ପଞ୍ଚାୟତରେ ରାଜୁଆପଡା ଗ୍ରାମର ଶ୍ରୀ ସିଦ୍ଧି ବିନାୟକଙ୍କ ମନ୍ଦିର(ହରିଦ୍ରା ଗଣେଶ)ପ୍ରତିଷ୍ଠା ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଛି ।ଇଂ ଅଶ୍ୱିନୀ ପଣ୍ଡା ତାଙ୍କର ସହଧର୍ମିଣୀ ଅଞ୍ଜନା ପଣ୍ଡା, ଦମ୍ପତି ନିଜ ଉଦ୍ୟମ ଓ ଅର୍ଥ ଖର୍ଚ୍ଚ କରି ନିଜର ମାନସିକ ପୁରଣ ପାଇଁ ଗ୍ରାମରେ ଏକ ଗଣେଶ ମନ୍ଦିର ପ୍ରତିଷ୍ଠା କରିଛନ୍ତି । ରାଜୁଆପଡାର ଗ୍ରାମବାସୀମାନେ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ ୧୫ ତାରିଖ ସୋମବାର ଅଙ୍କୁରାରୋପଣ ଅଧିବାସ ୧୬ ତାରିଖ ମଙ୍ଗଳବାର ମନ୍ଦିର ପ୍ରାଙ୍ଗଣରେ ରୁଦ୍ରାଭିଷେକ ,୧୭ ତାରିଖ ଗ୍ରାମର ଶତାଧିକ ମହିଳା ଭକ୍ତଙ୍କ କଳସ ଶୋଭାଯାତ୍ରା ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା । ଆଧାତ୍ମିକ ବାତାବରଣ ପରିସରରେ ହୋମ ଯଜ୍ଞ ସଂକୀର୍ତ୍ତନ ଓ ବ୍ରାହ୍ମଣମାନଙ୍କ ବେଦ ପାଠ ରେ ପ୍ରକମ୍ପିତ ହୋଇଉଠିଥିଲା ଆଖପାଖ ଅଞ୍ଚଳ । ଗୁରୁବାର ନବଗ୍ରହ ପ୍ରତିଷ୍ଠା ଓ ପୂର୍ଣ୍ଣ ଆହୁତି ଦିଆଯାଇଛି ।ଇଂ ଶ୍ରୀ ପଣ୍ଡା ଜଣେ ମେଧାବୀ ଛାତ୍ର ଥିଲେ ,ସେ ଶ୍ରୀ ଗଣେଶଙ୍କୁ ଅତ୍ୟନ୍ତ ଭକ୍ତି କରନ୍ତି ।ତାଙ୍କର ପ୍ରଥମେ ଗୋଟିଏ ପୁତ୍ର ସନ୍ତାନ ଅଛି ,ମାତ୍ର ଝିଅ ଟେ ପାଇଁ ସେ ଗଣେଶଙ୍କ ପାଖରେ ମାନସିକ କରିଥିଲେ । ତାଙ୍କର ବିଶ୍ୱାସ, ଭକ୍ତି ଓ ଗଣେଶଙ୍କ ଆର୍ଶୀବାଦ ରୁ କନ୍ୟା ସନ୍ତାନ ଟିଏ ପ୍ରାପ୍ତ ହୋଇଛି ବୋଲି ଏଠାରେ ଜଳନ୍ତ ଉଦାହରଣ । ସମାଜ ରେ ଝିଅ ମାନଙ୍କୁ ହତାଦର କରାଯାଉଥିବା ବେଳେ ଏଠାରେ ଏକ ନିଆରା ପ୍ରୟାସ ଦେଖିବାକୁ ମିଳିଛି । ଝିଅ କୌଣସି ଗୁଣରେ କମ୍ ନୁହନ୍ତି ଏ ପରି ଏକ ନିଆରା ପ୍ରୟାସ କୁ ସମସ୍ତେ ଭୂରି ପ୍ରଶଂସା କରିଛନ୍ତି ବୁଦ୍ଧିଜୀବୀ ।

# ମହତାବ ମହାବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



ଖଇରା, ୧୮/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ନୂଆ ଓ ଭାଷା ସାହିତ୍ୟ ସମ୍ମିଳନୀ ତଥା ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇ ଯାଇଛି । ଅଧ୍ୟକ୍ଷ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ +୩ ବିଭାଗର ନୋଡାଲ ଅଫିସର ଅଧ୍ୟାପିକା ମାଳତୀଲତା ହାତୀ ଓ +୨ ବିଭାଗର ନୋଡାଲ ଅଫିସର ଅଧ୍ୟାପିକା ଡ ଆଭାରାଣୀ ବଳ ପ୍ରମୁଖ ଯୋଗ ଦେଇ ଏଭଳି ପ୍ରତିଯୋଗିତା ଓଡିଆ ଭାଷା ଓ ଜଗନ୍ନାଥ ସଂସ୍କୃତିକୁ ସମୃଦ୍ଧ କରିବ ବୋଲି ପ୍ରକାଶ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ପ୍ରବନ୍ଧ ଲିଖନ, କ୍ଷୁଦ୍ରଗଳ୍ପ ଲିଖନ, କବିତା ପାଠଏବଂ ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପିକା ରଶ୍ମିତା ବିଶ୍ୱାଳ, କସ୍ତୁରୀ ବେହେରା,ପ୍ରାଧ୍ୟାପକ ଲିଙ୍ଗରାଜ କର, ଅଧ୍ୟାପକ ଅଂଶୁମାନ ନାୟକ, ଭକ୍ତବନ୍ଧୁ ସାହୁ,ଅଶୋକ କୁମାର ହାତୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

# ସରକାରୀ ଯୋଜନାରୁ ବଞ୍ଚିତ ପାଳପାଟଣା ଗାଁ

ବଡ଼ସାହି , ୧୮/୧ (ନି.ପ୍ର): ସ୍ୱାଧୀନତାର ୭୬ ବର୍ଷ ପରେ ମଧ ଆଜିବି ଅନେକ ଦୁର୍ଗମ ଅଞ୍ଚଳ ରହିଛି । ଯେଉଁଠି ସରକାରଙ୍କ ବିକାଶ ର ପାଦ ଚିହ୍ନ ବି ପଡି ନାହିଁ । ଏଭଳି ଦୁର୍ଦ୍ଦିନରେ ଜୀବନଯାପନ କରୁଥିବା ଗାଁ ଟି ହେଉଛି । ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ ଅଧିନରେ ଥିବା ଶାଳଗାଁ ପଞ୍ଚାୟତର ପାଳପାଟଣା ଗ୍ରାମ । ଏହି ପାଳପାଟଣା ଗ୍ରାମକୁ ଯାଇଥିବା ରାସ୍ତା ଚାରିଆଡ଼େ ଖାଲଖମାରେ ଭର୍ତ୍ତି ହୋଇପଡ଼ିଛି । ଏହି ଗାଁ କୁ ରୋଗୀଟିଏ ନେବା ପାଇଁ ଆମ୍ବୁଲାନ୍ସ ମଧ ଆସିବାକୁ ଇଚ୍ଛା କରନ୍ତି ନାହିଁ । ଏହା ଗଙ୍ଗାହାର ନଦୀ କୂଳରେ ଅବସ୍ଥାପିତ ହୋଇ ଥିବାରୁ ବନ୍ୟା ସମୟରେ ଏହି ଗାଆଁଟି ସଂମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଏ ଗତ ଫାଇଲିନ୍ ବନ୍ୟା ବେଳେ ଏହି ଗ୍ରାମର ଜଣେ ରୋଗୀଙ୍କ ସହିତ ତିନିଜଣ ସ୍କୁଲ୍ ପିଲା ବନ୍ୟା ପାଣିରେ ଭାସିଯାଇ ମୃତ୍ୟୁବରଣ କରିଥିଲେ । ଆଜି ବି ସେ ଦୁଃଖ ଆଉ ଭୟଙ୍କର ଦୃଶ୍ୟ ଗାଁ ଲୋକମାନଙ୍କ ମନରୁ ଲିଭିନି । କିନ୍ତୁ ଏତେସବୁ ଦୁର୍ଘଟଣା ଘଟିବା ପରେ ମଧ ସରକାରଙ୍କର ବିକାଶ କଣ ଏମାନେ ଜାଣନ୍ତି ନାହିଁ । ତେବେ ଗାଁ କୁ ଭଲ ରାସ୍ତାଟିଏ ପାଇଁ ବ୍ଲକ୍ ଠାରୁ ଜିଲ୍ଲାପାଳ ଏବଂ ୫ଟି ସଚିବ ଙ୍କୁ ଦୁଇ ଦୁଇଥର ଲିଖିତ ଅଭିଯୋଗ ଦେବାପରେ ମଧ ଆଜି ପର୍ଯ୍ୟନ୍ତ ରାସ୍ତା, ପାନୀୟ ଜଳ, ବନ୍ୟା ଆଶ୍ରୟ ସ୍ଥଳୀ ଟିଏ ହୋଇପାରିଲା ନାହିଁ । ତେଣୁ ରାଜ୍ୟ ସରକାରଙ୍କ ଦୀର୍ଘ ବର୍ଷର ଶାସନ ରେ ଏହି ବୁଢ଼ାବଳଙ୍ଗ, ଗଙ୍ଗାହାର ନଦୀ ଘେରି ରହିଥିବା ପାଳପାଟଣା ଗ୍ରାମରେ ଯୋଦି ଏହିସବୁ ସମସ୍ୟାର ସମାଧାନ ସରକାର ନକରନ୍ତି । ତେବେ ଆଗାମୀ ଦିନରେ ଭୋଟ୍ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ସେହିପରି ଏହି ଗ୍ରାମରେ ପାନୀୟ ଜଳର ମଧ ଏକ ବଡ଼ ସମସ୍ୟା ୧୫୦ ରୁ ଉର୍ଦ୍ଧ ପରିବାର ଙ୍କ ପାଇଁ ଏହି ଗ୍ରାମରେ ରହିଛି ମାତ୍ର ୬ ନଳକୂପ । ଆଉ ସେଥିମଧ୍ୟରୁ ଗୋଟିଏ ଅଚଳ ହୋଇ ପଡିଥିବା ବେଳେ ଅନ୍ୟ ୫ଟି ନଳକୂପ ରୁ ବାହାରୁଛି ଗୋଳିଆ ପାଣି ତେଣୁ ଅନ୍ୟ କୌଣସି ବିକଳ୍ପ ନଥିବାରୁ ବାଧ ହୋଇ ଏହି ଗୋଳିଆ ପାଣି ପିଉଛନ୍ତି ଲୋକେ ଆଉ ଅନେକ ସମୟରେ ସକ୍ରାମକ ରୋଗର ଆକ୍ରାନ୍ତ ହେଉଛନ୍ତି । ଏ ସଂପର୍କରେ ବିଡ଼ିଓ ଆକାଶ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ପ୍ରପୋଜାଲ ଯାଇଛି ଅଳ୍ପଦିନ ମଧ୍ୟରେ ପ୍ରାୟ ସବୁ ବ୍ୟବସ୍ଥା ହୋଇଯିବ । ଦେଖାଯାଉ କେତେଦିନ ପରେ ପ୍ରଶାସନର ଏ ଗାଁ ଉପରେ ଦୃଷ୍ଟି ପଡୁଛି ।



# ସଶସ୍ତ୍ର ଦୁର୍ବୃତ୍ତଙ୍କ ଆକ୍ରମଣରେ ୩ ବିଏସଏଫ ଯବାନ ଆହତ

ଇମ୍ଫାଲ, ୧୮/୧ : ମଣିପୁରରେ ସଶସ୍ତ୍ର ଆତତୀୟଙ୍କ ଆକ୍ରମଣରେ ବିଏସଏଫର ୩ଜଣ ଯବାନ ଆହତ ହୋଇଛନ୍ତି । ମଣିପୁର ପୋଲିସ ଗୁରୁବାର ସୂଚନା ଦେଇଛି ଯେ, ରାଜ୍ୟର ଥୌବଲ ଜିଲ୍ଲାର ଖଙ୍ଗାବୋକର ହିଂସକ ଭିଡ ଥୌବଲ ପୋଲିସ ମୁଖ୍ୟାଳୟରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲା । ସୁରକ୍ଷାବଳ ଏହାକୁ ରୋକିବାକୁ ପ୍ରୟାସ କରିଥିଲେ । ଏହି ଭିଡରେ ସାମିଲ ଥିବା ଦୁର୍ବୃତ୍ତଙ୍କ ଗୁଳିରେ ବିଏସଏଫର ୩ଯବାନ କନଷ୍ଟେବଲ ଗୌରବ କୁମାର, ଏଏସଆଇ ସୋମନାଥ ସିଂହ ଓ ଏଏସଆଇ ରାମଜୀ ଆହତ ହୋଇଛନ୍ତି ।

# ଜଳକା ନଦୀରୁ ଉଦ୍ଧାର ହେଲା ବିରଳ ପ୍ରଜାତିର ମାଛ



ବସ୍ତା, ୧୮/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦୁଧହଂସା ପଞ୍ଚାୟତ ଗୋଠ ଗଡିଆ ଗାଁ ଦେଇ ବହିଯାଉଥିବା ଖରସ୍ରୋତା ଜଳକା ନଦୀରୁ ଗୁରୁବାର ସକାଳେ ଏକ ବିରଳ ପ୍ରଜାତିର ମାଛ ଉଦ୍ଧାର କଲେ ସ୍ଥାନୀୟ ଲୋକେ । ଆଜି ସକାଳେ ସ୍ଥାନୀୟ ଅଞ୍ଚଳର କିଛି ପିଲା ନଦୀ ପାଖକୁ ସୈଚ ହେବାପାଇଁ ଯାଇଥିବା ବେଳେ ନଦୀରେ ଏହି ମାଛଟିକୁ ଦେଖି ଗ୍ରାମବାସୀ ଙ୍କୁ ଜଣାଇଥିଲେ, । ଗ୍ରାମବାସୀ ଏହି ମାଛଟିକୁ କୌଣସି ହିଂସ୍ର ଯନ୍ତୁ ଭାବି ଭୟଭୀତ ହୋଇଥଲେ ।ମାତ୍ର କେତେଜଣ ସାହସି ଯୁବକ ଜାଲ ସାହାଯ୍ୟରେ ଧରି ନଳବାହାର ଚନ୍ଦନ ପୋଖରୀରେ ଛାଡିଛନ୍ତି, । ଖବରପାଇ ବାଲେଶ୍ୱର ବନ ବିଭାଗ ଅଧିକାରୀ ପହଞ୍ଚି ଉକ୍ତ ପୋଖରୀରୁ ମାଛଟିକୁ ଧରିବା ପାଇଁ ଚେଷ୍ଟା କରୁଛନ୍ତି ।,ତେବେ ମାଛଟି କେଉଁ ମାଛ ଜଣା ପଡିନଥିବା ବେଳେ କୋଙ୍କି ମଗର ବୋଲି ସ୍ଥାନିୟ ଲୋକେ କହୁଛନ୍ତି । ଲୋକେ,ମାଛକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଲାଗି ରହିଛି ।

# ଦୀନକୃଷ୍ଣ କଲେଜରେ ନୂଆ-ଓ ଓଡିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ଜଳେଶ୍ୱର , ୧୮/୧ (ନି.ପ୍ର): ଦୀନକୃଷ୍ଣ ମହାବିଦ୍ୟାଳୟରେ ନୂଆ-ଓ ଓଡିଆ ସାହିତ୍ୟ ପ୍ରତିଯୋଗୀତା କାର୍ଯ୍ୟକ୍ରମ ଆଜି ଗୁରୁବାର ଉଦ୍‌ଘାଟିତ ହୋଇ ଯାଇଛି । ଅଧ୍ୟକ୍ଷ ଦିଲ୍ଲିପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ହେମନ୍ତ କୁମାର ଘଡାଇ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅଧ୍ୟୟନ ସହିତ ଭାଷା, ସାହିତ୍ୟ, ସଂସ୍କୃତିର ସଂରକ୍ଷଣକୁ ଗୁରୁତ୍ୱ ଦେବାକୁ ଶିକ୍ଷାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ । କ୍ଷେତ୍ରାଧିକାରୀ ଧନେଶ୍ୱର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପାରିଚୟ ପ୍ରଦାନ କରିଥିଲେ । ପରିଚାଳନା ସଭାପତି କମଳାକାନ୍ତ ଚନ୍ଦ, ଜୟ ମହାପାତ୍ର, ଡ. ହିମାଂଶୁ ସାମଲ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡ. ମାନସ ଦାସ, ବିରଞ୍ଚିନାରାୟଣ ସାହୁ, ଦୀପକ ସେନାପତି, ସମିର ଦାସ, ବ୍ରଜମୋହନ ପଟ୍ଟାୟତ, ରାଜେନ୍ଦ୍ର ମାଝି, କୁନାଲ ଖଟୁଆ, ରୋଜି ମଲ୍ଲିକ, ପ୍ରିୟଦର୍ଶନୀ କର, କବିତା ଖୁଣ୍ଟିଆ, ପୂଜା ହାତୀ, ତପନ ପାତ୍ର ପ୍ରମୁଖ ପରିଚଳନା କରିଥିବା ବେଳେ କ୍ଷେତ୍ରାଧିକାରିଣୀ ପୁଷ୍ପାଞ୍ଜଳି ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo